ବର୍ଷ-୨୪, ସଂଖ୍ୟା-୨୧୮
ଭୁବନେଶ୍ୱର
୦୭ ସେପ୍ଟେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 218
Bhubaneswar
07 September, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବକ୍ର ତଣ୍ଡ ମହାକାୟ
ସୂର୍ଯ୍ୟକୋଟି ସମପ୍ରଭ
ନିର୍ବିଘ୍ନ କୁରୁମେ ଦେବ
ସର୍ବ କାର୍ଯ୍ୟେଷୁ ସର୍ବଦା ॥

# ମମତାଙ୍କ ପରେ ବିଜେଡି ଛାଡ଼ିଲେ ସୁଜିତ

**ଭୁବନେଶ୍ୱର/ନୂଆଦିଲ୍ଲୀ,୬।୯(ମହାଭାରତ):** ଧୀରେ ଧୀରେ ଭୁଶୁଡୁଛି ବିଜେଡି ଗଡ଼। ୨୪ ବର୍ଷର ଶାସନର ପତନ ପରେ ବିଜେଡିରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ଘଟିଚାଲିଛି। ଜଣକ ପରେ ଜଣେ ବଡ ନେତା ବିଜେଡିର ହାତ ଛାଡୁଛନ୍ତି। ପ୍ରଥମେ ରାଜ୍ୟସଭା ସଦସ୍ୟ ମମତା ମହାନ୍ତ ଇସ୍ତଫା ଦେବା ପରେ ଏବେ ସୁଜିତ୍ କୁମାର ଦଳକୁ ବାଏ ବାଏ କରିଛନ୍ତି। ଏହା ସହ ସେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ମମତା ଦଳ ଛାଡିବା ପରେ ଯାହା ଚର୍ଚ୍ଚା ହେଉଥିଲା ତାହା ବାସ୍ତବରେ ପରିଣତ ହୋଇଛି। ସୁଜିତ ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଦଳରୁ ବହିଷ୍କାର କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦଳ ଛାଡ଼ିବା ସହ ସେ ବିଜେଡି ବିରୋଧରେ ବିଷ ଓଗାଳିଛନ୍ତି। ମମତା ଓ ସୁଜିତ ଇସ୍ତଫା ଦେବା ପରେ ରାଜ୍ୟସଭାରେ ବିଜେଡିର ସଦସ୍ୟ ସଂଖ୍ୟା ୭କୁ ଖସି ଆସିଛି। ଏବେ ଲୋକସଭାରେ ବିଜେଡିର କୌଣସି ସଦସ୍ୟ ନାହାନ୍ତି।

ଆଜି ବିଜେଡି ଛାଡ଼ିବାର କିଛି ସମୟ ପରେ ସେ ପଦ୍ମ ଧରିଛନ୍ତି। ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କ ଉପସ୍ଥିତରେ ସେ ବିଜେପିରେ ଯୋଗ ଦେଇଛନ୍ତି। ବିଜେପିରେ ଯୋଗ ଦେବା ସୁଜିତ ବିଜେଡି ବିରୋଧରେ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ନିର୍ବାଚନ ପୂର୍ବରୁ ରାଜ୍ୟସଭାରୁ କାଢ଼ି ଦିଆଯିବ ବୋଲି ମୋତେ ଧମକ ଦିଆଯାଇଥିଲା। ପଲିଟିକାଲ କ୍ୟାରିଅର ଶେଷ କରିଦିଆଯିବ କୁହାଯାଇଥିଲା। କଳାହାଣ୍ଡି ଆସି ଜଣେ ରାଜ୍ୟସ୍ତରୀୟ ନେତା ଏକଥା କହିଥିଲେ। ଏହି କଥା ମୋ ମୁହଁରେ କହିନଥିଲେ, ବରଂ ଦଳୀୟ ନେତାଙ୍କୁ ସେ କହିଥିଲେ। ମୋ ସାମ୍ନାରେ ଏକଥା କହିବାର ତାଙ୍କର ସାହସ ନଥିଲା। ନିର୍ବାଚନ ପରେ ମୁଁ ଏକଥା ଦଳର ସୁପ୍ରିମୋଙ୍କୁ ଜଣାଇଥିଲି।

ସୁଜିତ ଆହୁରି କହିଛନ୍ତି,ପ୍ରାୟ ଦେଢ଼ବର୍ଷ ହେଲା ଦଳରେ ମୋତେ ଅଣଦେଖା କରାଯାଉଥିଲା। ଦଳର ଜଣେ ଦୁଇ ଜଣ ବଡ଼ ନେତାଙ୍କର ଗୋଲାମୀ ପାଇଁ ବାଧ କରାଯାଉଥିଲା। କୌଣସି ଦଳୀୟ କାର୍ଯ୍ୟରେ ମୋତେ ସାମିଲ କରାଯାଉନଥିଲା। ସଂପୃକ୍ତ ନେତାଙ୍କୁ ମୁଣ୍ଡିଆ ମାରିବାକୁ କିଛି ନେତା କହୁଥିଲେ। ମୁଁ ବିଦେଶରୁ ପଢ଼ି ଆସିଛି, ଏହା ମୋ ସ୍ୱାଭିମାନକୁ ବାଧିଥିଲା। କାହା ପାଖରେ ଗୋଲାମୀ କରିବା ମୋ ଦ୍ୱାରା ସମ୍ଭବ ନୁହେଁ।

ବିଜେଡି ସରକାରରେ ବ୍ୟାପକ ଦୁର୍ନୀତି, ହରିଲୁଟ ଚାଲିଥିଲା। 'ଜମି, ଛତୁଆ, ଟେଣ୍ଡର ଫିକ୍ସିଂରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ଅନେକ ନେତା, ଅଫିସର ଦୁର୍ନୀତିରେ ସାମିଲ ଅଛନ୍ତି। ଏ ସଂପର୍କରେ ଦଳର ନେତୃତ୍ୱଙ୍କୁ ଜଣାଇବାକୁ ଚେଷ୍ଟା କରିଛି। ବହୁବାର ଜଣାଇବାକୁ ଚେଷ୍ଟା କରି ବି ମୁଁ ବିଫଳ ହୋଇଥିଲି। ଶେଷରେ ବାଧହୋଇ ମୁଁ ଦଳ ଛାଡ଼ିଲି। ମୋ ପାଇଁ ସର୍ବଦା ମାଟି ଆଗରେ ତା' ପରେ ପାର୍ଟି ବୋଲି ସୁଜିତ କହିଛନ୍ତି।

ସୁଜିତ କହିଛନ୍ତି, ମୁଁ ଆଜି ଦେଶର ବଡ଼ ଦଳ ତଥା ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ବିଜେପିରେ ଯୋଗ ଦେଇଛି। ଆଜି ମୋ ପାଇଁ ଖୁସିର ଦିନ। ସୁଜିତ କୁମାର କୁମାର ଆଜି ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏଥିସହ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ସୁଜିତ ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଦଳରୁ ବହିଷ୍କାର କରିଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହାର କିଛି ସମୟ ମଧ୍ୟରେ ସେ ନୂଆଦିଲ୍ଲୀ ସ୍ଥିତ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ବିଜେପିରେ ଯୋଗ ଦେଇଥିଲେ। ୨୦୨୬ରେ ସୁଜିତ କୁମାରଙ୍କ କାର୍ଯ୍ୟକାଳ ସରିଥାନ୍ତା। କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ସୁଜିତ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ମମତା ମହନ୍ତ ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ। ପରେ ସେ ବିଜେଡ଼ି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ବିଜେପି ମମତାଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଥିଲା। ମମତା ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ।




# ପାରା ଅଲିମ୍ପିକ୍ସରେ ଆଉ ଏକ ସ୍ୱର୍ଣ୍ଣ




**ପ୍ୟାରିସ,୬।୯:** ପାରା ଅଲିମ୍ପିକ୍ସରେ ଭାରତର ପଦକ ବର୍ଷା ଜାରି ରହିଛି। ଆଜି ଭାରତ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ପ୍ରବୀଣ କୁମାର। ସେ ପୁରୁଷ ଉଚ୍ଚ ଡିଆଁର ଟି ୬୪ ବର୍ଗରେ ଦେଶ ପାଇଁ ଏପରି ସଫଳତା ଆଣିଛନ୍ତି। ଏଥିସହ ଭାରତର ପଦକ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି।

ଆରମ୍ଭରୁ କମାଲ କରିଥିବା ପ୍ରବୀଣ ୨.୦୮ ମିଟର ଉଚ୍ଚକୁ କ୍ଲିୟର କରିଛନ୍ତି। ଏହାପରେ ସେ ୨.୧୦ ମିଟର ମଧ୍ୟ କ୍ଲିୟର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହା ସଫଳ ହୋଇ ପାରି ନଥିଲା। ତଥାପି ସେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ୨.୦୮ ମିଟର ହେଉଛି ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ପ୍ରବୀଣ କୁମାର ରୌପ୍ୟ ପଦକ ଜିତିଥିଲେ। ଏଥର ଦେଶ ତାଙ୍କ ଠାରୁ ସ୍ୱର୍ଣ୍ଣ ପଦକ ଆଶା ରଖିଥିଲା। ସେ ମଧ୍ୟ ଦେଶବାସୀଙ୍କୁ ସ୍ୱର୍ଣ୍ଣ ଭେଟି ଦେଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଏହା ଭାରତର ୬ଷ୍ଠ ସ୍ୱର୍ଣ୍ଣ ପଦକ। ଭାରତୀୟ ଆଥଲେଟମାନେ ଟୋକିଓରେ ୫ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଏହା ୬ରେ ପହଞ୍ଚି ଗଲାଣି। ସେହିପରି ପ୍ୟାରିସ ପାରା ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୬ରେ ପହଞ୍ଚିଛି। ଟୋକିଓରେ ୧୯ଟି ପଦକ ଜିତିଥିଲା। ହେଲେ ପ୍ୟାରିସରେ ଭାରତୀୟ ଆଥଲେଟମାନେ ୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୧ଟି ବ୍ରୋଞ୍ଜ ଜିତିଛନ୍ତି।

# ଭଦ୍ରକ ଓ ପାରାଦୀପରେ ହେବ ଟେକ୍ସଟାଇଲ ପାର୍କ: ଶ୍ରମ ମନ୍ତ୍ରୀ

**ଭୁବନେଶ୍ୱର, ୬।୯ :** ଭଦ୍ରକରେ ପ୍ରତିଷ୍ଠା ହେବ ଟେକ୍ସଟାଇଲ ପାର୍କ। ଏଥିସହ ପାରାଦୀପରେ ମେଗା ଫିଡ୍ କ୍ରାକର୍ ପ୍ଲାଣ୍ଟ ମଧ୍ୟ ପ୍ରତିଷ୍ଠା ହେବ। ପ୍ଲାଣ୍ଟର ବାୟୋ ପ୍ରଡକ୍ଟ ଭଦ୍ରକ ଟେକ୍ସଟାଇଲ ପାର୍କରେ ବ୍ୟବହାର କରାଯିବ। ଆଇଓସିଏଲ ସହ ମିଳିତ ଭାବେ ଏହି କାମ ହେବ ବୋଲି ବିଧାନସଭାରେ ବିବୃତ୍ତି ରଖିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ। ସେ କହିଛନ୍ତି ଯେ, ରାଜ୍ୟରେ ଅଧିକ ସଂଖ୍ୟକ ଏମଏସଏମଇ ପାର୍କ ପ୍ରତିଷ୍ଠା ହେବ। ଏମଏସଏମଇ ୟୁନିଟ ବଢିଲେ ହିଁ ନିଯୁକ୍ତି ସୁଯୋଗ ବଢିବ। ଏମଏସଏମଇ ନୀତି ୨୦୨୨ ଅନୁସାରେ ଶିକ୍ଷିତ ଯନ୍ତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ କାମ ଚାଲିଛି। ଯୁବତୀ ଯେପରି ଅଧିକ ରୋଜଗାର ପାଇବେ ସେ ନେଇ ରାଜ୍ୟ ସରକାର କାମ କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୁଦକ୍ଷା ଯୋଜନାରେ ସେମାନଙ୍କ ଶିକ୍ଷା ଓ ବୈଷୟିକ ତାଲିମ ବ୍ୟବସ୍ଥା କରାଯାଇଛି।

# ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକ ମୃତ

**କଟକ,୬।୯ (ମହାଭାରତ) :** ନରଣପୁର ସ୍ଥିତ ଡିଅନ ଆପାଟମେଣ୍ଟର ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ବାରଙ୍ଗ ଥାନା ପୁଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀ ଟାଙ୍କି ଭିତରୁ ଉଦ୍ଧାର କରି କଟକ ଏସ୍ ସିବି ଡାକ୍ତରଖାନାକୁ ଆମ୍ବୁଲାନସ୍ ଯୋଗେ ପଠାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବାରଙ୍ଗ ନରଣପୁର ସ୍ଥିତ ଡିଅନ ଆପାଟମେଣ୍ଟର ନିର୍ମାଣାଧୀନ ପାଇଖାନା ଟାଙ୍କିରୁ ସେଣ୍ଟରିଂ ପଟା ଖୋଲିବା ବେଳେ ଘଟିଛି ବଡ଼ ଅଘଟଣ। ପାଇଖାନା ଟାଙ୍କି ଭିତରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକଙ୍କର ମୃତ୍ୟୁ ହୋଇଛି।

ସକାଳୁ ଟାଙ୍କି କାମରେ ଲାଗିଥିବା ସେଣ୍ଟରିଂ ପଟା ଖୋଲିବା ପାଇଁ ପ୍ରଥମେ ୨ଜଣ ଶ୍ରମିକ ଭିତରକୁ ଆସିଥିଲେ। ସେମାନେ ଭିତରେ ଅଚେତ ହୋଇ ରହିଯାଇଥଲେ। ତୃତୀୟ ଶ୍ରମିକ ଜଣକ ଡାକିବାରୁ ଉତ୍ତର ଦେଇ ନଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ତୃତୀୟ ଶ୍ରମିକ ଭିତରକୁ ପଶିଥିଲେ। ସେ ମଧ୍ୟ ସେଠାରେ ଅଚେତ ହୋଇ ରହିଯାଇଥିଲେ। ବାହାରେ କାମ କରିଥିବା ଅନ୍ୟ ଶ୍ରମିକମାନଙ୍କ କିଛି ସ୍ୱର ଶବ୍ଦ ଶୁଣା ଯାଉନଥିବାରୁ ପାଖକୁ ଯାଇ ଦେଖିବା ପରେ ସବୁ ଜଣାପଡ଼ିଥିଲା। ବାରଙ୍ଗ ଥାନାକୁ ଖବର ଦିଆଯାଇ ଥିଲା। ପୁଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀ ଉଦ୍ଧାର କରି ଟାଙ୍କି ଭିତରୁ ଜଣ ଜଣ କରି ଅଚେତେ ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରିଥିଲେ।

# ଜେଲ ଅଧୀକ୍ଷକଙ୍କ ଘରେ ପଶିଲା ଭିଜିଲାନସ





**କେନ୍ଦୁଝର,୬।୯(ମହାଭାରତ):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରାଯାଛି। ସତ୍ୟପ୍ରକାଶଙ୍କ କେନ୍ଦୁଝର ଅଫିସ୍, ବାସଭବନ, ଭଦ୍ରକ ପୈତୃକ ଘର, ଭୁବନେଶ୍ୱର ଲକ୍ଷ୍ମୀ ସାଗର ସ୍ଥିତ ନିଜ ଘର ଓ ଶ୍ୱଶୁର ଘର, ଜାଗମରା ସ୍ଥିତ ଘର ସମେତ ୭ଟି ସ୍ଥାନରେ ଚଢାଉ କରାଯାଇଛି। ଚଢାଉବେଳେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଦେଢ଼ କୋଟି ମୂଲ୍ୟର ୪ ମହଲା କୋଠା ଠାବ ହେବା ସହ ଭୁବନେଶ୍ୱର, ବଲାଙ୍ଗିର ଓ ଢେଙ୍କାନାଳରେ ୪ଟି ବାସୋପଯୋଗୀ ପ୍ଲଟ୍, ୧୦ ଲକ୍ଷର ଗହଣା, ୬.୨୪ ଲକ୍ଷର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ଗୋଟିଏ ଚାରି ଚକିଆ, ଗୋଟିଏ ବାଇକ୍, ୧୪.୪୬ ଲକ୍ଷର ଆସବାବପତ୍ର ଜବତ କରିଛି ଭିଜିଲାନ୍ସ।

ରାଜ୍ୟରେ ଗତ କିଛି ଦିନ ହେବ ଲଗାତାର ଭିଜିଲାନ୍ସ କବଜାରେ ପଡ଼ୁଛନ୍ତି ସରକାରୀ ଅଧିକାରୀ। କୋଟି କୋଟି ଠକେଇ ସାଙ୍ଗକୁ ମାଳ ମାଳ ସମ୍ପତ୍ତି ଠୁଳ ଅଭିଯୋଗରେ ରେଡ କରୁଛି ଭିଜିଲାନ୍ସ ଟିମ୍। ଏହିକ୍ରମରେ ଆଜି ସକାଳୁ ସକାଳୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କେନ୍ଦୁଝର ଜେଲ ଅଧୀକ୍ଷକ। ଚଢ଼ାଉରେ ୧୨ଜଣ ଡିଏସ୍ପି, ୧୧ଜଣ ଇନ୍ସପେକ୍ଟର ,ଏସଆଇ ଓ ଏଏସଆଇ ସମେତ ଅନ୍ୟ ସହଯୋଗ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି।

# ବେଆଇନ ଗର୍ଭପାତ ପାଇଁ ନର୍ସିଂ ହୋମରେ ଚଢାଉ : ୯ ଗିରଫ

**କେନ୍ଦ୍ରାପଡ଼ା, ୬।୯ (ମହାଭାରତ):** କେନ୍ଦ୍ରାପଡ଼ା ସଦର ଥାନା ପୋଲିସକୁ ମିଳିଛି ବଡ ସଫଳତା। ବେଆଇନ ଗର୍ଭପାତ ନର୍ସିଙ୍ଗ ହୋମ ଉପରେ ଚଢାଉ କରିଛି ପୋଲିସ। ଉକ୍ତ ମାମଲାରେ ୯ ଜଣଙ୍କୁ ଗିରଫ କରିଛି ପୋଲିସ। ତେବେ ଏହି ବେଆଇନ ଗର୍ଭପାତ ଉକ୍ତ ନର୍ସିଙ୍ଗ ହୋମର ମାଲିକ ମାମିନା ମହାପାତ୍ର ଏବଂ ତାଙ୍କ ସ୍ୱାମୀ ନିଜିତ ମହାପାତ୍ର ଗତ ୨୦୨୨ ମସିହାରେ ବେଆଇନ ଗର୍ଭପାତ କରୁଥିବାରୁ ଉଭୟ ଜେଲ ଯାଇଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲା ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଏହି ଚଢ଼ାଉ କରାଯାଇଛି। ଛାତ୍ରୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ ଯେ, ଚାରିବର୍ଷ ତଳୁ ଫେସବୁକ ମାଧ୍ୟମରେ ପଟାମୁଣ୍ଡାଇ ଥାନା ଅନ୍ତର୍ଗତ ମଠସାହି



ଅଂଚଳର ପରେଶ ବାରିକ ନାମକ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେଶ ବିବାହିତ ହୋଇ ମଧ୍ୟ ଛାତ୍ରୀଙ୍କୁ ବିବାହର ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖି ପାଞ୍ଚ ମାସର ଗର୍ଭବତୀ କରିଥିଲା। ଗତ ଅଗଷ୍ଟ ୬ ତାରିଖରେ ପରେଶ ଓ ତାର ଭାଇ ପୀଡ଼ିତାକୁ ଏକ ହେଲଥ ହୋମ ଲ୍ୟାବକୁ ନେଇ ସେଠାରେ ଗର୍ଭପାତ କରିବାକୁ ସମସ୍ତ ବ୍ୟବସ୍ଥା କରିଥିଲେ। ଏହାପରେ ଛାତ୍ରୀଙ୍କ ଗର୍ଭପାତ କରାଇ ତାଙ୍କୁ ଏକ ଗାର୍ଲସ ହଷ୍ଟେଲରେ ରଖିଥିଲା

ଏହି ଘଟଣାରେ କେନ୍ଦ୍ରାପଡା ସଦର ଥାନା ପୋଲିସ ୩ ମହିଳାଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ପଟ୍ଟାମୁଣ୍ଡାଇ ମଠସାହିର ପରେଶ ବାରିକଙ୍କ ସମେତ, ଗର୍ଭପାତ କରିଥିବା କଟକର ଏକ ନର୍ସିଂହୋମର ୮ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ୩ ମହିଳାଙ୍କ ସମେତ ବିଶ୍ୱଜିତ୍ ଦତ୍ତ, ଭବାନୀ ଶଙ୍କର ଦାସ, ନିଜିତ ମହାପାତ୍ର, ପ୍ରିୟବ୍ରତ ସେନାପତି, ନିର୍ଲିପ୍ତ ରଞ୍ଜନ ଦାସ। ଏହି ଘଟଣାପରେ ପୀଡିତା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ଡିଏସପି ସରିତା ମହାପାତ୍ର ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏହି ଘଟଣାରେ ଯୁବତୀଙ୍କୁ ମାଡ ମାରିଥିବା ମୁଖ୍ୟ ଅଭିଯୁକ୍ତ ପରେଶ ର ପରିବାର ଲୋକଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଥିବା କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟରିଆ। ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ୫୭୨ ଆଦିବାସୀ ଛାତ୍ରୀ, ମହିଳା ହୋଇଛନ୍ତି ବଳାତ୍କାରର ଶିକାର

**ଭୁବନେଶ୍ୱର,୬।୯ (ମହାଭାରତ) :** ରାଜ୍ୟରେ ୫ ବର୍ଷରେ ୫୭୨ ଆଦିବାସୀ ଛାତ୍ରୀ ଓ ମହିଳା ବଳାତ୍କାରର ଶିକାର ହୋଇଛନ୍ତି। ଶୁକ୍ରବାର ବିଧାନ ସଭାରେ ଜୟପୁର ବିଧାୟକଙ୍କ ପ୍ରଶ୍ନରେ ଏସସି/ଏସଟି ଉନ୍ନୟନ ମନ୍ତ୍ରୀ ଏନେଇ ଉତ୍ତର ରଖିଛନ୍ତି। ତେବେ ଥାନାରେ ରୁଜୁ ହୋଇଥିବା ୫୭୨ ମାମଲାରୁ ୩୨ଟିର ଫଇସଲା ହୋଇଛି। ୫୦୯ ମାମଲାରେ ଚାର୍ଜସିଟ ଦାଖଲ ହୋଇଥିବା ବେଳେ ୩୧ଟି ମାମଲା ବିଚାରାଧୀନ ଥିବା ଏସସି/ଏସଟି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରଶ୍ନ କରିଥିଲେ ରାଜ୍ୟରେ ୫ ବର୍ଷରେ କେତେ ଆଦିବାସୀ ଛାତ୍ରୀ ଓ ମହିଳା ବଳାତ୍କାରର ଶିକାର ହୋଇଛନ୍ତି ? କେତୋଟି ମାମଲା ଫଇସଲା ହୋଇଛି ? କେତୋଟି ଚାର୍ଜସିଟ ଦାଖଲ ହୋଇଛି ? ଏବଂ କେତୋଟି ବିଚାରାଧୀନ ରହିଛି। ଯାହାର ଉତ୍ତର ରଖି ଏସସି/ଏସଟି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ୫୭୨ ମାମଲାରୁ ୩୨ଟିର ଫଇସଲା ହୋଇଛି।

# ସୁଭଦ୍ରା ଫର୍ମପୂରଣରେ ବଡ କୋହଳ

**ଭୁବନେଶ୍ୱର,୬।୯(ମହାଭାରତ):** ଆଜି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ପୁରୀ ଶ୍ରୀକ୍ଷେତ୍ର କଲୋନିସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରରେ ଖୋଲାଯାଇଥିବା 'ସୁଭଦ୍ରା' ସହାୟତା କେନ୍ଦ୍ର ପରିଦର୍ଶନ କରିବାପରେ ପଞ୍ଜୀକରଣ ନିମୟରେ କିଛିଟା କୋହଳ ହୋଇଛି।

ତଦନୁଯାୟୀ 'ସୁଭଦ୍ରା' ଫର୍ମ ଦାଖଲ କରିବା ପାଇଁ ଆଧାର ସହିତ ମୋବାଇଲ୍ ନମ୍ବର ଲିଙ୍କ୍ ହୋଇନଥିଲେ ମଧ୍ୟ ବାୟୋମେଟ୍ରିକ ପଦ୍ଧତିରେ ଆଧାର ପ୍ରାମାଣୀକରଣ କରାଯାଇପାରିବ। ଏଣୁ ବିନା ମୋବାଇଲ୍ ନମ୍ବର ଲିଙ୍କରେ ମଧ୍ୟ ଆବେଦନପତ୍ର ପୂରଣ ଓ ପଞ୍ଜୀକରଣ କରାଯାଇପାରିବ।

କୌଣସି ହିତାଧିକାରୀ ଯେପରି ଏହି ଯୋଜନାରୁ ବାଦ୍ ନପଡ଼ନ୍ତି ସେଥି ପ୍ରତି ସଜାଗ ରହିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୁଭଦ୍ରା ଯୋଜନା ନେଇ ଜନସାଧାରଣଙ୍କ ସନ୍ଦେହମୋଚନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ହେଲଏଲାଇନ ନମ୍ବର-୧୪୬୭୮ ଜାରି କରାଯାଇଛି। ଏହା ସତ୍ତ୍ୱେ ଆଧାର-ମୋବାଇଲ୍ ସଂଯୋଗୀକରଣ ଏବଂ ଫର୍ମ ଦାଖଲର ଶେଷ ତାରିଖ ନେଇ ଜନସାଧାରଣଙ୍କ ମନରେ ସନ୍ଦେହ ରହିଥିବାର ଲକ୍ଷ୍ୟ କରାଯାଇଛି।

ରାଜ୍ୟର ସମସ୍ତ ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ରରେ 'ସୁଭଦ୍ରା' ଯୋଜନାର ଫର୍ମ ଉପଲବ୍ଧ କରାଯାଉଛି। ପଞ୍ଜୀକରଣର କୌଣସି ଶେଷ ତାରିଖ ନିର୍ଦ୍ଧାରିତ ହୋଇନଥିବାରୁ ଆବେଦନକାରୀମାନେ ବ୍ୟସ୍ତବିବ୍ରତ ନହେବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଚଳିତ ମାସ ୧୭ ତାରିଖ ଦିନ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ସେପେଟମ୍ବର ୪ (ବୁଧବାର)ଠାରୁ ଅନଲାଇନରେ ଫର୍ମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରଥମ ଦୁଇଘଣ୍ଟାରେ ୮୦ ହଜାରରୁ ଉର୍ଦ୍ଧ୍ୱ ଫର୍ମ ପଂଜୀକୃତ ହୋଇଛି ଏବଂ ଏହି ଫର୍ମ ପଂଜୀକରଣ ପ୍ରକ୍ରିୟା ଜାରି ରହିଛି। ରାଜ୍ୟ ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ସଫଳ ରୂପାୟନ ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି ସହ ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରିବା ନିମନ୍ତେ କ୍ଷେତ୍ର ସ୍ତରରେ ବ୍ୟାପକ ପ୍ରୟାସ ଜାରି ରଖିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସିଲିକନ୍ କାର୍ବାଇଡ୍ ମ୍ୟାନୁଫାକଚରିଂ କେନ୍ଦ୍ରର ଶିଳାନ୍ୟାସ




**ଭୁବନେଶ୍ୱର,୬।୯(ମହାଭାରତ):** ଦେଶର ପ୍ରଥମ ସିଲିକନ୍ କାର୍ବାଇଡ୍ ମ୍ୟାନୁଫାକଚରିଂ କେନ୍ଦ୍ରର ଆଜି ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭୁବନେଶ୍ୱର ଇନଫୋଭ୍ୟାଲିସ୍ଥିତ ଇଏମସି ପାର୍କରେ ଆରଆଇଆର ପାୱାର ଇଲୋକ୍ଟ୍ରୋନିକ୍ସ ଲିଃ ଦ୍ୱାରା ଏହି ୟୁନିଟ୍ ସ୍ଥାପନ କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଦେଶର ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଓଡ଼ିଶାକୁ ଗଢ଼ିବା ଦିଗରେ ଏହି ୟୁନିଟ୍ ସ୍ଥାପନ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ପଦକ୍ଷେପ। ଏହି ନୂଆ ସୁବିଧା ନା କେବଳ ରାଜ୍ୟରେ ଷ୍ଟେଟ ଅଫ୍ ଆର୍ଟ ପ୍ରଡକ୍ଟ ସୃଷ୍ଟି କରିବ ବରଂ ପ୍ରତିଭାବାନ ଯୁବକଯୁବତୀଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ। ଯାହା ସେମାନଙ୍କୁ ସବୁପ୍ରକାରର ଜ୍ଞାନକୌଶଳ ଯୋଗାଇବାରେ ସହାୟକ ହେବ। ଏହି ସୁବିଧା କେନ୍ଦ୍ର ପ୍ରଶିକ୍ଷିତ ପ୍ରଫେସନାଲଙ୍କୁ ଆକର୍ଷିତ କରିବ। ଯାହାକି ଅର୍ଥନୀତିକ ଅଭିବୃଦ୍ଧି କରିବା ସହ ଓଡ଼ିଶାକୁ ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ମ୍ୟାନୁଫାକଚରିଂ ଭାବେ ବିକଶିତ କରିବ। ଏହି ଅବସରରେ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୬୨୦କୋଟି ଟଙ୍କାର ନିବେଶରେ ଏହି ଷ୍ଟେଟ ଅଫ ଆର୍ଟ ସୁବିଧା କେନ୍ଦ୍ର ସ୍ଥାପନ ହେବ ଏହା ୫୦୦ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ନୂଆ। ନିଯୁକ୍ତି ପ୍ରଦାନ କରିବ।


# ଜେଲ୍ ଅଧିକ୍ଷକଙ୍କ ଘରେ ପଶିଲା ଭିଜିଲାନସ୍

**କେନ୍ଦୁଝର,୬।୯(ମହାଭାରତ):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରାଯାଛି। ସତ୍ୟପ୍ରକାଶଙ୍କ କେନ୍ଦୁଝର ଅଫିସ୍, ବାସଭବନ, ଭଦ୍ରକ ପୈତୃକ ଘର, ଭୁବନେଶ୍ୱର ଲକ୍ଷ୍ମୀ ସାଗର ସ୍ଥିତ ନିଜ ଘର ଓ ଶ୍ୱଶୁର ଘର, ଜାଗମରା ସ୍ଥିତ ଘର ସମେତ ୭ଟି ସ୍ଥାନରେ ଚଢାଉ କରାଯାଇଛି। ଚଢାଉବେଳେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଦେଢ଼ କୋଟି ମୂଲ୍ୟର ୪ ମହଲା କୋଠା ଠାବ ହେବା ସହ ଭୁବନେଶ୍ୱର, ବଲାଙ୍ଗିର ଓ ଢେଙ୍କାନାଳରେ ୪ଟି ବାସୋପଯୋଗୀ ପ୍ଲଟ୍, ୧୦ ଲକ୍ଷର ଗହଣା, ୬.୨୪ ଲକ୍ଷର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ଗୋଟିଏ ଚାରି ଚକିଆ, ଗୋଟିଏ ବାଇକ୍, ୧୪.୪୬ ଲକ୍ଷର ଆସବାବପତ୍ର ଜବତ କରିଛି ଭିଜିଲାନ୍ସ। ରାଜ୍ୟରେ ଗତ କିଛି ଦିନ ହେବ ଲଗାତାର ଭିଜିଲାନ୍ସ କବଜାରେ ପଡ଼ୁଛନ୍ତି ସରକାରୀ ଅଧିକାରୀ। କୋଟି କୋଟି ଠକେଇ ସାଙ୍ଗକୁ ମାଳ ମାଳ ସମ୍ପତ୍ତି ଠୁଳ ଅଭିଯୋଗରେ ରେଡ କରୁଛି ଭିଜିଲାନ୍ସ ଟିମ୍। ଏହିକ୍ରମରେ ଆଜି ସକାଳୁ ସକାଳୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କେନ୍ଦୁଝର ଜେଲ ଅଧୀକ୍ଷକ। ଚଢ଼ାଉରେ ୧୨ଜଣ ଡିଏସ୍ପି, ୧୧ଜଣ ଇନ୍ସପେକ୍ଟର ,ଏସଆଇ ଓ ଏଏସଆଇ ସମେତ ଅନ୍ୟ ସହଯୋଗ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି।




# ସନ୍ଦୀପ ଘୋଷଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

**କୋଲକାତା,୬।୯(ମହାଭାରତ):** ୩ଦିନ ତଳେ କୋଲକାତା ଆର୍ ଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ଡାକ୍ତର ସନ୍ଦୀପ ଘୋଷଙ୍କୁ ସିବିଆଇ ଗିରଫ କରିଥିଲା। ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବିଭିନ୍ନ ଆର୍ଥିକ ଅନିୟମିତତା ମାମଲାରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ତଦନ୍ତ ନେଇ କୋଲକାତା ହାଇକୋର୍ଟ ସିବିଆଇକୁ ଦାୟିତ୍ୱ ଦେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ହାଇକୋର୍ଟର ରାୟକୁ ବିରୋଧ କରି ସନ୍ଦୀପ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ଆଜି କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଛନ୍ତି। ସୁପ୍ରିମକୋର୍ଟରେ ଆବେଦନ କରି ଘୋଷ ଜଣାଇଥିଲେ ଯେ, ମୁଁ ତଦନ୍ତକୁ ବିରୋଧ କରୁନାହିଁ। କିନ୍ତୁ ଦୁର୍ନୀତି ମାମଲା ସହ ଆରଜି କର ହସ୍ପିଟାଲରେ ହୋଇଥିବା ଦୁଷ୍କର୍ମର ମାମଲାକୁ ଯୋଡ଼ିବା ବେଆଇନ ଏହା ସହ ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବା ପୂର୍ବରୁ କଲିକତା ହାଇକୋର୍ଟ ମୋର ପକ୍ଷ ଶୁଣି ନଥିଲେ। ମୁଁ ଚାହୁଛି ଯେ, ଦୁର୍ନୀତି ଓ ଆରଜି କର ହସ୍ପିଟାଲରେ ହୋଇଥିବା ଦୁଷ୍କର୍ମର ମାମଲାକୁ ନମିଶାଇ ଅଲଗା ଭାବେ ତଦନ୍ତ କରାଯାଉ।

# ଖାଲି ପଡ଼ିଛି ୩୦ ହଜାର ୫୪୦ ପ୍ରାଥମିକ ଶିକ୍ଷକ ପଦବୀ

**ଭୁବନେଶ୍ୱର,୬।୯ :** ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ୩୦ ହଜାର ୫୪୦ ପ୍ରାଥମିକ ଶିକ୍ଷକ ପଦବୀ ଖାଲି ପଡିଥିବା ବିଧାନସଭାରେ ସୂଚନା ଦେଇଛନ୍ତି ସରକାର। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ତଥ୍ୟ ରଖିଛନ୍ତି। ରାଜ୍ୟରେ ପ୍ରାୟ ୧ ଲକ୍ଷ ୩୫ ହଜାର ୬୫୬ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦ ରହିଥିଲା ବେଳେ ଏକ ବଡ ସଂଖ୍ୟାରେ ପଦବୀ ଖାଲି ରହିଥିବା ଜଣାପଡିଛି।ଗଞ୍ଜାମ ଜିଲାରେ ସର୍ବାଧିକ ୪ ହଜାର ୨୩ ଶିକ୍ଷକ ପଦବୀ ଖାଲି ରହିଥିବା ବେଳେ ୧୬ ହଜାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ନେଇ ପ୍ରକ୍ରିୟା ଚାଲୁ ରହିଥିବା ମନ୍ତ୍ରୀ କହିଛନ୍ତି।

କିଛିଦିନ ତଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଉତ୍ତରରେ ଦେଇଥିବା ତଥ୍ୟ ଅନୁଯାୟୀ ସ୍କୁଲ୍ ଏବଂ ଗଣଶିକ୍ଷା ବିଭାଗରେ ସର୍ବାଧିକ ୬୩,୪୦୫ ପଦବୀ ଖାଲି ରହିଥିବା ବେଳେ ଏହା ପଛକୁ ସ୍ୱାସ୍ଥ୍ୟ ବିଭାଗରେ ୩୯,୧୨୭ ପଦବୀ ଖାଲି ରହିଛି।

# ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ। ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ।



ଖବର

# ଅଡିସନ ବାହାନାରେ ବଲିଉଡ ଫିଲ୍ମ ନିର୍ମାତା ଯେନ ନିର୍ଯାତନା ଦେଇଥିଲେ: ଶିଳ୍ପା



ଜଷ୍ଟିସ୍ ହେମା କମିଟି ରିପୋର୍ଟ ଆସିବା ପରଠାରୁ ମାଲାୟାଲମ୍, ତାମିଲ ଏବଂ ତେଲୁଗୁ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଅନେକ କଳାକାର ଯେନ ନିର୍ଯାତନା ଶିକାର ହୋଇଥିବା ନେଇ ଖୁଲାସା କରିବାରେ ଲାଗିଛନ୍ତି। ବର୍ତ୍ତମାନ ପ୍ରସିଦ୍ଧ ଟିଭି ଅଭିନେତ୍ରୀ ଶିଳ୍ପା ସିନ୍ଦେ ଅଭିଯୋଗ କରିଛନ୍ତି ଯେ ତାଙ୍କ କ୍ୟାରିୟର ଆରମ୍ଭରେ ଜଣେ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତା ତାଙ୍କୁ ଯେନ ନିର୍ଯାତନା ଦେଇଥିଲେ।'ଭାବିଜୀ ଘର ପର ହେ'ରେ ଅଙ୍ଗୁରି ଭାବି ଭୂମିକାରେ ଅଭିନୟ କରି ପ୍ରସିଦ୍ଧ ହୋଇଥିବା ଶିଳ୍ପା ସିନ୍ଦେ ଜାତୀୟ ଗଣମାଧ୍ୟମ ନ୍ୟୁଜ୍ ୧୮ ଶୋଶାକୁ ଦେଇଥିବା ଏକ ସାକ୍ଷାତକାରରେ ଏହି ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି। ସେ ଦାବି କରିଛନ୍ତି ଯେ ଥରେ ତାଙ୍କୁ ଏକ ଅଡିସନ ନାମରେ ଚଳଚ୍ଚିତ୍ର ନିର୍ମାତାଙ୍କୁ ନିଜ ଆଡକୁ ଆକର୍ଷିତ କରିବାକୁ କୁହାଯାଇଥିଲା।ଶିଳ୍ପାଙ୍କ କହିବା ମୁତାବକ, ଇଣ୍ଡଷ୍ଟ୍ରିରେ ସଂଘର୍ଷ କରୁଥିବା ସମୟରେ ମୋ ସହ ଏଭଳି ଘଟିଥିଲାୟ ୧୯୯୮-୯୯ରେ ଏସବୁର ସାମ୍ନା ମୋତେ କରିବାକୁ ପଡ଼ିଥିଲା । ମୁଁ କାହାର ନାମ ନେଇ ପାରିବି ନାହିଁ । କିନ୍ତୁ ସେ ମୋତେ କହିଥିଲେ, 'ତୁମେ ଏହି ପୋଷାକ ପିନ୍ଧ ଏବଂ ଏହି ଦୃଶ୍ୟ କର ।' ହେଲେ ମୁଁ ସେହି ପୋଷାକ ପିନ୍ଧି ନଥିଲି ।।ଏହା ପରେ ସେ ମୋତେ କହିଥିଲେ ଯେ, ମୁଁ ତୁମର ବସ୍, ଏବଂ ତୁମେ ମୋତେ ନିଜ ଆଡକୁ ଆକର୍ଷିତ କରିବାର ଅଭିନୟ କର । ମୁଁ ସେତେବେଳେ ବହୁତ ଛୋଟ ଥିଲି । ତାଙ୍କ ଉଦ୍ଦେଶ୍ୟ ଜାଣି ନପାରି ମୁଁ ସେହି ଦୃଶ୍ୟ କରିଥିଲି। ଏହା ପରେ ସେ ମୋ ସହ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ। ହେଲେ ମୁଁ ତାଙ୍କୁ ଧକ୍କା ଦେଇ ବାହାରକୁ ଘଲି ଆସିଥିଲି । ବାହାରେ ଥିବା ସିକ୍ୟୁରିଟି ଗାର୍ଡ କିଛି ନକହି ବି ସବୁ ଜାଣିପାରିଥିଲେ। ମୋତେ ଦେଖି ସେ ତୁରନ୍ତ ଏଠାରୁ ଘଲିଯାଅ ବୋଲି କହିଥିଲେ।



# ବିନା ଖର୍ଚ୍ଚରେ ନଖକୁ କିପରି କରିବେ ସୁନ୍ଦର



ନାରୀ ଓ ପୁରୁଷ ସଭିଏଁ ଘହିଥାନ୍ତି ନଖକୁ ସୁନ୍ଦର ଆଉ ମଜବୁତ ରଖିବାକୁୟ ଖାସ କରି ନାରୀ ମାନେ ନଖ ବିବା, ନଖ ମଜବୁତ ରହିବା, ନଖ ନ ମରିବା ପାଇଁ ବିଭିନ୍ନ ପ୍ରକାରର ପ୍ରକ୍ରିୟା କରିଥାନ୍ତିୟ ହେଲେ ଘରେ ରହି ଘରୋଇ ଜିନିଷ ବ୍ୟବହାର କରି ଏହି ସମସ୍ୟାର ଉପଘର କରିପାରିବାୟ ସେଥିପାଇଁ ପ୍ରଥମେ ଅଧ କପ ପାଣିକୁ ଗରମ କରି ସେଥିରେ ଦୁଇ ଘମଚ ସାମ୍ପୋ, ଦୁଇ ବୁନ୍ଦା ଲେମ୍ବୁ ରସ, ଖାଇବା ଲୁଣ ଅଳ୍ପ ମାତ୍ରରେ ପକାଇ ସେଥିରେ ହାତକୁ ବୁଡ଼ାଇ ୫ ରୁ ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ରଖିବାୟ ପରେ ନଖକୁ ଭଲ ଭାବେ ମସାଜ କରି ହାତକୁ ଧୋଇଦେବେୟଏହାଦ୍ୱାରା ହାତ ଓ ନଖ ସଫା ରହିଥାଏୟ ପରେ ଗୋଟିଏ ଆତ ଫଳ ଭିତର ଧଳା ଅଂଶକୁ ଣ୍ଟା ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ନଖରେ ସ୍କ୍ରବିଂ କରିବେୟ ନଖକୁ ଭଲ ଭାବେ ଧୋଇ ଦେବେୟ ପରେ ଦୁଇ ଘମଚ କଞ୍ଚା କ୍ଷୀରରେ ନଖକୁ ମସାଜ କରିବେୟ ଏହାସହ ଗୋଟିଏ ଲେମ୍ବୁକୁ କାଟି ଦୁଇ ଫାଳ କରି ଲେମ୍ବୁ ଚେପାକୁ ନଖରେ ୫ ମିନିଟ୍ ସମୟ ପର୍ଯ୍ୟନ୍ତ ସ୍କ୍ରବ କଲେୟ ଏହା ନଖ ସଫା ରଖିଥାଏୟ ଏବଂ ଏହି ସମସ୍ତ ପକ୍ରିୟାକୁ ପ୍ରତିଦିନ ଦୁଇ ଥର କରିବା ଜରୁରୀୟ ଏହାଦ୍ୱାରା ନଖ ବିବା ସହ, ନଖ ଫାଟିବନି, ନଖ ମରିବା ଭଳି ସମସ୍ୟା ହେବ ନାହିଁୟ

# ଏହି ଜିନିଷ ଥିଲେ ହେବେ ଭାଗ୍ୟବାନ



ମହାଭାରତର ମୁଖ୍ୟ ଚରିତ୍ରମାନଙ୍କ ମଧ୍ୟରୁ ମହାତ୍ମା ବିଦୁର ଅନ୍ୟତମ। ତାଙ୍କର ବୁଦ୍ଧି ଏବଂ ନୀତିକୁ ଆଜି ବି ପୂଜା କରାଯାଏ। ମହାତ୍ମା ବିଦୁରଙ୍କୁ ଜଣେ ଦୂରଦର୍ଶୀ ଏବଂ ମହାନ ଭାବରେ ବିବେଚନା କରାଯାଏ। ଆଜି ବି ଲୋକମାନେ ବିଦୁର ଜୀଙ୍କର ନୀତି ଆପଣାଇ ଜୀବନରେ ଆଗକୁ ବଢ଼ନ୍ତି। ମହାତ୍ମା ବିଦୁର ଏପରି ୬ଟି ଜିନିଷ ବିଷୟରେ କହିଛନ୍ତି, ଜଣେ ବ୍ୟକ୍ତି ସଂସାରର ସମସ୍ତ ସୁଖକୁ ଉପଭୋଗ କରିପାରିବେ। କୁହାଯାଏ ଯେ ଯେଉଁମାନଙ୍କ ପାଖରେ ଏହି ୬ଟି ଜିନିଷ ଅଛି ସେମାନେ ବହୁତ ଭାଗ୍ୟବାନ ଏବଂ ଧନବାନ।

୧. ବିଦୁର ନୀତି ଅନୁସାରେ, ଯେଉଁ ସ୍ତ୍ରୀ-ପୁରୁଷ ମୀଠା କଥା କୁହନ୍ତି। ତାଙ୍କ ଉପରେ ମା' ସରସ୍ୱତୀ ଏବଂ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ସର୍ବଦା ରହିଥାଏ। ଶାସ୍ତ୍ର ଅନୁସାରେ, ବାଣୀରେ ମା' ସରସ୍ୱତୀ ବାସ କରନ୍ତି। କୁହାଯାଏ ଖରାପ ଏବଂ କଟୁ କହୁଥିବା ବ୍ୟକ୍ତିଙ୍କ ସ୍ୱଭାବ ତାଙ୍କ ଭାଷା ପରି ଖରାପ ହୋଇଯାଏ। ମଧୁର ବାଣୀ କହୁଥିବା ବ୍ୟକ୍ତିଙ୍କ ଭାଗ୍ୟ ପୁରା ସାଥ୍ ଦେଇଥାଏ।

୨. ପ୍ରତିଟି ପିତାମାତା ଚାହାନ୍ତି କି, ତାଙ୍କ ପୁତ୍ର ଆଜ୍ଞାକାରୀ ହେଉ। ତାଙ୍କ କୂଳର ନାଁ ରଖୁ। ଯଦି ସନ୍ତାନ ଆଜ୍ଞାକାରୀ ନହୁଅନ୍ତି ସେମାନେ କୂଳର ନାଶ କରିଦିଅନ୍ତି। ଏମିତିରେ ଯେଉଁମାନଙ୍କ ସନ୍ତାନ ଆଜ୍ଞାକାରୀ ହୋଇଥାନ୍ତି ସେମାନେ ଖୁସି ଏବଂ ଭାଗ୍ୟଶାଳୀ ହୋଇଥାନ୍ତି।

୩. ରୋଗ ହେତୁ ଶରୀର ଦୁର୍ବଳ ହୋଇଯାଏ। ଅସୁସ୍ଥ ବ୍ୟକ୍ତିଙ୍କ ମାନସିକ ଏବଂ ଶାରୀରିକ କ୍ଷମତା ହ୍ରାସ ହେବାକୁ ଲାଗେ। ସେ କୌଣସି କାମକୁ ଭଲରେ କରିପାରନ୍ତି ନାହିଁ। ବାରମ୍ବାର ଅସୁସ୍ଥତା ହେତୁ ସେ ଧନ ସଞ୍ଚିତ କରିବାରେ ଅସମର୍ଥ ହୁଅନ୍ତି। ଯଦି ବ୍ୟକ୍ତି ସୁସ୍ଥ, ତେବେ ସେ ଭାଗ୍ୟବାନ ବୋଲି ବିବେଚନା କରାଯାଏ।

୪. ମନୁଷ୍ୟ ପାଖରେ ଜ୍ଞାନର ଏକମାତ୍ର ଏଭଳି ଧନ ଅଛି, ଯାହାକୁ କେହି ବି ଚୋରି କରିପାରିବେ ନାହିଁ। ଶାସ୍ତ୍ର ଅନୁସାରେ, ଜ୍ଞାନ ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ଶକ୍ତି। ଜ୍ଞାନ ଅସୁବିଧା ସମୟରେ ବ୍ୟକ୍ତିର ସବୁବେଳେ ସାଥ୍ ଦେଇଥାଏ।

୫. ଜଣେ ବ୍ୟକ୍ତି ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଆୟର ମାଧ୍ୟମ ବଢ଼ାଇବାକୁ ପଡିବ। ଯେଉଁ ବ୍ୟକ୍ତିଙ୍କର ଆୟର ମାଧ୍ୟମ ନାହିଁ, ସେ ଏହାକୁ ଦୁର୍ଭାଗ୍ୟଜନକ ମନେ କରନ୍ତି। ଜଣେ ଅର୍ଥହୀନ ବ୍ୟକ୍ତିଙ୍କୁ ତାଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟମାନଙ୍କ ସାମ୍ନାରେ ହାତ ବିସ୍ତାର କରିବାକୁ ପଡ଼େ। ଯେଉଁମାନଙ୍କର ଆୟର ମାଧ୍ୟମ ଅଛି, ସେମାନେ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ୍।

୬. ଜଣେ ସଫଳ ମଣିଷ ପଛରେ ଜଣେ ସ୍ତ୍ରୀର ହାତ ଥାଏ। କୁହାଯାଏ କି ଜଣେ ସ୍ତ୍ରୀ ଚାହିଁବ ତ ଘରକୁ ସ୍ୱର୍ଗ କିମ୍ବା ନର୍କରେ ପରିବର୍ତ୍ତନ କରିପାରିବ। ଯେଉଁ ସ୍ତ୍ରୀ ପାଖରେ ଭଲ ସ୍ୱଭାବ ଏବଂ ଭଲ ଆଚରଣ ଥାଏ, ସେ ବାସ୍ତବରେ ଭାଗ୍ୟଶାଳୀ ହୋଇଥାଏ।

# ୧୦୦ ବର୍ଷ ପରେ ଏଥର ଗଣେଶ ପୂଜାରେ ଦୁର୍ଲ୍ଲଭ ସଂଯୋଗ



ଗଣେଶ ଚତୁର୍ଥୀ ୭ ସେପ୍ଟେମ୍ବର ୨୦୨୪ରେ ପାଳନ କରାଯିବ। ଚଳିତ ବର୍ଷ ଏହି ଦିନ ଠାରୁ ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ଗଣେଶ ଉତ୍ସବ ପାଳନ କରାଯାଏ । ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଲପକ୍ଷ ଚତୁର୍ଥୀରେ ଗଣେଷ ଚତୁର୍ଥୀ ପାଳନ କରାଯାଉଥିବା ବେଳେ ଏହି ବର୍ଷର ଗଣେଶ ଚତୁର୍ଥୀ ଖୁବ୍ ଖାସ୍ । ଦୀର୍ଘ ୧୦୦ ବର୍ଷ ପରେ ଗଣେଶ ଚତୁର୍ଥୀରେ ଏହି ବର୍ଷ ଦୁର୍ଲ୍ଲଭ ସଂଯୋଗ ସୃଷ୍ଟି ହେଉଛି । ଏହି ବର୍ଷ ସିଦ୍ଧି ଯୋଗ, ରବି ଯୋଗ, ବ୍ରହ୍ମା ଯୋଗ, ଇନ୍ଦ୍ର ଯୋଗ ସୃଷ୍ଟି ହେବାକୁ ଯାଉଛି । ଏହାସହ ସ୍ୱାତୀ ଓ ଚିତ୍ରା ନକ୍ଷତ୍ର ମଧ୍ୟ ରହିବ ।ଚତୁର୍ଥୀ ଦିନ ଗଣେଶ ସ୍ଥାପନା ଓ ପୂଜା ପାଇଁ ବେଶ ଶୁଭ ମୁହୂର୍ତ୍ତ ମିଳିବ । ଏହାସହ ଗ୍ରହ ନକ୍ଷତ୍ରଙ୍କ ଏଭଳି ସ୍ଥିତି ୩ ରାଶି ବ୍ୟକ୍ତି ବିଶେଷଙ୍କ ପାଇଁ ଅତ୍ୟନ୍ତ ଶୁଭଙ୍କର ହେବ । ଏମାନଙ୍କ ଜୀବନରେ ଅନେକ ଶୁଭ ପରିବର୍ତ୍ତନ ହେବା ସହ ଭାଗ୍ୟ ଚମକିବବୃଷ - ଗଣେଶ ଚତୁର୍ଥୀ ବୃଷ ରାଶି ବ୍ୟକ୍ତି ବିଶେଷଙ୍କ ପାଇଁ ଅତ୍ୟନ୍ତ ଶୁଭଙ୍କର । ହସଖୁସି ରହିବ ।କର୍କଟ - ଏହି ରାଶି ବ୍ୟକ୍ତି ବିଶେଷଙ୍କୁ ଧନ ମିଳିବ । ମାନ-ସମ୍ମାନ ବୃଦ୍ଧି ସହ କାର୍ଯ୍ୟରେ ସଫଳତା ମିଳିବ ।କନ୍ୟା - ଏହି ରାଶି ବ୍ୟକ୍ତି ବିଶେଷଙ୍କ ଜୀବନରେ ସୁଖ-ସମୃଦ୍ଧି ବୃଦ୍ଧି ହେବ ।ଆର୍ଥିକ ସମସ୍ୟା ଦୂର ହେବ । ନିବେଶ ପାଇଁ ଉତ୍ତମ ସମୟ ।



# ହାର୍ଟକୁ ସୁସ୍ଥ ରଖେ ରାଶି ଲଡୁ

ଆପଣ ସୁସ୍ଥ ରହିବା ପାଇଁ ସବୁ ପ୍ରକାର ସବୁଜ ପରିବା ଖାଇବା ପାଇଁ ପସନ୍ଦ କରିଥା'ନ୍ତି । କେବଳ ସବୁଜ ପରିବା ନୁହେଁ, ରାଶି ଲଡୁ ଖାଇବା ମଧ୍ୟ ଶରୀର ପାଇଁ ଭଲ। ଗୁଡ଼ ସହିତ ପ୍ରସ୍ତୁତ



ହୋଇଥିବା ରାଶି ଲଡୁ ସ୍ୱାଦୁ ଲାଗିବା ସହ ଶରୀରକୁ ସୁସ୍ଥ ରଖିବା ପାଇଁ ସାହାଯ୍ୟ କରିଥାଏ। ଏଥିପାଇଁ ଶୀତଦିନେ ରାଶି ଲଡୁକୁ ଡାଏଟରେ ସାମିଲ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ରାଶି ଲଡୁ ଖାଇଲେ ଶରୀରକୁ ଅନ୍ୟ କେଉଁସବୁ ଫାଇଦା ମିଳିଥାଏ।

୧. ରାଶି ଲଡୁରେ ଅନସାଚୁରେଟେଡ୍ ଫ୍ୟାଟ୍ ପ୍ରଚୁର ମାତ୍ରାରେ ରହିଛି। ଏହି ଫ୍ୟାଟକୁ ଭଲ ଫ୍ୟାଟ୍ ବୋଲି କୁହାଯାଇଥାଏ। ଗୁଡ଼ ହାର୍ଟକୁ ସୁସ୍ଥ ରଖିବା ସହ ଶରୀରରେ ଭଲ କୋଲେଷ୍ଟ୍ରଲ ମଧ୍ୟ ତିଆରି କରିଥାଏ। ଯଦି ଆପଣ ଡାଇବେଟିସ୍ ରୋଗୀ ତେବେ ରାଶି ଲଡୁ ନିଶ୍ଚିନ୍ତ ଖାଆନ୍ତୁ।

୨. ଦୁର୍ବଳ ହାଡ଼କୁ ମଜବୁତ କରିବା ପାଇଁ ରାଶି ଲଡୁ ସାହାଯ୍ୟ କରିଥାଏ। ନିୟମିତ ରାଶି ଲଡୁ ଖାଇଲେ ଶରୀରରେ କ୍ୟାଲସିୟମର ଅଭାବ ଦୂର ହୋଇଥାଏ। ଏଥିପାଇଁ ମହିଳାମାନଙ୍କୁ ରାଶି ଲଡୁ ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥା'ନ୍ତି।

୩. ରାଶିରେ କପର୍, ଜିଙ୍କ୍, ଆଇରନ୍, ଭିଟାମିନ୍ ବି୬, ଭିଟାମିନ୍-ଇ ଓ ସେଲେନିୟମ୍ ପରି ପୋଷକ ତତ୍ତ୍ୱ ରହିଛି। ଆହୁରି ମଧ୍ୟ ରାଶି ଖାଇଲେ ଇମ୍ୟୁନିଟି ପାୱାର ବୃଦ୍ଧି ପାଇଥାଏ।

### ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ନିର୍ଦ୍ଦେଶନାମା

# ଅସ୍ଥାୟୀ ପୋଖରୀରେ ପକାଇବାକୁ ପରାମର୍ଶ

**ଭୁବନେଶ୍ୱର, ୦୬/୦୯ (ମହାଭରତ) :** ନଦୀରେ ମୂର୍ତ୍ତି ବିସର୍ଜନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବିଏମସି। ଆବଶ୍ୟକ ପଡିଲେ ଅନୁଷ୍ଠାନଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ଏ ନେଇ ବିଏମ୍ସି ପକ୍ଷରୁ ସ୍ୱତନ୍ତ୍ର ଅସ୍ଥାୟୀ ପୋଖରୀ କରାଯାଇଛି।

ପ୍ରତିବର୍ଷ କୁଆଖାଇ ଏବଂ ଦୟା ନଦୀରେ ବହୁ ମୂର୍ତ୍ତି ବିସର୍ଜନ ହେଉଛି। ମୂର୍ତ୍ତିରେ ବ୍ୟବହୃତ ନଡା ଓ କେମିକାଲ ପାଣିରେ ମିଶିବା ଦ୍ୱାରା ଜଳ ପ୍ରଦୂଷଣ ହେଉଛି।ଏହାକୁ ରୋକିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପୋଖରୀ ଖୋଳାଯାଇଛି। ପୋଖରୀର ଚତୁ ପାର୍ଶ୍ୱରେ ଜରି ଦିଆଯାଇଛି। ବଡ ବଡ ମୂର୍ତ୍ତିଗୁଡିକୁ ହାଇଡ୍ରା ସହାୟତାରେ ଗାଡିରୁ ଉଠାଇ ପୋଖରୀରେ ବିସର୍ଜନ କରାଯିବାର ବ୍ୟବସ୍ଥା କରାଯାଇଛି। ଅଧିକାଂଶ ମୂର୍ତ୍ତି ରାତିରେ ବିସର୍ଜନ ହେଉଥିବାରୁ ଦୁର୍ଘଟଣାକୁ ଏଡାଇବା ପାଇଁ ପୋଖରୀ ଚାରିପାଖକୁ ଆଲୋକୀକରଣ କରାଯାଇଛି। ଟଙ୍କପାଣି ବ୍ରିଜ୍ ନିକଟରେ ଗୋଟିଏ ଅସ୍ଥାୟୀ ପୋଖରୀ ଖୋଳାଯାଇଛି।

ଏହି ପୋଖରୀର ଦୈର୍ଘ୍ୟ ୨୬ ମିଟର, ପ୍ରସ୍ଥ ୧୬ ମିଟର ହୋଇଥିବା ବେଳେ ଏହାର ଗଭୀରତା ୩ ମିଟର ରହିଛି। ସେହିପରି ଦୟାନଦୀ କୂଳରେ ହୋଇଥିବା ପୋଖରୀର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୫ ଏବଂ ୧୨ ମିଟର ହୋଇଥିବା ବେଳେ କୁଆଖାଇ ନଦୀକୂଳରେ ୧୬ ମିଟର ଦୈର୍ଘ୍ୟ ଓ ୧୦ ମିଟର ଓସାରର ପୋଖରୀ ଖନନ କରାଯାଇଛି। ସମସ୍ତଙ୍କର ଗଭୀରତା ପ୍ରାୟ ସମାନ ରହିଛି। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ, ଗଣେଶ ପୂଜା ମଣ୍ଡପ, ବିଭିନ୍ନ ଅନୁଷ୍ଠାନ ଓ କ୍ଲବର କର୍ମକର୍ତ୍ତାଙ୍କ ସହ ଜନସାଧାରଣ ଏହି ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ବିଏମ୍ସି ପକ୍ଷରୁ ଅନୁରୋଧ କରାଯାଇଛି।

# ନବୀନଙ୍କୁ ଭେଟିଲେ ହରିବଳଦେବଜୀଉ ମନ୍ଦିର ସେବାୟତ

**ଭୁବନେଶ୍ୱର, ୬।୯ (ମହାଭରତ) :** ବାରିପଦାସ୍ଥିତ ହରିବଳଦେବଜୀଉ ମନ୍ଦିରର ସେବାୟତଗଣ ମନ୍ଦିରର ବିଭିନ୍ନ ସମସ୍ୟା ନେଇ ଗତ ୨୮ ତାରିଖରୁ ୯ ଦିନ ଧରି ପଦଯାତ୍ରା କରି ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଆଜି ରାଜଧାନୀରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ହେଁ ମୁଖ୍ୟମନ୍ତ୍ରୀଙ୍କ ଦେଖା ମିଳିନଥିଲା। ଶେଷରେ ନିରାଶ ହୋଇ ଲୋୟର ପିଏମଜିରେ ଘଣ୍ଟ ପିଟି ପ୍ରତିବାଦ କରିଥିଲେ। ଏହା ପରେ ସେମାନେ ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।



ବାରିପଦା ଦେବୋତ୍ତର ବିଭାଗ ଅଧୀନରେ ଦଶଟି ମନ୍ଦିର ଓ ମଠ ପରିଚାଳିତ ହେଉଛି। ଏହାର ରକ୍ଷଣାବେକ୍ଷଣା ଓ ପରିଚାଳନା ପାଇଁ ୭ ଶହ ଏକର ଜମି ଖଞ୍ଜା ଯାଇଛି। ହେଲେ ଠାକୁରଙ୍କ ପାଇଁ ଉଦ୍ଦିଷ୍ଟ ଏହି ଜମିରୁ ବହୁ ପରିମାଣର ଜମି ବିଭିନ୍ନ ସରକାରୀ ସଂସ୍ଥା, ମୁଷ୍ଟିମେୟ ଲୋକଙ୍କ ଜବରଦଖଲରେ ରହିଛି। ଫଳସ୍ୱରୂପ ଉକ୍ତ ଜମିରୁ ରାଜସ୍ୱ ଆଦାୟ ହୋଇପାରୁନି। ତେଣୁ ଉକ୍ତ ଜମିକୁ ଦେବୋତ୍ତର ବିଭାଗକୁ ଆଣି ମଠ ଓ ମନ୍ଦିର ଆଦି ପରିଚାଳନାରେ ଜମି ଆୟବ୍ୟୟ କରିବା ପାଇଁ ସେବାୟତମାନେ ଅନୁରୋଧ କରିଛନ୍ତ। ଏଥିସହ ଠାକୁରଙ୍କ ବେଶରେ ବ୍ୟବହାର ସୁନା ଓ ରୁପା ଅଳଙ୍କାର ଏବେ ସବୁ ଭାଙ୍ଗିରୁଜି ଗଲାଣି। ତେଣୁ ଗହଣା ଉପଯୁକ୍ତ ମରାମତି କରାଯାଇ ଠାକୁର ବେଶରେ ବ୍ୟବହାରଯୋଗ୍ୟ କରାଯାଉ। ଠାକୁରଙ୍କ ଦୈନନ୍ଦିନ ନିତି ପାଇଁ ଛତିଶାନିଯୋଗ ସେବାର ବ୍ୟବସ୍ଥା ଥିବା ବେଳେ ଏବେ ସଠିକ ପାଉଣା ନମିଳିବାରୁ ସେବାୟତମାନେ ସେବା ପୂଜା ଛାଡ଼ି ଦେଉଛନ୍ତି। ଫଳରେ ବହୁ ସେବା ପଦ ଫାଙ୍କା ରହୁଛି। ତେଣୁ ଠାକୁରଙ୍କ ନୀତି ନିୟମ ସଠିକ ଭାବେ ହୋଇପାରୁନି। ତେଣୁ ତୁରନ୍ତ ସେବାୟତ ନିଯୁକ୍ତିକରିବା ପାଇଁ ଦାବି କରାଯାଉଛି। ସେହିପରି ରାଜ୍ୟର ବିଭିନ୍ନ ଆଧ୍ୟାତ୍ମିକ ପୀଠକୁ ଯେଉଁଭଳି ସୌନ୍ଦର୍ଯ୍ୟୀକରଣ କରାଯାଉଛି, ସେହିଭଳି ଏହି ମନ୍ଦିରରେ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟୀକରଣ କରାଯାଉ ବୋଲି ସେମାନେ ନବୀନଙ୍କୁ ଅନୁରୋଧ କରିଛନ୍ତି।

# ସୀମାରେ କୁକୁଡ଼ା ଗାଡ଼ି ଅଟକାଇଲା ପଶ୍ଚିମବଙ୍ଗ ପୋଲିସ

**ଭୁବନେଶ୍ୱର, ୬।୯ (ମହାଭରତ):** ପଶ୍ଚିମବଙ୍ଗ ସୀମାରେ ଅଟକିଛି ଅଣ୍ଡା ଓ କୁକୁଡା ଗାଡି। ଆନ୍ଧ୍ରପ୍ରଦେଶରୁ ଆସିଥିବା ଅଣ୍ଡା ଓ କୁକୁଡା ବୋଝେଇ ଟ୍ରକ୍ ଗୁଡ଼ିକୁ ୨୪ ଘଣ୍ଟା ହେଲା କୋଲକାତା ପୁଲିସ୍ ଅଟକାଇ ରଖିଛି। ଯେଉଁଥିପାଇଁ ୭୦ରୁ ଅଧିକ ଟ୍ରକ୍ ଜାତୀୟ ରାଜପଥରେ ଛିଡ଼ା ହୋଇଛି। ଆଗକୁ ଯାଇପାରୁ ନାହିଁ।



ଆସାମ ଓ ଓଡ଼ିଶାର ପଡ଼ୋଶୀ ପଶ୍ଚିମବଙ୍ଗ ଅଣ୍ଡା ଏବଂ କୁକୁଡ଼ା ପାଇଁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ଶହଶହ ଗାଡ଼ି ଓଡ଼ିଶା ଦେଇ ପଶ୍ଚିମବଙ୍ଗ ଓ ଆସାମ ଯିବା ଆସିବା କରିଥାଏ। ଗୁରୁବାର ସକାଳଠାରୁ ଆନ୍ଧ୍ରପ୍ରଦେଶରୁ ଆସିଥିବା ୭୦ ଅଧିକ ଅଣ୍ଡା ଓ କୁକୁଡ଼ା ବୋଝେଇ ଟ୍ରକକୁ ସୋନା କଣିଅ। ଚେକଗେଟ୍ ପାଖରେ ପଶ୍ଚିମବଙ୍ଗର ଦାନ୍ତୋନ ପୁଲିସ୍ ଅଟକାଇ ରଖିଛି। ଆଗକୁ ଯିବା ପାଇଁ ଦେଉନାହିଁ। କାରଣ ପଚାରିଲେ ଓଡ଼ିଶାରେ ବାର୍ଡ ଫ୍ଲୁ ବ୍ୟାପିଥିବାରୁ ଅଣ୍ଡା ଓ କୁକୁଡ଼ା ଗାଡ଼ିକୁ ଆଗକୁ ଯିବା ପାଇଁ ଅନୁମତି ନାହିଁ।

ପୁଲିସ୍ ନାଲି ଆଖି ପରେ ଉପାୟଶୂନ୍ୟ ହୋଇ ୨୪ ଘଣ୍ଟାରୁ ଅଧିକ ସମୟ ଧରି ରାସ୍ତା ପାର୍ଶ୍ୱରେ ଗାଡ଼ି ଗୁଡ଼ିକ ଅଟକି ରହିଛନ୍ତି। ଗାଡ଼ି ଚାଳକମାନେ ଅଖିଆ। ଅପିଆ। ରହିଛନ୍ତି। ଅନ୍ୟ ପକ୍ଷରେ ଦୀର୍ଘ ସମୟ ଧରି ଗାଡ଼ି ଛିଡ଼ା ହେଲେ କୁକୁଡ଼ା ମରିଯିବା ଓ ଅଣ୍ଡା ନଷ୍ଟ ହେବା ଭୟ ଘାରିଛି।

# ଖୋର୍ଦ୍ଧା ରୋଡ୍-ଗୋଳନ୍ଥରାରେ ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ କାର୍ଯ୍ୟକାରୀ ହେବ

**ଭୁବନେଶ୍ୱର, ୬।୯ (ମହାଭାରତ) :** ସୁରକ୍ଷିତ ଏବଂ ଅଧିକ ଦକ୍ଷ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବାକୁ ଭାରତୀୟ ରେଳବାଇ ଏହାର ଭିତ୍ତିଭୂମିକୁ କ୍ରମାଗତ ଭାବରେ ନବୀକରଣ କରିଆସୁଅଛି। ଏହି ଆଧୁନିକୀକରଣର ଏକ ଅଂଶ ଭାବରେ ପୂର୍ବତଟ ରେଳପଥର ଯଖପୁରା-ନିର୍ଗୁଣ୍ଡି ଏବଂ ଖୋର୍ଦ୍ଧା ରୋଡ୍-ଗୋଳନ୍ଥରା ରେଳ ସେକ୍ସନ ସମେତ ପ୍ରମୁଖ ରେଳ ସେକ୍ସନରେ ଅଟୋମେଟିକ୍ ବ୍ଲକ୍ ସିଗନାଲ୍ (ଏବିଏସ୍) ଅଥବା ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା ନିୟୋଜିତ ହେଉଛି।



ଏବିଏସ୍ ସିଷ୍ଟମ୍ ଅଥବା ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା ଏକାଧିକ ଟ୍ରେନ୍‌କୁ ଗୋଟିଏ ବ୍ଲକ୍ ସେକ୍ସନରେ ରହିବାକୁ ଅନୁମତି ଦେଇଥାଏ ଯାହା ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ଦ୍ୱାରା ଟ୍ରେନ ଚଳାଚଳ କାର୍ଯ୍ୟର ଏକ ସାଧାରଣ ବୈଶିଷ୍ଟ୍ୟ ଅଟେ। ଏହି ପ୍ରକ୍ରିୟାରେ କୌଣସି ଅସାଧାରଣ କିମ୍ବା ଅସୁରକ୍ଷିତ କିଛି ନାହିଁ, ଯେହେତୁ ସ୍ୱୟଂଚାଳିତ ସେକ୍ସନ ଅଞ୍ଚଳରେ ସୁରକ୍ଷିତ ଏବଂ ଦକ୍ଷତାର ସହିତ ଟ୍ରେନ୍ ଚଳାଇବା ପାଇଁ ପ୍ରଣାଳୀକୁ ଡିଜାଇନ୍ କରାଯାଇଅଛି।

ଗୋଟିଏ ବ୍ଲକ ସେକ୍ସନରେ ଏକାଧିକ ଟ୍ରେନର ଉପସ୍ଥିତି ବିଷୟରେ ଭୁଲ ତଥ୍ୟ ବିସ୍ତାର ନକରିବାକୁ ପୂର୍ବତଟ ରେଳପଥ ଜନସାଧାରଣ ଏବଂ ପ୍ରଭାବଶାଳୀ ପ୍ରସାରକ ମାନଙ୍କୁ ଅନୁରୋଧ କରିଆସୁଅଛି। ଏହି ପ୍ରଣାଳୀ ସଂପୂର୍ଣ୍ଣ ସ୍ୱୟଂଚାଳିତ ଏବଂ ନିରାପତ୍ତାର ଆବଶ୍ୟକୀୟ ମାନ ସୁନିଶ୍ଚିତ କରୁଛି। ଯଖପୁରା-ନିର୍ଗୁଣ୍ଡି ଏବଂ ଖୋର୍ଦ୍ଧା ରୋଡ୍-ଗୋଳନ୍ଥରା ରେଳ ସେକ୍ସନରେ ଖୁବ୍ ଶୀଘ୍ର ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନରେ ସ୍ୱୟଂଚାଳିତ ବ୍ଲକ ସାଙ୍କେତିକ ପ୍ରଣାଳୀ ପ୍ରକଳ୍ପ ପାଇଁ ୧୬୦ କୋଟି ମୂଲ୍ୟର ଟେଣ୍ଡର ପ୍ରଦାନ କରାଯାଇସାରିଛି।

ଖୋର୍ଦ୍ଧା ରୋଡ୍-ନିର୍ଗୁଣ୍ଡି ଏବଂ ଭଦ୍ରକ- ଯଖପୁରା ରେଳ ସେକ୍ସନ ସୁରକ୍ଷିତ ଏବଂ ଦକ୍ଷ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରି ଏବିଏସ୍ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ଏବିଏସ୍ ପ୍ରଣାଳୀ ରେଳ ଧାରଣା କ୍ଷମତା ବୃଦ୍ଧି କରାଇବା ସହିତ କାର୍ଯ୍ୟକ୍ଷମ ଖର୍ଚ୍ଚ ହ୍ରାସ କରିଥାଏ ଏବଂ ବ୍ୟସ୍ତବହୁଳ ମାର୍ଗରେ ଟ୍ରେନଗୁଡ଼ିକର ଚଳାଚଳକୁ ସୁଗମ କରିଥାଏ। ସ୍ୱୟଂଚାଳିତ ବ୍ଲକ୍ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା ରେଳ ଲାଇନକୁ ଛୋଟ ବିଭାଗ କିମ୍ବା 'ବ୍ଲକ୍' ରେ ବିଭକ୍ତ କରେ।

# 'ସୁଜିତଙ୍କ ଯୋଗଦାନରେ ବିଜେପି ଅଧିକ ସୁଦୃଢ଼ ହେବ'

**ଭୁବନେଶ୍ୱର, ୦୬/୦୯ (ମହାଭରତ) :** ଦୁର୍ନୀତିରେ ଲିପ୍ତ ଥିବା ବିଜେଡିର ଦୁର୍ଗ ଭାଙ୍ଗିବାରେ ଲାଗିଛି। ଅପରପକ୍ଷେ ବିଜେପିର ସାଂଗଠନିକ ସ୍ଥିତି ଦିନକୁ ଦିନ ସୁଦୃଢ ହେଉଛି। ରାଜ୍ୟସଭା ସାଂସଦ ସୁଜିତ୍ କୁମାର ବିଜେଡି ଦଳରୁ ଏବଂ ରାଜ୍ୟସଭାରୁ ଇସ୍ତଫା ଦେଇ ଭାରତୀୟ ଜନତାପାର୍ଟିରେ ଯୋଗ ଦେଇଛନ୍ତି। ବିଜେପିରେ ତାଙ୍କର ଯୋଗଦାନ ଫଳରେ ଓଡ଼ିଶାରେ ବିଜେପି ଆହୁରି ସୁଦୃଢ଼ ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଆଜି ଏଠାରେ ଏକ ବିବୃତ୍ତି ଦେଇ ଶ୍ରୀ ସାମଲ କହିଛନ୍ତି ଯେ, ବିଜେଡିରେ ଗଣତାନ୍ତ୍ରିକ ବ୍ୟବସ୍ଥା ନ ଥିବାରୁ ଓ ଅଭିବ୍ୟକ୍ତିର ସ୍ୱାଧୀନତା ନ ଥିବାରୁ ବହୁ ନେତା ଦଳ ଛାଡ଼ି ବିଜେପିରେ ସାମିଲ ହେଉଛନ୍ତି। ଗତ ନିର୍ବାଚନରେ ୨୧ ରୁ ୨୦ ସାଂସଦ ଏବଂ ୭୮ ବିଧାୟକ



ବିଜେପିରୁ ନିର୍ବାଚିତ ହୋଇଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଲଗାତାର ତୃତୀୟ ଥର ଏବଂ ଓଡ଼ିଶାରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି। ଦଳର ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଆହୁରି ବହୁ ନେତା ବିଜେପିରେ ଯୋଗ ଦେବାର ସୂଚନା ମିଳିଛି।

ଶ୍ରୀ ସାମଲ କହିଛନ୍ତି ଯେ, ଆନନ୍ଦର ବିଷୟ ଯେ, ରାଜ୍ୟସଭାରେ ଓଡିଶାର ପ୍ରତିନିଧିତ୍ୱ କରୁଥିବା ସୁଜିତ୍ କୁମାର ବିରୋଧି ବିଜେଡ଼ି ଦଳରେ ଥାଇ ମଧ୍ୟ ମୋଦିଜଙ୍କ ନେତୃତ୍ୱରେ ଓଡ଼ିଶାରେ ଯେଉଁଭଳି ବିକାଶ ହେଉଛି ତାହାର ଭୂୟସି ପ୍ରଶଂସା କରିଛନ୍ତି ସୁଜିତ୍ କୁମାର। ତାଙ୍କ ନେତୃତ୍ୱରେ ବିଜେପି କଳାହାଣ୍ଡି ଜିଲ୍ଲଶର ମୌଳିକ ବିକାଶ ଯଥା କୃଷି, ଶିକ୍ଷା, ନିଯୁକ୍ତି ତଥା ପଛୁଆ ବର୍ଗ ଲୋକଙ୍କ ବିକାଶ ପାଇଁ ସୁଯୋଗ ମିଳିବ ବୋଲି ଶ୍ରୀ ସାମଲ ଆଶା ପ୍ରକାଶ କରିଛନ୍ତି।

# ରାସ୍ତା କଡ଼ ଖାଦ୍ୟ ଷ୍ଟଲ ଯାଞ୍ଚ

**କଟକ, ୬।୯ (ମହାଭାରତ) :** ଆଜି ଗଣେଶ ପୂଜା। ଗଣେଶ ପୂଜା ସହ ଆରମ୍ଭ ହୋଇଯିବ ପାର୍ବଣ ଋତୁର ଆରମ୍ଭ। ପାର୍ବଣରେ ଲୋକେ ପୂଜା ସମୟରେ ମେଢ଼ ବୁଲିବା ସହ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି। ମାତ୍ର ଅନେକ ସମୟରେ ଲାଭ ପାଇଁ କିଛି ବ୍ୟବସାୟୀ ଖରାପ ତଥା ନିମ୍ନ ମାନର ଖାଦ୍ୟ ବିକ୍ରି କରୁଥିବାର ଦେଖିବାକୁ ମିଳିଥାଏ। ଏମିତିକି ବାସୀ ଖାଦ୍ୟକୁ ଅପମିଶ୍ରିତ କରିଥାନ୍ତି କିଛି ବ୍ୟବସାୟୀ। ତେଣୁ ପାର୍ବଣ ଋତୁ ଆସୁଥିବାରୁ ଆଗୁଆ। ସତର୍କତା ମୂଳକ ପଦକ୍ଷେପ ନେଇଛି ସିଏମସି। ପୂଜା ସମୟରେ ଯେପରି ଅପମିଶ୍ରିତ ଖାଦ୍ୟ ବିକ୍ରି ନହେବ ସେନେଇ ପଦକ୍ଷେପ ନେଇ ସିଏମସି ସ୍ୱାସ୍ଥ୍ୟ ବିଭାଗ। ଶୁକ୍ରବାର ସିଏମସି ସ୍ୱାସ୍ଥ୍ୟ ବିଭାଗ ଓ ଫୁଡ୍ ସେଫ୍ଟି ବିଭାଗ ପକ୍ଷରୁ ରାସ୍ତା କଡ଼ ଖାଦ୍ୟ ଦୋକାନ ଉପରେ ଚଢାଉ କରାଯାଇଛି। ଫୁଡ ଲାଇସେନ୍ସ ଯାଞ୍ଚ ସହ ଅପମିଶ୍ରିତ ଖାଦ୍ୟ, ଅସ୍ୱାସ୍ଥ୍ୟକର ଭାବେ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରି ସମ୍ପର୍କରେ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି।

# ଅଧ୍ୟାପକଙ୍କ କ୍ଲାସ ପିଛା ପାଉଣା ୫୦୦ ଟଙ୍କା

**ଭୁବନେଶ୍ୱର,୬।୯ (ମହାଭାରତ):** ସରକାରୀ ଡିଗ୍ରୀ କଲେଜରେ ଅତିଥି ଅଧ୍ୟାପକମାନଙ୍କୁ ପ୍ରତି କ୍ଲାସ ପିଛା ପାଠ ପଢାଇବାପାଇଁ ୫୦୦ ଟଙ୍କା କରି ପାରିଶ୍ରମିକ ମିଳୁଛି। ଏହି ଅଧ୍ୟାପକମାନଙ୍କୁ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ପ୍ରଦାନ କରାଯାଉଛି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଅଧ୍ୟାପକମାନଙ୍କ ପାଉଣା ସମ୍ପର୍କରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ମାନଙ୍କରେ ଅତିଥି ଅଧ୍ୟାପକମାନଙ୍କୁ ପ୍ରତି କ୍ଲାସ ପାଇଁ ୫୦୦ ଟଙ୍କା ହାସରେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ପ୍ରଦାନ କରାଯାଉଛି। ଅତିଥି ଅଧ୍ୟାପକମାନଙ୍କ ପାରିଶ୍ରମିକ ବଢାଇବା ବିଷୟଟି ସରକାରଙ୍କର ବିଚାରାଧିନ ଅଛି।

ମନ୍ତ୍ରୀ କହିଥିଲେ ଯେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କରେ ଖାଲିଥିବା ଅଧ୍ୟାପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଥିବାବେଳେ ଅତିଥି ଅଧ୍ୟାପକ ଓ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅତିଥି ଅଧ୍ୟାପକମାନଙ୍କୁ ପ୍ରତି ମାସରେ ସର୍ବାଧିକ ୬୦ଟି କ୍ଲାସ ନେବାପାଇଁ ଅନୁମତି ମିଳୁଛି ଏବଂ ପ୍ରତ୍ୟେକ କ୍ଲାସ ପିଛା ପି.ଏଚଡି ଥିବା ଅତିଥି ଅଧ୍ୟାପକମାନଙ୍କୁ ୧୦୦୦ ଟଙ୍କା ଏବଂ ପି.ଏଚ୍‌ଡି ନଥିବା ଅତିଥି ଅଧ୍ୟପାକମାନଙ୍କୁ ୭୫୦ ଟଙ୍କ ପାରିଶ୍ରମିକ ପ୍ରଦା କରାଯାଉଛି। ତେବେ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ପାଠ ପଢାଇବାପାଇଁ କୌଣସି ଅତିଥି ଅଧ୍ୟାପକ ନିୟୋଜନ ହୋଇନଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ମୋ ସ୍କୁଲ ଯୋଜନାରେ ୩୦୮୯ କୋଟି ଖର୍ଚ୍ଚ ହୋଇଛି

**ଭୁବନେଶ୍ୱର, ୦୬।୦୯ (ମହାଭାରତ) :** ମୋ ସ୍କୁଲ ଅଭିଯାନ ତରଫରୁ ରାଜ୍ୟର ୨୪ଜିଲ୍ଲାରେ ୬୫୮୦ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି। ଏ ବାବଦରେ ୩୦୮୯ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଦ୍ୟାଳୟ ରୂପାନ୍ତରଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ମୋ ସ୍କୁଲ ଅଭିଯାନ ତରଫରୁ ଉଚ୍ଚ ବିଦ୍ୟାଳୟମାନଙ୍କର ଭିତ୍ତିଭୂମିର ଉନ୍ନତିକରଣ ପାଇଁ ବିଭିନ୍ନ ସିଏସ୍ଆର ସୂତ୍ର ଓ ସରକାରଙ୍କ ଅନୁଦାନକୁ ମିଶାଇ ମୋଟ୍ ୨୪ଟି ଜିଲ୍ଲାର ୬୫୮୦ଟି ଉଚ୍ଚ ବିଦ୍ୟାଳୟ ପାଇଁ ୩୦୮୯ କୋଟି ୭୫ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ଅନୁମୋଦନ ଦିଆଯାଇଛି। ଅନ୍ୟ ୬ଟି ଜିଲ୍ଲାରେ ଓମ୍ବାଡିସ ଓ ଡିଏମଏଫ୍ ଏହି ରୂପାନ୍ତରଣ କାର୍ଯ୍ୟ ହୋଇଛି। ମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି ଯେ ପ୍ରତି ଉଚ୍ଚ ବିଦ୍ୟାଳୟର ମୌଳିକ ଆବଶ୍ୟକତା ଯେପରିକି ସ୍ମାର୍ଟ ଶ୍ରେଣୀଗୃହ, ଇ-ପାଠାଗାର, ଉନ୍ନତ ବିଜ୍ଞାନ ପ୍ରୟୋଗଶାଳା, ପାନୀୟଜଳ, ଶୌଚାଳୟ ଏବଂ ଖେଳପଡିଆର ଉନ୍ନତିକରଣ ପାଇଁ ଖର୍ଚ୍ଚ ହୋଇଛି। ଝାରସୁଗୁଡା ଜିଲ୍ଲାର ତିନିଟି ପର୍ଯ୍ୟାୟରେ ୧୦୬ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ବାବଦରେ ମୋଟ୍ ୫୪କୋଟି ୬୩ଲକ୍ଷ ୮୩ହଜାର ୪୫୦ ଟଙ୍କା ବ୍ୟୟ ହୋଇଛି।

# ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ଆଇନ ଲାଗୁ କରିବାକୁ ଦାବି

**ଭୁବନେଶ୍ୱର, ୬/୦୯ (ମହାଭାରତ):** ଜାତୀସଂଘର ଅର୍ଥନୈତିକ ଓ ସାମାଜିକ ପ୍ରବାସୀ ଶ୍ରମିକ ସଂଯୋଜକ ବିଭାଗ ତରଫରୁ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଜାତିସଂଘ ଦ୍ୱାରା ପ୍ରସ୍ତୁତ ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ଆଇନ କାର୍ଯ୍ୟକାରିତା ସଂପର୍କରେ ଆଲୋଚନାରେ ଭାଗ ନେଇ, ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ପ୍ରବାସୀ ଶ୍ରମିକ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଭାରତ ସମେତ କେତେକ ଦେଶ ଏହି ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ଆଇନ ସଂପର୍କିତ ଚୁକ୍ତିନାମାରେ ସ୍ୱାକ୍ଷର କରିନଥିବାରୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଆଗାମୀ ୨୦୨୫ ମସିହା ଫେବୃୟାରୀ-୦୫ ହେବାକୁ ଥିବା ଆନ୍ତର୍ଜାତିକ ସରକାରୀ ସ୍ତରୀୟ ଆଲୋଚନା ସମୟରେ ଏହାକୁ ସ୍ୱାକ୍ଷରିତ କରିବା ଉଦ୍ଦେଶ୍ୟରେ ଏକ ବିଶେଷ ଯୋଜନା ପ୍ରସ୍ତୁତ କରିବା ପାଇଁ ଡ. ରାମଚନ୍ଦ୍ର ଖୁଣ୍ଟିଆ ଦାବୀ କରିଛନ୍ତି। ପୁନଶ୍ଚ ଆଗାମୀ ୨୦୨୬ ମସିହାରେ ଉକ୍ତ ପ୍ରବାସୀ ଆଇନର ସମୀକ୍ଷା ଆନ୍ତର୍ଜାତିକ ସ୍ତରରେ ଜାତିସଂଘ ତରଫରୁ ହେବ ବୋଲି ପ୍ରସ୍ତାବ ଅଛି। ତେଣୁ ଏହା ପୂର୍ବରୁ ୨୦୨୪ ମସିହାରେ ଅଂଶିଦାର ଦେଶ ମାନଙ୍କର ପରାମର୍ଶ ପାଇଁ ଫେବୃୟାରୀ-୦୩ ତାରିଖ ୨୦୨୫ ମସିହାରେ ଅଂଶିଦାର ପରିଷଦ ବୈଠକ ଗ୍ଲୋବାଲ କମ୍ପାକ୍ଟ ଅନ୍ ମାଇଗ୍ରେସନର ଆଂଚଳିକ ସାଧାରଣ ଅଧିବେଶନ ବ୍ୟାଙ୍କକ୍ ଠାରେ ଅନୁଷ୍ଠିତ ହେବ।

# ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ପାଇଁ ୮ ରାଜ୍ୟ ରାଜଭବନ କର୍ମଚାରୀଙ୍କ ସମ୍ମିଳନୀ



**ଭୁବନେଶ୍ୱର,୬।୯ (ମହାଭାରତ) :** ଭାରତର ଉତ୍ତର-ପୂର୍ବାଂଚଳ ଆଠଟି ରାଜ୍ୟର ରାଜଭବନର ଅଧିକାରୀମାନଙ୍କ ପାଇଁ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ସଂପର୍କିତ ଅଭିମୁଖୀକରଣ (ଓରିଏଣ୍ଟେସନ୍) କାର୍ଯ୍ୟକ୍ରମ ରାଜଭବନର ନିୟୁ ଅଭିଷେକ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଆଶାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ତ୍ରିପୁରା, ମଣିପୁର, ମିଜୋରାମ, ମେଘାଳୟ ରାଜଭବନର ବରିଷ୍ଠ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଓଡ଼ିଶାର ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ ରାଜ୍ୟପାଳଙ୍କ ଶୁଭେଚ୍ଛା ବାର୍ତ୍ତା ଜଣାଇବା ସହ ସ୍ୱାଗତ ଭାଷଣ ପ୍ରଦାନ କରି ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଓରିଏଣ୍ଟେସନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହାପରେ ନୀତି ଆୟୋଗର ଅତିରିକ୍ତ ମିଶନ୍ ନିର୍ଦ୍ଦେଶକ ଆନନ୍ଦ ଶେଖର ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଓ ପ୍ରସଙ୍ଗ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ ଓ ପାୱାର ପଏଂଟ ପ୍ରେଜେଣ୍ଟେସନ ମାଧ୍ୟମରେ ବୁଝାଇଥିଲେ। ନୂଆ ଦିଲ୍ଲୀସ୍ଥିତ କାପାସିଟି ବିଲ୍ଡିଂଗ କମିଶନର ନିର୍ଦ୍ଦେଶକ ଶ୍ରୀମତୀ ନବ୍‌ନିତ୍ କୌର ଏବଂ ଆଇ.ଜି.ଓ.ଟି. (ଇଂଟିଗ୍ରେଟେଡ ଗଭର୍ଣ୍ଣମେଂଟ ଅନ୍ ଲାଇନ୍ ଟ୍ରେନିଂଗ)ର ବରିଷ୍ଠ ଉପଦେଷ୍ଟା ଶୋଭନା ରାଣା କର୍ମଯୋଗୀ ଏବଂ ଇଣ୍ଟିଗ୍ରେଟେଡ ଗଭର୍ଣ୍ଣମେଂଟ ଅନ୍‌ଲାଇନ୍ ଟ୍ରେନିଂଗ୍ ସଂପର୍କରେ ବିଶଦଭାବେ ଆଲୋଚନା କରିଥିଲେ। କର୍ମଚାରୀମାନଙ୍କର ଦକ୍ଷତା ବିକାଶ, କାର୍ଯ୍ୟକ୍ରମ ପରିଚାଳନା ଜରିଆରେ କିପରି ବିଭିନ୍ନ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟାନ୍ୱୟନ ହୋଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ। ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ଯୋଜନାର ସୁଫଳ କିପରି ପ୍ରତି ଘରେ ପହଚିଂବ, ହିତାଧିକାରୀଙ୍କ ଜୀବନସ୍ତରର ଉନ୍ନତି ହେବ ତା' ଉପରେ ଗୁରୁତ୍ୱଆରୋପ କରାଯାଇଥିଲା। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକକ୍ଷେତ୍ର, ଭିତିଭୂମିର ବିକାଶ ତଥା ଅନ୍ୟାନ୍ୟ ମୌଳିକ ଆବଶ୍ୟକତା କ୍ଷେତ୍ରରେ ବିକାଶ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟକାରୀତା ସଂପର୍କରେ ଆଲୋଚନା ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ରାଜ୍ୟର ରାଜଭବନର ବରିଷ୍ଠ ଅଧିକାରୀମାନେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ସଂପର୍କରେ ମତାମତ ଓ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ।

## ଭତ୍ତା ତାଲିକାରୁ କଟିଛି ୭,୯୭,୬୩୨ ନାମ

**ଭୁବନେଶ୍ୱର, ୦୬।୦୯ (ମହାଭାରତ) :** ବିଗତ ୫ବର୍ଷ ମଧ୍ୟର ଭତ୍ତା ତାଲିକାରୁ ୭,୯୭,୬୩୨ ଜଣଙ୍କ ନାଁ କଟିଲାଣି। ଏହି ତାଲିକାରେ ସବୁଠାରୁ ଆଗରେ ଗାମ ଜିଲ୍ଲା ରହିଥିବା ସୂଚନା ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ଭତ୍ତା ସଂକ୍ରାନ୍ତରେ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ବାତିଲ ହୋଇଥିବା ଭତ୍ତା ତାଲିକାରେ ସବୁଠାରୁ ଆଗରେ ରହିଛି ଗାମ ଜିଲ୍ଲା। ଏହି ଜିଲ୍ଲାରେ ଗତ ୫ବର୍ଷ ଭିତରେ ୭୭,୨୪୧ ଜଣ ଭତ୍ତା ତାଲିକାର ବାଦ୍ ପଡିଥିବାବେଳେ ବଲାଙ୍ଗିର ଜିଲ୍ଲାରୁ ୬୩,୧୨୨, ମୟୁରଭଞ୍ଜରୁ ୫୪,୬୯୬ ଜଣ, ପୁରୀରୁ ୪୯,୪୨୨ ଜଣ, ଖୋର୍ଦ୍ଧାରୁ ୪୬,୩୭୯ଜଣ ବାଦ୍ ପଡିଛନ୍ତି। କେନ୍ଦ୍ରାପଡା, ମାଲକାନଗିରି ଓ ସୁନ୍ଦରଗଡ ଜିଲ୍ଲାରୁ ଜଣେ ହେଲେ ବାଦ୍ ପଡି ନାହାନ୍ତି। ଝାରସୁଗୁଡା ଜିଲ୍ଲାରେ ଏହି ସମୟରେ ସବୁଠାରୁ କମ୍ ମାତ୍ର ୮୦୫ ଜଣ ଭତ୍ତା ତାଲିକାରୁ ବାଦ୍ ପଡିଥିବା ମନ୍ତ୍ରୀ ଦର୍ଶାଇଛନ୍ତି।

# ରେଭେନ୍ସା ନାମ ପରିବର୍ତ୍ତନ ସଂକ୍ରାନ୍ତରେ ବୁଦ୍ଧିଜୀବୀ ବୈଠକ

**ଭୁବନେଶ୍ୱର, ୬/୯ (ମହାଭାରତ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ଆହୁତ ଗୋଲ ଟେବୁଲ ବୈଠକରେ ନାମ ପାରିବର୍ତ୍ତନ ପ୍ରସ୍ତାବକୁ ଘୋର ବିରୋଧ କରାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କର ବକ୍ତବ୍ୟକୁ ପ୍ରତ୍ୟାହାର କରିବା ପାଇଁ ଦାବି କରାଯିବା ସହିତ ଯଦି ସେ ଚାହୁଁଛନ୍ତି ବିତର୍କ କରିବା ପାଇଁ ତେବେ ସେ ନିଜେ ବିତର୍କକୁ ଆସନ୍ତୁ ବୋଲି ତାଙ୍କୁ ଖୋଲା ଆହ୍ୱାନ ଦିଆଯାଇଛି। କେଉଁ ଦିନ ଓ ତାରିଖରେ ସେ ଉପସ୍ଥିତ ରହିବେ ଜଣାଇଲେ ସେଥିପାଇଁ ବିତର୍କର ଆସର ପ୍ରସ୍ତୁତ କରାଯିବ ବୋଲି ଆଜି ଘୋଷଣା କରାଯାଇଛି।



ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ପୂର୍ବତନ ପୋଲିସ ଡି.ଜି. ଅମୀୟ ଭୂଷଣ ତ୍ରୀପାଠୀଙ୍କ ସଭାପତିତ୍ୱରେ ଓ ସୁଦର୍ଶନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଗୋଲ ଟେବୁଲ ବୈଠକରେ ସଂଜୀବ ହୋତା, ମନୋରଂଜନ ପାଣିଗ୍ରାହୀ, ଡ: ଅରବିନ୍ଦ ବେହେରା, ସତ୍ୟକାମ ମିଶ୍ର, ପ୍ରଫେସର ସଂଗୀତା ରଥ, ପ୍ରଫେସର ବିନାୟକ ରଥ, ପଂଚାନନ କାନୁନଗୋ, ଅମୀୟ ମହାନ୍ତି, ଯୁଧିଷ୍ଠିର ମହାପାତ୍ର, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସତ୍ୟପ୍ରକାଶ ନାୟକ, ବଦ୍ରିନାରାୟଣ ମହାନ୍ତି, ଅର୍ଚ୍ଚନା ନାୟକ, ମନୋଜ ସାହୁ ବିଜୟ ଦାସ ସମେତ ଅନେକ ବୁଦ୍ଧିଜୀବି, ସାମାଜିକ କର୍ମୀ, ପୂର୍ବତନ ପ୍ରଶାସକ, ବର୍ତ୍ତମାନ ଏବଂ ପୂର୍ବତନ ରେଭେନ୍ସା କଲେଜର ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର ନେତା ମାନେ ଯୋଗ ଦେଇଥିଲେ।

ବୈଠକରେ ସର୍ବସମ୍ମତି କ୍ରମେ ରେଭେନ୍ସା ହେରିଟେଜ ଫୋରମ ନାମରେ ଏକ କମିଟି ଗଠିତ କରାଯାଇଛି। ଏହି କମିଟିରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପଦ୍ମ ଭୁଷଣ ଡ: ପ୍ରତିଭା ରାୟ, ସଂଜୀବ ହୋତା, ଡ: ଅରବିନ୍ଦ ବେହେରା, ସୌମ୍ୟ ରଂଜନ ପଟ୍ଟନାୟକ, ପଂଚାନନ କାନୁନଗୋ, ପ୍ରଫେସର ବିନାୟକ ରଥ ପ୍ରମୁଖ ଉପଦେଷ୍ଟା ଭାବରେ ରହିଥିବା ବେଳେ ସତ୍ୟକାମ ମିଶ୍ର ଆବାହକ ଓ ସୁଦର୍ଶନ ଦାସ ସଂଯୋଜକ ରହିଛନ୍ତି। ଏକ ୨୫ ଜଣିଆ କମିଟି ଗଠିତ ହୋଇଛି।

ବୈଠକରେ ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ବିତର୍କ ନାମରେ ଇତିହାସକୁ ଯେଉଁ ଭଳି ବିକୃତ କରାଯାଇଛି, ତାକୁ ଦୃଢ ନିନ୍ଦା କରାଯାଇଛି। ଇତିହାସକୁ ଏଭଳି ବିକୃତ ଓ କଦର୍ଥ କରିବା ବିରୁଦ୍ଧରେ ଖୁବ୍ ଶୀଘ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ସଂକ୍ରାନ୍ତରେ ଏକ ପୁସ୍ତିକା ପ୍ରାକଶ କରାଯିବ। ଓଡିଶାର ବିଭିନ୍ନ ସ୍ଥାନରେ ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନକୁ ବିରୋଧ କରି ଦସ୍ତଖତ ଅଭିଯାନ ସହିତ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଏଭଳି ବିଭ୍ରାନ୍ତିକର ବିବୃତି ବିରୁଦ୍ଧରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବାକୁ ଅନୁରୋଧ କରାଯାଇଛି। ସାମାଜିକ ଗଣ ମାଧ୍ୟମରେ ଏଭଳି ଅନାବଶ୍ୟକ ବିତର୍କ ବିରୁଦ୍ଧରେ ଜନମତ ସୃଷ୍ଟି କରିବା ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି। ଏହା ସହିତ କଟକରେ ଏକ ମାନବ ଶୃଙ୍ଖଳ ଆୟୋଜନ କରିବା ପାଇଁ ମଧ୍ୟ ପ୍ରସ୍ତାବ ନିଆଯାଇଛି।

# ଗଣତନ୍ତ୍ରରେ ବିରୋଧୀ

ସଂସଦୀୟ ଗଣତନ୍ତ୍ରରେ ଶାସକ ଓ ବିରୋଧୀ ଉଭୟ ଦଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ୨୦୧୪ ଓ ୨୦୧୯ ନିର୍ବାଚନ ପରେ ଲୋକସଭାରେ ବିରୋଧୀ ଦଳର ନିର୍ବାଚିତ ସଦସ୍ୟ ସଂଖ୍ୟା ଖୁବ କମ ଥିଲା । ଓଡିଶା ବିଧାନସଭାରେ ମଧ୍ୟ ସମାନ ସ୍ଥିତି ରହିଥିଲା। ଏହା ଫଳରେ ଲୋକସଭାରେ କୌଣସି ବିଲ ପାସ୍ ହେଲେ ମଧ୍ୟ ବିରୋଧୀ ଦଳର ମତର କୌଣସି ଗୁରୁତ୍ୱ ରହୁନଥିଲା । କିନ୍ତୁ ୨୦୨୪ ଲୋକସଭା ଓ ଓଡିଶା ବିଧାନସଭାରେ ବିରୋଧୀ ଦଳ ଅଧିକ ଶକ୍ତିଶାଳୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ସଂସଦରେ ବିଜେପି ଓ ଏହାର ମେଣ୍ଟ ଦଳକୁ ୨୯୦ ଆସନ ମିଳିଥିବା ବେଳେ ବିରୋଧୀ କଂଗ୍ରେସ ଓ ଏହାର ମେଣ୍ଟ ଦଳକୁ ୨୪୦ ଆସନ ମିଳିଛି । ସେହିପରି ଓଡିଶା ବିଧାନସଭାରେ ବିଜେପିକୁ ୭୮ ଆସନ ମିଳିଥିବା ବେଳେ ବିରୋଧୀ ବିଜେଡିକୁ ୫୧ ଓ କଂଗ୍ରେସକୁ ୧୪ଟି ଆସନ ମିଳିଛି । ଉଭୟ ସଂସଦ ଓ ବିଧାନସଭାରେ ବିରୋଧୀ ଦଳ ପ୍ରତି କ୍ଷେତ୍ରରେ ସରକାରକୁ ଘେରିବା ପାଇଁ ଜନଓଦେଶ ପାଇଛନ୍ତି। ଯାହା ଫଳରେ ସରକାର କୌଣସି ତଥ୍ୟ ଲୁଚାଇପାରିବେ ନାହିଁ କିମ୍ବା ବିନା ଆଲୋଚନାରେ ଏକତରଫା ବିଲ ପାସ୍ କରିପାରିବେ ନାହ। ଯେ କୌଣସି ନୂଆ ଯୋଜନା କିମ୍ବା ଆଇନ ପ୍ରଣୟନ ପୂର୍ବରୁ ବିରୋଧୀ ଦଳର ମତାମତକୁ ଅଣଦେଖା କରାଯାଇପାରିବ ନାହିଁ। ୨୦୧୪ ଓ ୨୦୧୯ରେ ସଂସଦରେ ସଂଖ୍ୟାଗରିଷ୍ଠତା କାରଣରୁ ଶାସକ ଦଳ ଅନେକ ବିଲ ପାସ୍ କରିବା ସହ ନୂଆ। ଆଇନ ପ୍ରଣୟନ କରିଛନ୍ତି ଯେଉଁଥିରେ ବିରୋଧୀ ଦଳଙ୍କୁ ଆଲୋଚନା କିମ୍ବା ବିତର୍କ କରିବାର ସୁଯୋଗ ମିଳିନାହିଁ ।ଏହା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ । ଗଣତନ୍ତ୍ରରେ ଏକଛତ୍ରବାଦୀ ଶାସନ କିମ୍ବା ଏକତରଫା ନିଷ୍ପତ୍ତି ଗ୍ରହଣୀୟ ନୁହେଁ। ସଂସଦୀୟ ଗଣତନ୍ତ୍ରରେ ଶାସକ ଓ ବିରୋଧୀ ଉଭୟ ଦଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ୨୦୧୪ ଓ ୨୦୧୯ ନିର୍ବାଚନ ପରେ ଲୋକସଭାରେ ବିରୋଧୀ ଦଳର ନିର୍ବାଚିତ ସଦସ୍ୟ ସଂଖ୍ୟା ଖୁବ କମ ଥିଲା। ଓଡିଶା ବିଧାନସଭାରେ ମଧ୍ୟ ସମାନ ସ୍ଥିତି ରହିଥିଲା। ଏହା ଫଳରେ ଲୋକସଭାରେ କୌଣସି ବିଲ ପାସ୍ ହେଲେ ମଧ୍ୟ ବିରୋଧୀ ଦଳର ମତର କୌଣସି ଗୁରୁତ୍ୱ ରହୁନଥିଲା। କିନ୍ତୁ ୨୦୨୪ ଲୋକସଭା ଓ ଓଡିଶା ବିଧାନସଭାରେ ବିରୋଧୀ ଦଳ ଅଧିକ ଶକ୍ତିଶାଳୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସଂସଦରେ ବିଜେପି ଓ ଏହାର ମେଣ୍ଟ ଦଳକୁ ୨୯୦ ଆସନ ମିଳିଥିବା ବେଳେ ବିରୋଧୀ କଂଗ୍ରେସ ଓ ଏହାର ମେଣ୍ଟ ଦଳକୁ ୨୪୦ ଆସନ ମିଳିଛି। ସେହିପରି ଓଡିଶା ବିଧାନସଭାରେ ବିଜେପିକୁ ୭୮ ଆସନ ମିଳିଥିବା ବେଳେ ବିରୋଧୀ ବିଜେଡିକୁ ୫୧ ଓ କଂଗ୍ରେସକୁ ୧୪ଟି ଆସନ ମିଳିଛି। ଉଭୟ ସଂସଦ ଓ ବିଧାନସଭାରେ ବିରୋଧୀ ଦଳ ପ୍ରତି କ୍ଷେତ୍ରରେ ସରକାରକୁ ଘେରିବା ପାଇଁ ଜନାଦେଶ ପାଇଛନ୍ତି। ଯାହା ଫଳରେ ସରକାର କୌଣସି ତଥ୍ୟ ଲୁଚାଇପାରିବେ ନାହିଁ କିମ୍ବା ବିନା ଆଲୋଚନାରେ ଏକତରଫା ବିଲ ପାସ୍ କରିପାରିବେ ନାହିଁ । ଯେ କୌଣସି ନୂଆ ଯୋଜନା କିମ୍ବା ଆଇନ ପ୍ରଣୟନ ପୂର୍ବରୁ ବିରୋଧୀ ଦଳର ମତାମତକୁ ଅଣଦେଖା କରାଯାଇପାରିବ ନାହିଁ। ୨୦୧୪ ଓ ୨୦୧୯ରେ ସଂସଦରେ ସଂଖ୍ୟାଗରିଷ୍ଠତା କାରଣରୁ ଶାସକ ଦଳ ଅନେକ ବିଲ ପାସ୍ କରିବା ସହ ନୂଆ। ଆଇନ ପ୍ରଣୟନ କରିଛନ୍ତି ଯେଉଁଥିରେ ବିରୋଧୀ ଦଳଙ୍କୁ ଆଲୋଚନା କିମ୍ବା ବିତର୍କ କରିବାର ସୁଯୋଗ ମିଳିନାହିଁ । ଏହା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ । ଗଣତନ୍ତ୍ରରେ ଏକଛତ୍ରବାଦୀ ଶାସନ କିମ୍ବା ଏକତରଫା ନିଷ୍ପତ୍ତି ଗ୍ରହଣୀୟ ନୁହେଁ।

ସଂସଦରେ ବିରୋଧୀ ଦଳର ନେତା ଭୂମିକାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଶାସକ ବିଜେପି ଦଳର ନେତାମାନେ ବୋଧହୁଏ ବରଦାସ୍ତ କରିପାରୁ ନାହାଁନ୍ତି । ରାହୁଲଙ୍କ ବାଳକ ବୁଦ୍ଧି ବୋଲି ଖୋଦ ପ୍ରଧାନମନ୍ତ୍ରୀ କଟାକ୍ଷ କରିଥିବା ବେଳେ ରାହୁଲଙ୍କ ଜାତି କଣ ବୋଲି ପ୍ରଶ୍ନ କରିଛନ୍ତି ମନ୍ତ୍ରୀ ଅନୁରାଗ ଠାକୁର । ଅନ୍ୟପକ୍ଷରେ ରାହୁଲ ମଧ୍ୟ ଶାସକ ଦଳ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏପରିକି ସେ ବାଚସ୍ପତି ଓମ ବିର୍ଲା ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମ୍ନାରେ ମୁଣ୍ଡ ନୁଆଇଁବା ଠିକ ନୁହେଁ ବୋଲି ସିଧାସଳଖ ପ୍ରତିବାଦ କରିଛନ୍ତି । ଅନ୍ୟପକ୍ଷରେ ଅସହାୟ ବିଜେପି ନେତାମାନେ ରାହୁଲଙ୍କ ଯୁକ୍ତିକୁ କଦର୍ଥ କରିବାର ପ୍ରୟାସ ଜାରି ରଖିଛନ୍ତି । ରାହୁଲ କହିଥିଲେ ଯେ, ଅହିଂସା, ମୈତ୍ରୀ ଓ ସତ୍ୟ ଉପରେ ବିଶ୍ୱାସ ରଖୁଥିବା ହିନ୍ଦୁ କେବେ ହିଂସ୍ରକ, ଅସତ୍ୟ ଓ ଘୃଣା ଭାବ ପୋଷଣ କରିବ ନାହିଁ । ରାହୁଲଙ୍କ ଏହି ମନ୍ତବ୍ୟକୁ ନେଇ ସଂସଦରେ ଝଡ ତୋଫାନ ଭଳି ପରିସ୍ଥିତି ସୃଷ୍ଟି ହେଲା। ରାହୁଲ ହିନ୍ଦୁ-ବିରୋଧୀ,ସେ ହିନ୍ଦୁ ସମାଜକୁ ହିଂସ୍ରକ କହୁଛନ୍ତି ବୋଲି ବିଜେପି ସଦସ୍ୟମାନେ ହୋ ହଲ୍ଲା କରିବା ସହ ଏହା ଏକ ହିନ୍ଦୁ ସମାଜ ବିରୋଧୀ ମନ୍ତବ୍ୟ ବୋଲି ଖୋଦ ପ୍ରଧାନମନ୍ତ୍ରୀ କ୍ଷୋଭ ପ୍ରକାଶ କଲେ। ରାହୁଲ ଏହାର କଡା ଜବାବରେ କହିଲେ ଯେ କେବଳ ନରେନ୍ଦ୍ର ମୋଦି କିମ୍ବା ବିଜେପି ହିନ୍ଦୁ ସମାଜ ନୁହଁନ୍ତି ।ସେ ବିଜେପି ଓ ଆରଏସଏସ ଉଦ୍ଦେଶ୍ୟରେ ଏପରି କହିଛନ୍ତି । ଅନୁରାଗ ଠାକୁରଙ୍କ ଜାତିଗତ ଆକ୍ଷେପର ଜବାବରେ ରାହୁଲ କହିଲେ ଯେ,ଯିଏ ଦଳିତ, ଆଦିବାସୀ ଓ ପଛୁଆ ବର୍ଗ ପ୍ରସଙ୍ଗ ଉଠାଇବ ତାଙ୍କୁ ଏପରି ଗାଳି ଶୁଣିବାକୁ ପଡିବ । ସେ ଖୁସିର ସହିତ ଏପରି ଗାଳି ଗ୍ରହଣ କରୁଛନ୍ତି ବୋଲି ବିନମ୍ରତାର ସହିତ ରାହୁଲ କହିଥିଲେ। କିନ୍ତୁ ସମାଜବାଦୀ ଦଳ ସୁପ୍ରିମୋ, ଅଖିଳେଶ ଯାଦବ,ଅନୁରାଗ ଠାକୁରଙ୍କ ମନ୍ତବ୍ୟର ତୀବ୍ର ପ୍ରତିବାଦ କରିଥିଲେ । ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନୁରାଗ ଠାକୁରଙ୍କ ଏପରି ଆକ୍ଷେପକୁ କଟୁ ସମାଲୋଚନା କରାଯିବା ସହିତ ବାପା ଓ ବଡ ଭାଇଙ୍କ ସାଂଙ୍ଖ୍ୟା ଧୁମଲ ହୋଇଥିବା ବେଳେ ଅନୁରାଗଙ୍କ ସାଂଙ୍ଖ୍ୟା କିପରି ଠାକୁର ହେଲା ବୋଲି ପ୍ରଶ୍ନ ଉଠିଛି । ଅନ୍ୟପଟେ ରାହୁଲ ଗାନ୍ଧୀ ସ୍ପଷ୍ଟ କରିଥିଲେ ଯେ,ଦେଶରେ ଜାତିଗତ ଜନଗଣନା ହେବା ନିତାନ୍ତ ଜରୁରୀ ।ଦେଶର ଜନସାଧାରଣ ବିରୋଧୀ ଦଳକୁ ସେମାନଙ୍କର ସ୍ୱର ଉଠାଇବା ପାଇଁ ନିର୍ବାଚିତ କରିଛନ୍ତି ।ଏହି ଦୃଷ୍ଟିରୁ ସେ ସଂଖ୍ୟାଲଘୁ,ଆଦିବାସୀ, ପଛୁଆ। ବର୍ଗର ସମସ୍ୟା ନିଶ୍ଚୟ ଉଠାଇବେ। ନୀଟ ପ୍ରଶ୍ନପତ୍ର ଲିକ ଓ ବଜେଟରେ ମଧ୍ୟବିତ୍ତ ଶ୍ରେଣୀକୁ ଅଣଦେଖା କରାଯାଇଛି ବୋଲି ରାହୁଲ ଗାନ୍ଧୀ ସ୍ୱର ଉତ୍ତୋଳନ କରିଥିଲେ। ବିପକ୍ଷ ଦଳର ନେତା କୌଣସି ପ୍ରସଙ୍ଗ ଉପରେ ମତ ରଖିବା ସମୟରେ ମାଇକ ଅଫ ନ କରିବାକୁ ରାହୁଲ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭିନ୍ନ ଏକ ଦୃଷ୍ଟିକୋଣରୁ ବିଚାର କଲେ ସଂସଦର ଗୋଟିଏ ଅଧିବେଶନ ପାଇଁ କୋଟି କୋଟି ଟଙ୍କା ଜନସାଧାରଣଙ୍କ ଟିକସ ଅର୍ଥରୁ ଖର୍ଚ୍ଚ ହେଉଛି। ତେଣୁ ଜନତାଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କୁ ସେମାନଙ୍କର ମତ ଉପସ୍ଥାପନ ପାଇଁ ସୁଯୋଗ ମିଳିବା ଦରକାର ।ଏହି ପରିପ୍ରେକ୍ଷୀରେ ରାହୁଲଙ୍କ ଆଉ ଏକ ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ ମନେହୁଏ। ରାହୁଲ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ,ପଞ୍ଜୁରୀରେ ବନ୍ଦ କରି ରଖାଯାଇଥିବା ମିଡ଼ିଆୱାଲାଙ୍କୁ ମୁକ୍ତ କରିଦିଅନ୍ତୁ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ମିଡ଼ିଆର ମୁଁହ ବନ୍ଦ କରିଦେବା ଏକ ଅଗଣତାନ୍ତ୍ରିକ ଏବଂ ସମ୍ବିଧାନ ବିରୋଧୀ ପରମ୍ପରା । ସଂସଦରେ ରାହୁଲଙ୍କ ହୁଙ୍କାର ଶୁଭୁଥିବା ବେଳେ ଓଡିଶା ବିଧାନସଭାରେ ବିରୋଧୀ ଦଳର ନେତା ଭାବରେ ନବୀନ ପଟ୍ଟନାୟକ ବିଜେପି ସରକାରକୁ ନେମ ଚେଞ୍ଜର ସରକାର କହିବା ସହ ଓଡ଼ିଆ। ଅଫିସରଙ୍କ କର୍ତ୍ତବ୍ୟରତ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ ମାରିବା ଘଟଣାରେ ଘେରିଛନ୍ତି । ରାଜ୍ୟପାଳଙ୍କ ପୁଅ ପାଇଁ କଣ ଅଲଗା ଆଇନ ରହିଛି କି ବୋଲି ନବୀନଙ୍କ ପ୍ରଶ୍ନବାଣ ବିଜେପିକୁ ଘାଇଲା କରିଛି। କହିବାର ଅଭିପ୍ରାୟ ଏହି ଯେ,ଉଭୟ ସଂସଦ ଓ ରାଜ୍ୟ ବିଧାନସଭାରେ ଶାସକ ଓ ବିରୋଧୀ ମଧ୍ୟରେ ପ୍ରମୁଖ ପ୍ରସଙ୍ଗ ଉପରେ ସକାରାତ୍ମକ ବିତର୍କ ନ ହେଲେ ଅଧିବେଶନର କୌଣସି ଯଥାର୍ଥତା ରହେ ନାହିଁ ଏବଂ ଜନସାଧାରଣଙ୍କ ସମସ୍ୟା ଆଲୋଚନାର ପରିସରକୁ ଆସିପାରେ ନାହିଁ। ସେଥିପାଇଁ ଜନତାଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ଉଭୟ ଶାସକ ଓ ବିରୋଧୀ ଦଳ ଗଠନମୂଳକ ଭିତ୍ତିରେ ନୀତି,ନିୟମ ପରିସର ମଧ୍ୟରେ ଗୃହ ପରିଚାଳନାରେ ସହଯୋଗ କରିବା ଆବଶ୍ୟକ।

# ଶ୍ରୀମନ୍ଦିର ଭିତର ବେଢ଼ାରେ ଗଜାନନ

**ବିପିନ ବିହାରୀ ରାଉତ**

ଭଣ୍ଡଗଣେଶ ତଥା କାଞ୍ଚି ଗଣେଶ : ଶ୍ରୀ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା ସାକ୍ଷୀଗୋପାଳ ମନ୍ଦିର ନିକଟରେ ରହିଛି କାଞ୍ଚି ଗଣେଶ ମନ୍ଦିର। କାଞ୍ଚି ଗଣେଶଙ୍କୁ ଭଣ୍ଡ ଗଣେଶ ତଥା ତନ୍ତ୍ର ଗଣେଶ ମଧ୍ୟ କୁହାଯାଏ। ଭିତରକୁ ମହାପାତ୍ର ଏହି ଗଣେଶଙ୍କ ସେବା କରନ୍ତି। କୁହାଯାଏ, ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କରି ଫେରିବାବେଳେ ରାଜଜେମା ପଦ୍ମାବତୀଙ୍କ ସହ ଅମାପ ଧନରତ୍ନ ଓ ଅନେକ ବିରଳ ମୂର୍ତ୍ତିଗୁଡ଼ିକୁ ଆଣିଥିଲେ। ରାଜଜେମାଙ୍କ ବ୍ୟତୀତ ଅନ୍ୟସବୁକୁ ସେ ମହାପ୍ରଭୁଙ୍କ ନିକଟରେ ସମର୍ପି ଦେଇଥିଲେ। ସେସବୁ ମଧ୍ୟରେ ରହିଥିଲେ କାଞ୍ଚି ଗଣେଶ। କାଞ୍ଚିରାଜା ନିଜର ପରାଜୟ ସୁନିଶ୍ଚିତ ଜାଣି ଯୁଦ୍ଧ ଭୂମିରୁ ପଳାୟନ ସମୟରେ ନିଜର ଇଷ୍ଟ ଦେବତା ଗଣେଶଙ୍କୁ ସ୍ମରଣ କରିବାରୁ ସେ ଅର୍ଦ୍ଧରାତ୍ରରେ କାଞ୍ଚିସେନାଙ୍କ ସହିତ ସାମିଲ ହୋଇ ଯୁଦ୍ଧ କଲେ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ରାଉତ ବେଶରେ ଯୁଦ୍ଧ କରୁଥିବା ତାଙ୍କୁ ଜଣା ନଥିଲା। ଶ୍ରୀଜଗନ୍ନାଥଙ୍କ ଶ୍ୱେତ ଅଶ୍ୱ ହଠାତ ବିରାଡ଼ି ରୂପ ଧାରଣ କରିବାରୁ ଗଣେଶଙ୍କ ମୂଷା ପଳାୟନ କରିଥିଲା। ଫଳରେ ଗଣେଶ କଚାଡ଼ି ହୋଇ ତଳେ ପଡ଼ିଯାଇଥିଲେ। ଗଣେଶ ଶ୍ରୀଜଗନ୍ନାଥଙ୍କ କୂଟ ଜାଣିପାରି କ୍ଷମା ମାଗିଲେ ଓ କାଞ୍ଚିରାଜାଙ୍କୁ ଅଭୟ ଦେବା ବନ୍ଦ କଲେ। ଗଜପତି ବିଜୟ ଲାଭ କରିବା ପରେ ଗଣେଶଙ୍କୁ ସାଙ୍ଗରେ ନେଇ ଆସିଥିଲେ। ପରବର୍ତ୍ତୀ ସମୟରେ ଏହି ଗଣେଶ ଶ୍ରୀକ୍ଷେତ୍ରରେ ସ୍ଥାନ ପାଇଲେ। ଏହି ଗଣେଶଙ୍କୁ ବେଢ଼ାବୁଲା ଗଣେଶ କୁହାଯାଇଥାଏ। ଅରିଷ୍ଟ ସିଦ୍ଧି ନିମନ୍ତେ ଉପାସନା କରାଯାଏ। ଏହି ଗଣେଶ ମୂର୍ତ୍ତିଟିର ଏକ ବିଶେଷତ୍ୱ ଯେ, ଏହାଙ୍କ ବାମଜାନୁରେ ଏକ ନଗ୍ନନାରୀ ମୂର୍ତ୍ତି ଉପବେଶନ କରିଛନ୍ତି। ଶୁଣ୍ଢଟି ନାରୀ ମୂର୍ତ୍ତିଙ୍କ ଯୋନିରେ ସ୍ପର୍ଶ କରିଛି।

କଳ୍ପବଟ ଗଣେଶ : ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ଦେଇ ଭିତର ଗୁମୁଟକୁ ପ୍ରବେଶ କଲା ପରେ ଦକ୍ଷିଣ ପାର୍ଶ୍ୱ କଳ୍ପବଟ ବୃକ୍ଷ ତଳେ ରହିଥିବା ଏକ ମନ୍ଦିର ମଧ୍ୟରେ ଗଣେଶ ବିଦ୍ୟମାନ। ଏହାକୁ କଳ୍ପବଟ ବା ବଟ ଗଣେଶ ବୋଲି କୁହାଯାଏ। ପ୍ରସ୍ତର ନିର୍ମିତ ଏହି ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ। ତାଙ୍କ ଦକ୍ଷିଣ ହସ୍ତ ଦ୍ୱୟରେ ରୁଦ୍ରାକ୍ଷ ମାଳ, ଲେନୀ ଓ ଗଜଦନ୍ତ ଶୋଭା ପାଉଛି। ବାମ ହସ୍ତ ଦ୍ୱୟରେ ପରଶୁ ଓ ଲଡୁ ଧାରଣ କରିଛନ୍ତି। ଏହି ଗଣେଶଙ୍କ ସମ୍ମୁଖରେ ଏକ ମୂଷିକ ବାହାନ ବିଦ୍ୟମାନ। ଏହି ମୂଷିକ ଉତ୍କଳୀୟ ଶିଳ୍ପ ପରମ୍ପରାର ଏକ ନିଦର୍ଶନ। ବଟ ଗଣେଶଙ୍କ ମନ୍ଦିର ପୂର୍ବ ଦିଗରେ ଥିବା ହରିସହଦେବଙ୍କ ମନ୍ଦିର ଦକ୍ଷିଣ ପାର୍ଶ୍ୱ ଦେବତା ଶ୍ରୀଗଣେଶ ଅଟନ୍ତି। ବଟ ଗଣେଶଙ୍କ ପଛପଟ ସର୍ବମଙ୍ଗଳାଙ୍କ ମନ୍ଦିର ଜଗମୋହନରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ମଧ୍ୟ ରହିଛି।

ନଟ ଗଣେଶ : ଶ୍ରୀମନ୍ଦିର ଭିତର ବେଢ଼ାରେ ଜଳକ୍ରୀଡ଼ା ମଣ୍ଡପ ନିକଟରେ ଏହି ଗଣେଶଙ୍କ ମନ୍ଦିର ଅବସ୍ଥିତ। କଳା ମୁଗୁନି ପଥରରେ ନିର୍ମିତ ଏହି ଗଣେଶ ଦକ୍ଷିଣାଭିମୁଖୀ ଓ ଅଷ୍ଟଭୁଜ ବିଶିଷ୍ଟ। ଦଣ୍ଡାୟମାନ ଭଙ୍ଗୀରେ ରହିଥିବାବେଳେ ଉପର ଦୁଇ ହସ୍ତରେ ସର୍ପ ଧାରଣ କରିଛନ୍ତି। ଅନ୍ୟ ହସ୍ତମାନଙ୍କରେ ରୁଦ୍ରାକ୍ଷମାଳ, ଗଜଦନ୍ତ, ଫାଶ, ଅଭୟ ମୁଦ୍ରା ରହିଛି। ମା'ବିମଳାଙ୍କ ମନ୍ଦିର ପ୍ରବେଶ ଦ୍ୱାର ବାମପଟେ ଏକ ଠଣାରେ ନୃତ୍ୟ ଶୈଳୀରେ କ୍ଷୁଦ୍ର ଗଣେଶ ଦଣ୍ଡାୟମାନ। ଏହି ବିଗ୍ରହ ପୂର୍ବାଭିମୁଖୀ ଅଟନ୍ତି। ମନ୍ଦିର ଗମ୍ଭିରାର ପ୍ରବେଶ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ଭାବେ ଉପବିଶନ କରିଛନ୍ତି। ଭିତରବେଢ଼ା ମାର୍କଣ୍ଡେଶ୍ୱରଙ୍କ ମନ୍ଦିର ଭିତର କାନ୍ଥରେ ଏକ ପୂର୍ବାଭିମୁଖୀ କ୍ଷୁଦ୍ର ଗଣେଶ ପୂଜିତ ହେଉଥିବାବେଳେ ମନ୍ଦିର କାନ୍ଥରେ ଶ୍ରୀଗଣେଶଙ୍କ ଏକ ଚିତ୍ର ରହିଛି। ଇନ୍ଦ୍ରାଣୀଦେବୀ ମନ୍ଦିର ପ୍ରବେଶ ଦ୍ୱାର ବାମ ପାର୍ଶ୍ୱରେ ଏକ ଦକ୍ଷିଣାଭିମୁଖୀ ଗଣେଶ ମୂର୍ତ୍ତି ଓ ଉପରେ ଏକ ଗଣେଶ ଚିତ୍ର ମଧ୍ୟ ରହିଛି। ମୁକ୍ତି ମଣ୍ଡପ ଉପରେ ବିଭିନ୍ନ ଖମ୍ବରେ ୪ଟି ଓ ମଣ୍ଡପ ପଛରେ ଥିବା ସରଘରେ ଗଣେଶ ମୂର୍ତ୍ତି ବିଦ୍ୟମାନ। ଶ୍ରୀମନ୍ଦିର ଦକ୍ଷିଣ ଘର ବାରଣ୍ଡାର ଡାହାଣ ପଟ କାନ୍ଥରେ ପ୍ରସ୍ତର ନିର୍ମିତ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ହୋଇ ରହିଥିବାବେଳେ ଏହି ଘରର ଉପର ପାର୍ଶ୍ୱରେ ମନ୍ଦିର ଗାତ୍ରରେ ଦୁଇଟି ଗଣେଶ ମୂର୍ତ୍ତି ରହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ବିମାନର ଦକ୍ଷିଣପୂର୍ବ ରାହାପାଗ ଅଂଶରେ ପ୍ରାୟ ୩୦-୪୦ଫୁଟ ଉଚ୍ଚରେ ଏକ ଦକ୍ଷିଣାଭିମୁଖୀ ଗଣେଶ ଏବଂ ପାଞ୍ଚଭାଗରେ ପଟା ଅଂଶରେ କେତେକ ଦେବଦେବୀଙ୍କ ସହିତ ଗଣେଶ ମୂର୍ତ୍ତି ରହିଅଛି।

ଭିତର ବେଢ଼ା ପାଦକୁ କୁଣ୍ଡ ଉପରିସ୍ଥ ଏକ ଘରେ କଳା ମୁଗୁନି ପ୍ରସ୍ତରର ପୂର୍ବାଭିମୁଖୀ ଗଣେଶଙ୍କ ମୂର୍ତ୍ତି ରହିଛି। ମହାଲକ୍ଷ୍ମୀ ମନ୍ଦିର ଜଗମୋହନ ଉତ୍ତର ପଟ କାନ୍ଥରେ ଏକ ପଞ୍ଚମୁଖୀ ଗଣେଶ ଚିତ୍ରପ୍ରତିମା ସ୍ଥାନ ପାଇଛି। ଉକ୍ତ ମନ୍ଦିର ପଛ ପାର୍ଶ୍ୱରେ କୋଠଭୋଗ ଗୋଦାମ ଘର ଭିତରେ କଳା ମୁଗୁନି ପଥରର ଏକ ଦକ୍ଷିଣାଭିମୁଖୀ ଗଣେଶ ଓ ସୂର୍ଯ୍ୟମନ୍ଦିରର ଜଗମୋହନ ଉତ୍ତର ପାର୍ଶ୍ୱ ଏକ ଠଣାରେ ପ୍ରସ୍ତର ନିର୍ମିତ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ରହିଛି।

ଅଠରବାଡ଼ ଗଣେଶ : ସୂର୍ଯ୍ୟ ମନ୍ଦିର ନିକଟ ଦଧିବାମନ ମନ୍ଦିର ପଛପଟେ ସରଘର ଭିତର ଠଣାରେ ରହିଥିବା କ୍ଷୁଦ୍ର ଗଣେଶ ମୂର୍ତ୍ତିଙ୍କୁ ଅଠରବାଡ଼ ଗଣେଶ କୁହାଯାଏ। ଉକ୍ତ ଘରେ ଗଣେଶଙ୍କ ଏକ ଚିତ୍ର ପ୍ରତିମା ରହିଛି। ବଳି ପାତାଳ ମନ୍ଦିର ପଛ ପାର୍ଶ୍ୱ ସରଘରେ ଗଣେଶଙ୍କର ପୂର୍ବାଭିମୁଖୀ ଗଣେଶଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ସେହିପରି ପ୍ରତିହାରୀ ନିଯୋଗ ମଧ୍ୟରେ ଥିବା ଗରିଟି ଗଣେଶ ବିଗ୍ରହ ମଧ୍ୟରୁ ତିନୋଟି ଦକ୍ଷିଣାଭିମୁଖୀ ଓ ଗୋଟିଏ ପଶ୍ଚିମାଭିମୁଖୀ ଅଟନ୍ତି। ଭୋଗ ମଣ୍ଡପ ଉତ୍ତରରେ ରାଧାକୃଷ୍ଣ ମନ୍ଦିର ଭିତରେ ଷଡ଼ଭୂଜ ଗଣେଶ ମୂର୍ତ୍ତି ଓ ଭୋଗ ମଣ୍ଡପର ଗାତ୍ରରେ ମଧ୍ୟ ଗଣେଶଙ୍କ ମୂର୍ତ୍ତି ଦୃଶ୍ୟମାନ ହୋଇଥାଏ। ମଣ୍ଡପର ପା ଭାଗର ଦକ୍ଷିଣରେ ଏକ ଗଣେଶ ଓ ଉତ୍ତର ଦିଗର ବାମପାର୍ଶ୍ୱରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଅବସ୍ଥାନ କରିଛନ୍ତି। ଏହି ମଣ୍ଡପର ଦକ୍ଷିଣ ପାର୍ଶ୍ୱ ଉପର ଅଂଶରେ ଗ୍ରାନାଇଟର ଅଷ୍ଟଭୁଜ ଗଣେଶର ଦକ୍ଷିଣାଭିମୁଖୀ ହୋଇ ବସିଛନ୍ତି। ଶ୍ରୀମନ୍ଦିର ମେରଦା ରୋଷ ଭିତରେ ଶ୍ରୀଗଣେଶଙ୍କ ଏକ ବୃହତ୍ ଚିତ୍ର ପ୍ରତିମା ରହିଛି।

ଚର୍ଚ୍ଚା ଗଣେଶ : ଶ୍ରୀମନ୍ଦିର ଜଗମୋହନ ଭିତରେ ମୁଦୁଲି ଦ୍ୱାର ପାଖ ପ୍ରଥମ ଖମ୍ବରେ ଶ୍ରୀଗଣେଶଙ୍କ ଏକ ଚିତ୍ର ପ୍ରତିମା ରହିଛି। ଏହାଙ୍କୁ ଚର୍ଚ୍ଚା ଗଣେଶ କୁହାଯାଏ। ଜଗମୋହନର ଅଷ୍ଟମ ଖମ୍ବ ଓ ତ୍ରୟୋଦଶ ଖମ୍ବରେ ଗଣେଶଙ୍କ ଚିତ୍ର ପ୍ରତିମା ରହିଛି। ଗରୁଡ଼ ସ୍ତମ୍ଭ ପଛପଟେ କାନ୍ଥରେ ଥିବା ଶିବ ମୂର୍ତ୍ତିର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ବିଦ୍ୟମାନ। ନାଟମଣ୍ଡପରୁ ଭୋଗମଣ୍ଡପକୁ ଥିବା ପ୍ରବେଶ ପଥର ବାମପାର୍ଶ୍ୱ ଦ୍ୱାର ବନ୍ଧ କାନ୍ଥରେ କଳା ମୁଗୁନି ପଥରର ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ଭାବେ ବିଦ୍ୟମାନ ଅଟନ୍ତି। ଦୋଳବେଦିରେ ଗଣେଶ : ମହାପ୍ରଭୁଙ୍କ ଦୋଳବେଦି ଚତୁଃପାର୍ଶ୍ୱ ପ୍ରାଚୀର କାନ୍ଥରେ ୪ଟି ଗଣେଶଙ୍କ ମୂର୍ତ୍ତି ରହିଛି। ସେଥି ମଧ୍ୟରେ ଗୋଟିଏ ଗଣେଶ ମୂର୍ତ୍ତି ଶ୍ରୀମନ୍ଦିର ନଟଗଣେଶ ମୂର୍ତ୍ତି ଶୈଳୀରେ ନିର୍ମିତ। ଶ୍ରୀମନ୍ଦିରର ଭଗ୍ନ ମୂର୍ତ୍ତିଗୁଡ଼ିକ ବାହାର କରି ଆଣି ଦୋଳବେଦିରେ ସ୍ଥାପନ କରାଯାଇଥିବା କୁହାଯାଉଛି।

ତୁଳସୀପୁର କଟକ,

# ଅଗ୍ରପୂଜ୍ୟ ଶ୍ରୀଗଣେଶ ଓ ଉପଯୁକ୍ତ ଗଣେଶ ପ୍ରତିମାର ଉପାସନା

**ଡକ୍ଟର ତପନ କୁମାର ପାଲ**

ସନାତନ ଧର୍ମରେ ଶ୍ରୀଗଣେଶଙ୍କୁ ପୂଜା କରାଯାଇଥାଏ । ତାଙ୍କୁ ମଧ୍ୟ ଅନ୍ୟ ଦେବାଦେବୀଙ୍କ ଆରାଧନା ପୂର୍ବରୁ ଅଗ୍ରପୂଜା ଭାବେ ପୂଜା କାରାଯାଇଥାଏ । କୌଣସି ଧାର୍ମିକ ବା ମାଙ୍ଗଳିକ କାର୍ଯ୍ୟ ମଧ୍ୟ ଯଥା ବିବାହ, ବ୍ରତୋପନୟନ, ଯଜ୍ଞାଦି ଅନୁଷ୍ଠାନ, ଗୃହାରମ୍ଭ, ଗୃହପ୍ରତିଷ୍ଠା, ଦେବାଳୟ ପ୍ରତିଷ୍ଠାରେ ଶ୍ରୀଗଣେଶଙ୍କୁ ଅଗ୍ରପୂଜ୍ୟ ଭାବେ ପୂଜା କରାଯାଇଥାଏ । ଆରମ୍ଭରୁ ମଙ୍ଗଳ କାମନା ଉଦ୍ଦେଶ୍ୟରେ ବା ବିଘ୍ନ ଦୂର କରିବା ଲାଗି ଶ୍ରୀଗଣେଶଙ୍କ ଆବାହନ କରାଯାଇଥାଏ । ଶ୍ରୀଗଣେଶ ମଙ୍ଗଳର ଦେବତା ତଥା ବିଘ୍ନ କର୍ତ୍ତା ହୋଇଥିବାରୁ କୌଣସି ଧାର୍ମିକ କାର୍ଯ୍ୟ ପୂର୍ବରୁ ସେ ମନୁଷ୍ୟ ମନରୁ କାମକ୍ରୋଧ, ଲୋଭ, ମୋହ, ମଦ୍ଦମାତ୍ସର୍ଯ୍ୟ, ଆସକ୍ତି, ଅହଂଭାବ ଦୂର କରି ମନକୁ ପବିତ୍ର ରଖିବାରେ ସହାୟକ ହୋଇଥାନ୍ତି । ବିଘ୍ନ ବା ବାଧା ଦୂର କରୁଥିବାରୁ କୌଣସି ଶୁଭ କାର୍ଯ୍ୟ ପୂର୍ବରୁ ଶ୍ରୀଗଣେଶଙ୍କୁ ଅଗ୍ରପୂଜ୍ୟ ଭାବେ ଆରାଧନା କରାଯାଇଥାଏ । ସୂର୍ଯ୍ୟ ଯେପରି ଅନ୍ଧକାରରୂପୀ ବାଧାକୁ ଦୂର କରି ଆଲୋକର ପ୍ରକାଶ ପ୍ରଦାନ କରିଥାନ୍ତି, ଗରୁଡ଼ ଯେପରି ବିଘ୍ନରୂପୀ ସର୍ପଙ୍କୁ ପ୍ରତିହତ କରିଥାନ୍ତି, ବଜ୍ର ଯେପରି ପର୍ବତକୁ ଚୂର୍ଣ୍ଣ କରିଥାଏ ଠିକ୍ ସେହିପରି ଶ୍ରୀଗଣେଶ ବିଘ୍ନରୂପକ ଅନ୍ଧକାର ଦୂର କରି ସର୍ବମଙ୍ଗଳ ପ୍ରତିଷ୍ଠା କରିଥାନ୍ତି । ସେ ବିଘ୍ନରୂପକ ଜାଲକୁ ଛିନ୍ନ କରି ମଙ୍ଗଳ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସହାୟକ ହୋଇଥାନ୍ତି ।

ଶ୍ରୀଗଣେଶଙ୍କୁ ବିଘ୍ନହର୍ତ୍ତା କୁହାଯାଇଥାଏ । ସେଥିପାଇଁ ଘରେ ବାହାରେ ଚାରିଆଡ଼େ ତାଙ୍କର ପୂଜା କରାଯାଇଥାଏ । ତେବେ ଘରକୁ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣିବା ପୂର୍ବରୁ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ । ସର୍ବପ୍ରଥମେ ଧ୍ୟାନ ଦେବା ଉଚିତ ଯେ ଗଣେଶ ପ୍ରତିମାଙ୍କ ଶୁଣ୍ଢ ବାମ ଦିଗକୁ ମୋଡ଼ି ହୋଇ ରହିଥିବ । କାରଣ ଡାହାଣ ପାର୍ଶ୍ୱକୁ ମୋଡ଼ି ହୋଇ ରହିଥିବା ଗଣେଶ ପ୍ରତିମାର ଉପାସନା ଦ୍ୱାରା କାର୍ଯ୍ୟସିଦ୍ଧିରେ ବିଳମ୍ବ ହୋଇଥାଏ । ସେହିପରି ପ୍ରତିମାରେ ଶ୍ରୀଗଣେଶ ନିଜ ମୂଷିକ ବାହନରେ ରହିଥିବା ଉଚିତ୍ । ଏଥିସହିତ ତାଙ୍କ ହସ୍ତରେ ସମସ୍ତ ଶସ୍ତ୍ର-ଏକଦନ୍ତ, ଅଙ୍କୁଶ ଏବଂ ମୋଦକ ରହିଥିବା ଆବଶ୍ୟକ । ଗଣେଶଙ୍କ ଗୋଟିଏ ହସ୍ତ ବରଦାନ ମୁଦ୍ରାରେ ରହିଥିବା ଜରୁରୀ । ଏହି ରୂପରେ ଗଣେଶଙ୍କ ଆରାଧନା ଉଚିତ ଫଳ ପ୍ରଦାନ କରିଥାଏ । ସନ୍ତାନ ସୁଖ ପ୍ରାପ୍ତି ନିମନ୍ତେ ଘରକୁ ଶିଶୁ ଗଣେଶଙ୍କ ପ୍ରତିମା ଆଣି ଗଣେଶ ଚତୁର୍ଥୀ ଦିନ ପ୍ରତିଷ୍ଠା କରିବା ସହିତ ନିୟମିତ ତାହାର ପୂଜା କରିବା ଆବଶ୍ୟକ । ଘରେ ଆନନ୍ଦ ଉତ୍ସାହରେ ବୃଦ୍ଧି ନିମନ୍ତେ ନୃତ୍ୟରତ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣି ସ୍ଥାପନ କରିବା ଆବଶ୍ୟକ । ଶୋଇଥିବା ଗଣେଶଙ୍କ ପ୍ରତିମା ଆଣି ଘରେ ସ୍ଥାପନ କଲେ ସୁଖସମୃଦ୍ଧିରେ ସ୍ଥାୟିତ୍ୱ ରହିବା ଉଚିତ । ସିନ୍ଦୂର ରଙ୍ଗର ଗଣେଶଙ୍କ ପୂଜା ଦ୍ୱାରା ସମୃଦ୍ଧ ଲାଭ ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହର ବ୍ରହ୍ମ ସ୍ଥାନ (କେନ୍ଦ୍ରସ୍ଥଳୀ), ଐଶାନ୍ୟ କୋଣ ଏବଂ ପୂର୍ବଦିଗରେ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ ଦ୍ୱାରା ସମସ୍ତ ଶୁଭ ହୋଇଥାଏ । ଗୋଟିଏ ସ୍ଥାନରେ ଏକାଧିକ କିମ୍ବା ସାମ୍ନାସାମ୍ନି ଦୁଇଟି ଗଣେଶ ପ୍ରତିମା ରଖିବା ଉଚିତ ନୁହେଁ । ଏହାଦ୍ୱାରା ଗୃହସ୍ଥଙ୍କ ବିଘ୍ନ ଘଟିଥାଏ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ /
୭୯୭୮୭୯୬୬୩୩

# ନମୋ ଗଣେଶ ବିଘ୍ନେଶ

**ବିପିନ ବିହାରୀ ମହାନ୍ତି**

ଭାରତର ହିନ୍ଦୁ ସଂସ୍କୃତିରେ ସିଦ୍ଧିଲାଭ ଓ ସଙ୍କଟ ମୋଚନ ନିମନ୍ତେ ବୈଦିକ ଯୁଗରୁ ଶ୍ରୀ ଗଣେଶ ଅଗ୍ରପୂଜ୍ୟ ଗଣଦେବତା ରୂପେ ପୂଜା ହୋଇ ଆସୁଛନ୍ତି। ସମସ୍ତେ ଜାଣିବାରେ ସେ ଶିବ ଓ ପାର୍ବତୀଙ୍କର ପୁତ୍ର। ପ୍ରକୃତରେ ସେ ହେଉଛନ୍ତି ପାର୍ବତୀଙ୍କର ମାନସପୁତ୍ର। ଏଣୁ ତାଙ୍କୁ ଅଜନ୍ମା ବୋଲି କୁହାଯାଏ। ତାଙ୍କ ଜନ୍ମ ତିଥି ଭାଦ୍ର ଶୁକ୍ଳ ଚତୁର୍ଥୀ ଅଟେ। ଏ ସମସ୍ତ ମଙ୍ଗଳ କାର୍ଯ୍ୟରେ ପ୍ରଥମେ ପୂଜା ପାଆନ୍ତି।

ଭାରତ ବର୍ଷରେ ସର୍ବତ୍ର ଗଣେଶ ଚତୁର୍ଥୀ ପାଳିତ ହୁଏ। ମହାରାଷ୍ଟ୍ରରେ ଏହାକୁ ଜାତୀୟ ପର୍ବରୂପେ ୧୮୯୩ ମସିହାରୁ ପାଳିତ ହୋଇ ଆସୁଅଛି। ଏହି ପ୍ରଥାଟିକୁ ଲୋକମାନ୍ୟ ତିଳକ ପ୍ରଚଳନ କରାଇଥିଲେ। ତାଙ୍କ ଲକ୍ଷ୍ୟ ଥିଲା ଯେ ଏହା ଲୋକମାନଙ୍କ ହୃଦୟରେ ଏକତା ଏବଂ ଭାତୃଭାବ ରକ୍ଷା କରିବ।

ବୈଦିକ ଯୁଗରେ ଗଣେଶ ପୂଜାର ବିଶେଷତ୍ୱ ଏହାହିଁ ଥିଲା। 'ଗଣେଶ' ଶବ୍ଦଟି ଗଣ ଯୁକ୍ତ ଈଶ ରୁ ସୃଷ୍ଟି। ଅଥବା 'ଗଣପତି' ଶବ୍ଦଟି 'ଗଣ' ଯୁକ୍ତ 'ପତି'ରୁ ସୃଷ୍ଟି। ଉଭୟଙ୍କ ଅର୍ଥ ଏକା। ଗଣ କହିଲେ ଲୋକମାନଙ୍କୁ ବୁଝାଏ। 'ଈଶ' ବା 'ପତି' କହିଲେ 'ଈଶ୍ୱର' ବା 'ସ୍ୱାମୀ'ଙ୍କୁ ବୁଝାଏ। ଏହି ଅର୍ଥରେ ଗଣେଶ ବା ଗଣପତି ଠିକ୍।

ବୈଦିକ ଆର୍ଯ୍ୟମାନେ ବ୍ୟକ୍ତିଗତ ମଙ୍ଗଳ ଅପେକ୍ଷା ସାମୁହିକ କଲ୍ୟାଣ ଓ ସଂଘଶକ୍ତି ଉପରେ ଗୁରୁତ୍ୱ ଦେଉଥିଲେ। ଏହି ସଂଘଶକ୍ତି ହିଁ ଗଣଶକ୍ତି ଏବଂ ପରବର୍ତ୍ତୀ ଯୁଗରେ ଏହି ଗଣଶକ୍ତି ଗଣତନ୍ତ୍ରର ରୂପରେଖ : 'ଗଣମାନଙ୍କର ସରକାର'। ଏଥିରେ ଜନଗଣଙ୍କ ହିତକୁ ପରମ କର୍ତ୍ତବ୍ୟ ରୂପେ ବିଚାର କରାଯାଇଥାଏ। ଏହି ମୂଳତତ୍ତ୍ୱକୁ ଆଧାରକରି ବିଦ୍ୟା, ସିଦ୍ଧି, ଜ୍ଞାନ ଓ ସମୃଦ୍ଧିର ଦେବତା ରୂପେ ଗଣପତିଙ୍କୁ ସେମାନେ ଆବାହନ କରୁଥିଲେ :

ଗଣାନାଂତ୍ୱାଂ ଗଣପତିଂ ହବାମହେ
ପ୍ରିୟଣାଂ ତ୍ୱାଂ ପ୍ରିୟପତିଂ ହବାମହେ
ନିଧିନାଂତ୍ୱାଂ ନିଧିପତିଂ ହବାମହେ... ||

ଗଣେଶ ହେଉଛନ୍ତି ଜନ ଶକ୍ତିର ପ୍ରତୀକ; ନିୟମାଙ୍କ। ବୈଦିକ କଳ୍ପନାରେ ସେ ଗଜବଦନ ଗଣେଶ ନଥିଲେ; ନିରାକାର ବ୍ରହ୍ମ।

ଗଣେଶଙ୍କର ବର୍ତ୍ତମାନର ମୂର୍ତ୍ତିକଳ୍ପନା ଏବଂ ତାଙ୍କ ମଣିଷ ଶରୀର ଓ ହସ୍ତୀର ମୁଖ ଗଠନ ହେଉଛି ପରବର୍ତ୍ତୀ ସମୟର ଯାହାକି ଏକ ବିଚିତ୍ର କାହାଣୀ ସହିତ ସମ୍ପଳିତ। ତଥାପି ଏ ଗଠନରେ ଏକ ଅପୂର୍ବ ରହସ୍ୟ ରହିଛି। ଗଣେଶଙ୍କ ଶରୀର ଉଭୟ ମାନବ ଓ ପଶୁର ମିଳନର ପ୍ରତୀକ। ତାଙ୍କର ଉଦର ଏବଂ ଶରୀର ଯଥାକ୍ରମେ ଏ ବିଶ୍ୱାଳ ବିଶ୍ୱ ବ୍ରହ୍ମାଣ୍ଡ ଏବଂ ତାଙ୍କ ଆକାରର ପ୍ରତୀକ। ମସ୍ତକର ଜଟା, ଦୁଇ ହସ୍ତରେ ବର; ଅଭୟ ଏବଂ ଅନ୍ୟ ଦୁଇ ହାତର ପାଶ ଏବଂ ଅଙ୍କୁଶ ଶୋଭ ପାଉଛି।

ନାଗ ତାଙ୍କର ଯଜ୍ଞୋପୋବୀତ, ହସ୍ତୀମୁଖ ଏବଂ ପାଖେ ପାଖେ ମୂଷିକ ବାହନ ଇତ୍ୟାଦି ପୌରାଣୀକ ରୂପ କଳ୍ପନାରେ ଗଣତାନ୍ତ୍ରିକ ଚେତନା ଛଡ଼ା ଆଉ କିଛି ହୋଇନପାରେ। ଶ୍ରୀ ଗଣେଶ ଶିବ ପରିବାର ଅନ୍ତର୍ଭୁକ୍ତ ହେତୁ, ଦୁଇ ବିପରୀତ ଚେତନା ଯଥା ସବଳ ଓ ଦୁର୍ବଳର ସହାବସ୍ଥାନର ନିଦର୍ଶନ ସ୍ୱରୂପ 'ମୂଷିକ-ସାପ', 'ସିଂହ-ଷଣ୍ଢ' ତଥା 'ଶିବଗଣ-ଗଣେଶ' ଉଲ୍ଲେଖନୀୟ ଅଟନ୍ତି।

ତ୍ରିଦେବ ପରିକଳ୍ପନାରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏକ ଏବଂ ଅଭିନ୍ନ ହେଲେହେଁ, ଗଣେଶଙ୍କର ଜନ୍ମ ରହସ୍ୟକୁ ଆଧାର କରି ଏବଂ ପାର୍ବତୀକୁ ଅଭିମାନକୁ ସମ୍ମାନ ଜଣାଇ ତାଙ୍କୁ 'ଅଗ୍ରପୂଜ୍ୟ' ଦେବତା ରୂପେ ଶ୍ରୀକୃଷ୍ଣ ସ୍ୱୀକାର କରାଇଛନ୍ତି। ଗଣେଶଙ୍କ ଦ୍ୱାରା ଗଣତନ୍ତ୍ରକୁ ଚଳାଇବା ପାଇଁ ବିଦ୍ୟା, ବୁଦ୍ଧି ଓ ବିବେକର ଆବଶ୍ୟକ ଅଛି। ଗଣପତି ହିଁ ଏ ତିନୋଟିର ଅଧିକାରୀ ଏବଂ ନିୟମାଙ୍କ ଅଟନ୍ତି। ଶ୍ରୀ ଅରବିନ୍ଦ ଏବଂ ସ୍ୱାମୀ ଶିବାନନ୍ଦଙ୍କ



ମତରେ :

ବିଶାଳ ବିଶ୍ୱର ସକଳ ପାଣୀମାନଙ୍କର ଧୀଶକ୍ତି ଓ ବିଚାର ଶକ୍ତିର ସାମଗ୍ରୀକ ପ୍ରତୀକ ହେଲେ 'ଶ୍ରୀ ଗଣେଶ'। ଏଣୁ ବୈଦୀକ ସରସ୍ୱତୀଙ୍କ ପରି ଶ୍ରୀ ଗଣେଶ ମଧ୍ୟ ବିଦ୍ୟାର୍ଥୀ, କର୍ମଜୀବୀ ଓ ବ୍ୟବସାୟୀଙ୍କ ଦ୍ୱାରା ବିଶେଷ ଭାବରେ ଉପାସିତ ହୋଇଆସୁଛନ୍ତି। କବି ଓ ଲେଖକମାନେ ଲେଖନୀ ଚାଳନା ପୂର୍ବରୁ ତାଙ୍କୁହିଁ ସ୍ମରଣ କରନ୍ତି; ଜାଗ ଯଜ୍ଞ, ଦେବପୂଜନ, ଦେବାଳୟ ପ୍ରତିଷ୍ଠା, ଗୃହ, ପୁଷ୍କରିଣୀ ଏବଂ ସେତୁ ନିର୍ମାଣ ଠାରୁ ଆରମ୍ଭ କରି ସକଳ ଶୁଭ କର୍ମରେ ପ୍ରଥମେ ଗଣପତିଙ୍କର ଉପାସନା ହୁଏ, ଆଉ ବାକି କଥା ପରେ।

ବିଶ୍ୱାସ, ସାଧନାର ସିଦ୍ଧି ଏବଂ ସମସ୍ତ ସଙ୍କଟ ମୋଚନ ପାଇଁ ଗଣପତି ଏକମାତ୍ର ସାହା। ଏଣୁ ଯଥାର୍ଥରେ ସେ ବିଘ୍ନ ବିନାଶକ:

ବକ୍ରତୁଣ୍ଡ ମହାକାୟଂ କୋଟି ସୂର୍ଯ୍ୟ ସମପ୍ରଭଂ
ନିର୍ବିଘ୍ନଂ କୁରୁମେ କାର୍ଯ୍ୟଂ ସର୍ବ କାର୍ଯ୍ୟେଷୁ ସର୍ବଦା।

ଆଉ ଏକ କଥା ଏଠାରେ ଉଲ୍ଲେଖ କରୁଛୁ ଯେ ଗଣେଶଙ୍କୁ ବିଭିନ୍ନ ନାମରେ ନାମିତ କରାଯାଇଛି। ଯାହାକି ତାଙ୍କର ଏହା ଅବତାର ଲୀଳାବୋଲି କୁହାଯାଏ। ଏହି ଅବଲୀଳା କ୍ରମେ ସେ ବକ୍ରତୁଣ୍ଡରେ ମତ୍ସ୍ୟରାସୁର, ଏକ ଦନ୍ତରେ ମଦାସୁର, କୃଷ୍ଣ ପିଙ୍ଗାକ୍ଷ ଅବତାରେ ମୋହାସୁର, ଗଜାନନ ରୂପରେ ଲୋଭାସୁର, ଲମ୍ବୋଦର ରୂପେ କ୍ରୋଧାସୁର, ବିକଟ ରୂପରେ କାମାସୁର, ବିଘ୍ନରାଜ ରୂପେ ମମତାସୁର ଧୂମ୍ରବର୍ଣ୍ଣ ଅବତାରେ ଅଭିମାନସୁର, ଏହି କ୍ରମରେ ଭାଲଚନ୍ଦ୍ର, ବିନାୟକ ଏବଂ ଗଣପତି ରୂପେ ଅବତରୀ ସଙ୍କଟ ମୋଚନ କରିଆସୁଛନ୍ତି।

ଗଣେଶଙ୍କର ପୂଜା ବିଧିର କିଛି ବୈଧାନିକ ନିୟମ ଅଛି ଅଥଚ ଆଧୁନିକତାର ଚାକଚକ୍ୟରେ ଆମେ ବ୍ୟତିକ୍ରମ କରିଚାଲିଛୁ। ଗଣେଶଙ୍କୁ ସାଷ୍ଟାଙ୍ଗ ଛିଡ଼ା କରାଇ ପୂଜା କରିବା ନିଷେଧ। ଏହା ପଶୁକର୍ମ ସହିତ ସମାନ। ଅଥଚ ଆମେ ଗଣେଶଙ୍କୁ ଠିଆ କରାଇ ପୂଜା କରୁଛୁ ଏବଂ ତାଙ୍କଠି ଭୋଗ ବାଢୁଛୁ। ତାଙ୍କ ମୁଖର ଗଠନ ସ୍ୱତନ୍ତ୍ର ହେଲେ ହେଁ, ଆମେ ତାଙ୍କୁ ବିଭିନ୍ନ ଆକୃତିରେ ବିକୃତ କରୁଅଛୁ। ଗଣେଶଙ୍କର ପ୍ରିୟ ଖାଦ୍ୟ ଲଡୁ ଏବଂ ପେଡ଼ା ଅଥଚ ଆମେ ତାଙ୍କୁ ନାନା ମିଶ୍ରିତ ଭୋଗ ରାଗ ଚଢ଼ାଇ ଦେଉଛୁ। ଏହା କଦାପି ଏକ ଶୁଭ ପରମ୍ପରା ନୁହେଁ। ତା' ଭିତରେ ଆମେ ଏକ ଦୂଷିତ ପରମ୍ପରା ସୃଷ୍ଟି କରୁଛୁ ଯାହାକି ଏକ ଦୁଃଖ। ଗଣେଶଙ୍କ ପୂଜା ପାଇଁ ଏକ ନିର୍ଦ୍ଦିଷ୍ଟ ମଞ୍ଚ କରାଯାଇଥାଏ। ଏହାରି ଉପରେ ଗଣେଶଙ୍କୁ ମଞ୍ଚସ୍ଥ କରାଇ ବିଧି ବିଧାନ ପୂର୍ବକ ପୂଜା କରାଯାଏ। ଏ ପୂଜା ଏକଦିନ, ସାତଦିନ ଅଥବା ୧୦ଦିନ ପର୍ଯ୍ୟନ୍ତ ଚାଲିପାରେ। ଯେଉଁମାନେ ଗଣେଶଙ୍କୁ ଘରେ ଅଥବା ଦ୍ୱାର ଦେଶରେ ଅବସ୍ଥାପିତ କରାଇଛନ୍ତି, ସେଠାରେ ସେ ପ୍ରତ୍ୟହ ପୂଜା ହୁଅନ୍ତି। ଆମ ଓଡ଼ିଶାରେ ଜଟଣୀ ଗଣେଶ ପୂଜା ନିମନ୍ତେ ସର୍ବୋତ୍କୃଷ୍ଟ। ଲକ୍ଷ ଲକ୍ଷ ଲୋକଙ୍କର ଏଠାରେ ଦଶ ଦିନଧରି ସମାଗମ ହୁଏ। ବିଭିନ୍ନ ପ୍ରକାର ଭ୍ରମଣକାରୀ ନାଚଦଳ, ସର୍କସ, ମୀନାବଜାର ଏବଂ ଦୋକାନ ବଜାରରେ ସହରଟି ସରଗରମ ହୋଇଉଠେ। ଏହା ବେଶ୍ ଉପଭୋଗ୍ୟ। ଜଟଣୀ ବ୍ୟତୀତ, ଏବେ ପୁରୀ, ଭୁବନେଶ୍ୱର ଏବଂ କଟକ ଇତ୍ୟାଦିରେ ବଡ଼ଧରଣର ଗଣେଶ ପୂଜା ଆରମ୍ଭ ହେଲାଣି। ପୂଜା ପରେ ମୃଣ୍ମୟ ମୂର୍ତ୍ତିଙ୍କୁ ଜଳାଶୟରେ ବିସର୍ଜନ କରାଯାଏ। ଗଣତାନ୍ତ୍ରିକ ଚେତନା ଓ ଏକତାର ସୂତ୍ରଧର ଏ ଗଣେଶ ପୂଜା। ଆସନ୍ତୁ, ଜାତି, ଧର୍ମ ନିର୍ବିଶେଷରେ ଏହାକୁ ପାଳନ କରିବା ଏବଂ ଆମ ଦେଶର ସଂହତି ରକ୍ଷା କରିବାରେ ସହାୟକ ହେବା।

ବିକାଶ ନଗର, ଜଟଣୀ, ଖୋର୍ଦ୍ଧା।,
ମୋ : ୯୯୩୮୩୪୪୧୩୮

## ଓଡିଶା ରାଜ୍ୟ ଶ୍ରମିକ ସମବାୟ ସମିତି ମୟୁରଭଞ୍ଜରେ ହେଲା ଉଦଘାଟନ



କପ୍ତିପଦା -(ମହାଭାରତ ):କପ୍ତିପଦା -ଶ୍ରମିକ ଶ୍ରେଣୀର ଆର୍ଥିକ ମେରୁଦଣ୍ଡକୁ ସ୍ୱଚ୍ଛଳ କରିବା ପାଇଁ ୨୦୧୩ ମସିହାରୁ ଭୁବନେଶ୍ୱରରେ ଗଢି ଉଠିଥିଲା ଓଡିଶା ରାଜ୍ୟ ଶ୍ରମିକ ସମବାୟ ସମିତି, ଓଡିଶାର ବିଭିନ୍ନ ସ୍ଥାନରେ ଏହି ସମିତି କାର୍ଯ୍ୟ କରୁଥିବା ବେଳେ, ଆଜି ପ୍ରଥମ ଥର ପାଇଁ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡର ଉଦଳା ରୁ କପ୍ତିପଦା ରାସ୍ତାର ମଦନାପାଳ ଛକ ନିକଟରେ ଆରମ୍ଭ ହୋଇଛି ମୟୁରଭଞ୍ଜ ଜିଲ୍ଲାର ଓଡିଶା ଶ୍ରମିକ ସମବାୟ ସମିତି, ଓଡିଶା ଶ୍ରମିକ ସମବାୟ ସମିତି ଭୁବନେଶ୍ୱର ରେ କାର୍ଯ୍ୟରତ ଏଡିସନାଲ ସେକ୍ରେଟାରୀ ଶ୍ରୀଯୁକ୍ତ ଆଶିଷ କୁମାର ରାଉତ ରାୟ, ନେଶନାଲ ସିଇଓ ଶରଦେନ୍ଦୁ ସାମନ୍ତରାୟ, ଜିଲ୍ଲା ଏରିଆ ମେନେଜର ଭୁବନେଶ୍ୱର ଦିବାକର ରଥ ଉପସ୍ଥିତ ରହି ଫିତାକାଟି ଜିଲ୍ଲା କାର୍ଯ୍ୟାଳୟ କୁ ଉଦଘାଟନ କରିଥିବା ବେଳେ, ଏହି କାର୍ଯ୍ୟରେ ମୟୁରଭଞ୍ଜ ଜିଲ୍ଲାର ଜିଲ୍ଲା ମୁଖ୍ୟ ଈଶ୍ୱର ଚନ୍ଦ୍ର ବେହେରା,ଏଡିସନାଲ ସିଇଓ ଅଜୟ କୁମାର ବେହେରା, ଜିଲ୍ଲା ଏରିଆ ମେନେଜର ଯଶୋବନ୍ତ ପରିଡା, ଦିଲ୍ଲିପ କୁମାର ପରିଡା, ନଳିନୀକାନ୍ତ ପରିଡା, ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ବିଏମ, ଏବିଏମ, ପିଇଓ, ଏଫଇଓ ମାନେ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ, ଭୁବନେଶ୍ୱରରୁ ଆସିଥିବା ସମସ୍ତ ଅଫିସର ମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା, ଶ୍ରମିକ ସୋସାଇଟି ରେ କିପରି ଶ୍ରମିକ ପରିବାରର ସଦସ୍ୟ ମାନେ କିପରି ଲାଭ ଉଠାଇ ପାରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରା ଯାଇଥିଲା,୨୫୦ଟଙ୍କା ଏବଂ ୫୫୦ ଟଙ୍କା ଦେଇ ଶ୍ରମିକ ମାନେ ଏକ ଖାତା ଖୋଲି ଶ୍ରମିକ ସମବାୟ ସମିତି ରୁ ଲାଭ ଉଠାଇ ପାରିବେ ବୋଲି ଆଲୋଚନା ହୋଇଥିଲା, ଆଗାମୀ ଦିନରେ ମୟୁରଭଞ୍ଜର ବିଭିନ୍ନ ପଂଚାୟତରେ ଓଡିଶା ରାଜ୍ୟ ଶ୍ରମିକ ସମବାୟ ସମିତିର ମାର୍ଟ ଖୋଲିବା ନେଇ ସୂଚନା ମିଳିଥିବା ବେଳେ,ମାର୍ଟ ରେ ଗ୍ରସରୀ, ଗାର୍ମେଣ୍ଟ, ଇଲେକ୍ଟ୍ରନିକ୍ସ, ଫର୍ନିଚୋର,ଫୋର୍ଟିଲାଇଜର ସାମଗ୍ରୀ ଉପଲବ୍ଧ ହେବା ସହ ଶ୍ରମିକ ପରିବାରର ଲୋକେ ୧୫%ରୁ ୬୦%ରିହାତି ରେ ଦ୍ରବ୍ୟ ପାଇ ପାରିବେ ବୋଲି ସୂଚନା ମିଳିଥିବା ବେଳେ, ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରେ ଥିବା ଶ୍ରମିକ ପରିବାର ଏହି ସମିତିରେ ନିଜକୁ ଅନ୍ତର୍ଭୁକ୍ତ କରାଇ ସମିତିରୁ ଲାଭ ଉଠାଇ ପାରିବେ ବୋଲି ଭୁବନେଶ୍ୱରରୁ ଆସିଥିବା ଅଫିସର ମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

## ଓଡିଶା ଗୋସୋକୁ ରିଓ କରାଟେ ଆସୋସିଏସନ ପକ୍ଷରୁ କରାଟେକା ମାନଙ୍କୁ କଲର ବେଲ୍ଟ ପ୍ରଦାନ



ପାରାଦୀପ(ମହାଭାରତ): ଓଡିଶା ଗୋସୋକୁ ରିଓ କରାଟେ ଆସୋସିଏସନ (ଆଇଜିକେଏ) ପକ୍ଷରୁ କରାଟେକା ମାନଙ୍କୁ କଲର ବେଲ୍ଟ ପ୍ରଦାନ କାର୍ଯ୍ୟକ୍ରମ ମଧୁବନ ସ୍ଥିତ ଆମ୍ବେଦକର ପାର୍କ ଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବର୍ଗର ପ୍ରାୟ ଶହେ ଜଣ କରାଟେକା ଙ୍କୁ ବେଲ୍ଟ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏଥିରେ ସୁମିତ ସାହା (ସେକେଣ୍ଡଡ୍ୟାନ ବ୍ଲାକବେଲ୍ଟ),ଶୁଭମ ସୁତାର ଓ ସ୍ୱିଟି ସାହା ଙ୍କୁ ବ୍ଲାକବେଲ୍ଟ ପ୍ରଦାନ କରାଯାଇଥିଲା । ଆଇଜିକେଏ ର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୟ ସାହା ଙ୍କ ତତ୍ୱାବଧାନ ଏବଂ ପ୍ରଶିକ୍ଷକ ସୁବାଷ ପ୍ରଧାନ ଙ୍କ ସହଯୋଗରେ ଆୟୋଜିତ ଏହି ବେଲ୍ଟ ପ୍ରଦାନ କାର୍ଯ୍ୟକ୍ରମରେ ସାମ୍ବାଦିକ ଜଗବନ୍ଧୁ ସ୍ୱାଇଁ, ହରିଶ୍ଚନ୍ଦ୍ର ଲେଙ୍କା, ଯୋଗଗୁରୁ ତାପସ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଅଫ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳିତ



କରଞ୍ଜିଆ,(ମହାଭାରତ) ବ୍ୟାଙ୍କ ଅଫ ଇଣ୍ଡିଆ,ଠାକୁରମୁଣ୍ଡା ଶାଖାରେ ୧୧୯ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ୬ ତାରିଖ ଅପରାହ୍ନ ୪.୩୦ ମିନିଟ ସମୟରେ ବ୍ୟାଙ୍କ ପରିସରରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଶାଖା ପରିଚାଳକ ସ୍ମୃତିରଞ୍ଜନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ଏହି ଅବସରରେ ବ୍ୟାଙ୍କ ପରିଚାଳକ ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ବ୍ୟାଙ୍କ ଆଜି ସମସ୍ତଙ୍କ ପାଖରେ କିପରି ବିଶ୍ୱାସ ଭାଜନ ହୋଇଛି ଏବଂ ଗ୍ରାହକଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି ତା ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କ ବାହାରେ ଡିପୋଜିଟ ମେସିନ ରଖିବା ପାଇଁ ଦୀର୍ଘ ଦିନରୁ ଯେଉଁ ଦାବି ହୋଇ ଆସୁଥିଲା ତାହା ତୁରନ୍ତ ପୂରଣ କରାଯିବ ବୋଲି ଶ୍ରୀ ସାହୁ କହିଥିଲେ । ଗ୍ରାହକଙ୍କ ସହିତ ମିଶି କେକ କାଟି ଖୁସି ମନାଇବା ସହିତ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା । ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ସୁଦୀପ୍ତା ପ୍ରଧାନ, ପ୍ରତ୍ୟୁଷା ରାଉତ, ପଦ୍ମଲୋଚନ, ସଞ୍ଜୟ କୁମାର ମାଝୀ, ରମେଶ, ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ବସନ୍ତ କୁମାର ପଇବର୍ତ୍ତି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ ସାହୁ, ସାମ୍ବାଦିକ ଚକ୍ରଧର ଦାସ, ଯୋଗେନ୍ଦ୍ର ପାତ୍ର, ସଚ୍ଚିଦାନନ୍ଦ ପଲେଇ, ବସନ୍ତ ସୋରେନ, ଅଜୟ ରାମ, ରାଜେନ୍ଦ୍ର ସାହୁ, ସୁଶୀଳା ସାହୁ, କୁନ୍ତିଲତା ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ତତ୍ପର



କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ ) ଲକ୍ଷ୍ୟ ହାସଲରେ ବହୁ ପଛରେ ପଡିଯାଇଥିବା ବେଳେ ଲକ୍ଷ୍ୟ ହାସଲ ପାଇଁ ବ୍ଲକ୍ ପ୍ରଶାସନ ତରଫରୁ ତତ୍ପରତା ଦେଖିବାକୁ ମିଳିଛି । ଠାକୁରମୁଣ୍ଡା ବ୍ଲକ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ଘରକୁ ଘର ବୁଲି ଲୋକଙ୍କୁ ବୁଝାଉ ଥିବା ଦେଖିବାକୁ ମିଳିଛି । ତଥାପି ଶତକଡା ୫୦% ମଧ ସମ୍ପୂର୍ଣ୍ଣ ହୋଇପାରିନି । ଏଭଳି ନୈରାଶ୍ୟଜନକ ସ୍ଥିତି ବଜାୟ ରହିଲେ ଆଗକୁ ଆଉ ନୂଆ ଘର ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ୨୦୨୧-୨୦୨୨ ଏବଂ ୨୦୨୨-୨୩ ରେ ଠାକୁରମୁଣ୍ଡା ବ୍ଲକରେ ୬୬୬୧ ଗୃହ ଆବଣ୍ଟନ ହୋଇଥିଲା । ଏଥିରୁ ୨୯୭୮ ଘର ଆରମ୍ଭ ସୁଦ୍ଧା ହୋଇନଥିବାବେଳେ ୮୫୮ ଘର ଛାତ ପର୍ଯ୍ୟନ୍ତ ହୋଇ ପଡି ରହିଛି ।ମାତ୍ର ୨୮୨୫ ଘର ସମ୍ପୂର୍ଣ୍ଣ ହୋଇଛି । ଯାହା ସମୁଦାୟ ଲକ୍ଷ୍ୟ ର ୪୨.୪% । ୧୮ ଟି ଯାକ ଗ୍ରାମପଞ୍ଚାୟତରେ ପ୍ରାୟ ନୈରାଶ୍ୟଜନକ ସ୍ଥିତି । ଇତି ମଧ୍ୟରେ ୨ ବର୍ଷ ଅତିକ୍ରାନ୍ତ ହୋଇଛି ।ସବୁ ଜିନିଷ ର ଦରଦାମ ବଢିଯାଇଛି । ଏଭଳି ସ୍ଥିତିରେ ଅଧା ପଡ଼ିଥିବା ଏବଂ ଆଦୌ ଆରମ୍ଭ ହୋଇନଥିବା ଘର ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ତଥାପି ବ୍ଲକ ପ୍ରଶାସନ ହିତାଧିକାରୀ ମାନଙ୍କୁ ଜଲଦି ଘର ସଂପୂର୍ଣ୍ଣ କରିବା ପାଇଁ ତାଗିଦ କରୁଥିବା ଦେଖିବାକୁ ମିଳିଛି।

## ସେପ୍ଟେମ୍ବର ୧୩ ରେ ପାରାଦୀପ ପୋର୍ଟ ଜିଲ୍ଲା ଫୁଟବଲ ଟିମ ପାଇଁ ଖେଳାଳି ଚୟନ

ପାରାଦୀପ(ମହାଭାରତ):ଆସନ୍ତା ସେପ୍ଟେମ୍ବର ମାସ ୨୫ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାରାଦୀପ ର ଗୋପବନ୍ଧୁ ଷ୍ଟାଡିୟମ ଠାରେ ସିନିୟର ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ 'ସାହାଣୀ କପ' ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପାରାଦୀପ ପୋର୍ଟ ଜିଲ୍ଲା ଫୁଟବଲ ଟିମ ର ଖେଳାଳି ଚୟନ ପାଇଁ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଚଳିତ ସେପ୍ଟେମ୍ବର ମାସ ୧୩ ତାରିଖ ସକାଳ ୮ ଟାରୁ ୧୦ ଟା ଏବଂ ସନ୍ଧ୍ୟା ୪ ଟା ଠାରୁ ୬ ଟା ପର୍ଯ୍ୟନ୍ତ ଖେଳାଳି ଚୟନ କରାଯିବ। ଇଚ୍ଛୁକ ଖେଳାଳି ମାନେ ନିର୍ଦ୍ଦିଷ୍ଟ ତାରିଖ,ସ୍ଥାନ ଓ ସମୟ ରେ ପହଞ୍ଚି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ । ସବିଶେଷ ବିବରଣୀ ପାଇଁ ଫୁଟବଲ ପ୍ରଶିକ୍ଷକ ରବି ଦାସ ଙ୍କ ମୋବାଇଲ ନମ୍ବର ୯୪୩୭୩୧୭୧୩୩ ରେ ଯୋଗାଯୋଗ କରିବାକୁ ଏବଂ ଆଗ୍ରହୀ ଖେଳାଳି ମାନେ ଚୟନ ପ୍ରକ୍ରିୟା ସମୟରେ ଗୋଟିଏ ପାସପୋର୍ଟ ସାଇଜ ଫୋଟୋ, ଜନ୍ମ ବା ମାଟ୍ରିକ ସାର୍ଟିଫିକେଟ/ ପ୍ୟାନକାର୍ଡ/ଡ୍ରାଇଭିଂ ଲାଇସେନ୍ସ/ଆଧାର କାର୍ଡ ଆଣିବାକୁ ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

## ଭିଜିଲାନ୍ସ ଜାଲରେ ଗୋପାଳପୁର କଲେଜ ଅଧ୍ୟକ୍ଷ

କଳାହାଣ୍ଡି(/ମହାଭାରତ): ଜନୈକା ଛାତ୍ରୀର ଯୁକ୍ତ ଦୁଇ ପ୍ରଥମ ବର୍ଷରେ ନାମ ଲେଖା ଏବଂ ପରୀକ୍ଷା ସମୟରେ ସହଯୋଗ କରିବା ପାଇଁ ୧୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ କଲେଜ ଅଧ୍ୟକ୍ଷ ଙ୍କୁ ମାଡି ବସିଛି କଳାହାଣ୍ଡି ଭିଜିଲାନ୍ସ । ସୂଚନାନୁଯାୟୀ, କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଏସ ଏସ ଡି ଯୁକ୍ତ ଦୁଇ ଅଧ୍ୟକ୍ଷ ନବୀନ କୁମାର ସାହୁ ଜଣେ ଛାତ୍ରୀଙ୍କ ନାମ ଲେଖା ଏବଂ ପରୀକ୍ଷା ସମୟରେ ସହଯୋଗ କରିବାପାଇଁ ସୁମିତ୍ରା ନାଏକ ନାମକ ଜନୈକା ଅଭିଭାବିକାଙ୍କୁ ଲାଞ୍ଚ ଦାବୀ କରିଥିଲେ । ଏ ସମ୍ପର୍କରେ ଅଭିଯୋଗକାରିଣୀ କଳାହାଣ୍ଡି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ।ଯୋଜନା ମୁତାବକ ଶୁକ୍ରବାର ଗୋପାଳପୁର ଯୁକ୍ତ ଦୁଇ କଲେଜ କାର୍ଯ୍ୟାଳୟରେ ଅଧ୍ୟକ୍ଷ ନବୀନ କୁମାର ସାହୁ ୧୦,୦୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ମାଡି ବସିଥିଲେ । ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ଠାରୁ ଉକ୍ତ ଲାଞ୍ଚ ଟଙ୍କା ମଧ ଉଦ୍ଧାର କରି ଜବତ କରିଥିବା ସୂଚନା ମିଳିଛି । କଳାହାଣ୍ଡି ଭିଜିଲାନ୍ସ ଡ଼ିଏସପି ପ୍ରଦୀପ କୁମାର ଆଇଣ୍ଡ ଙ୍କ ନିର୍ଦ୍ଦେଶ ରେ ଇନ୍ସପେକ୍ଟର ପ୍ରମିଳା ସୁନା, ଏ ଏସ ଆଇ ବେଣୁଧର ବେହେରା, ଷ୍ଟେନୋ ସନ୍ତୋଷ ମହାନ୍ତି ପ୍ରମୁଖ ଏହି ଚଢ଼ାଉ କରିଥିଲେ । ଅଧ୍ୟକ୍ଷ ସାହୁଙ୍କ ମେଦିନୀପୁର ସ୍ଥିତ ବାସ ଭବନରେ ମଧ ଚଢ଼ାଉ ଜାରି ରହିଥିବା ଡିଏସ ପି ଶ୍ରୀ ଆଇଣ୍ଡ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏକ ମାମଲା ୧୭/୨୦୨୪ ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ।

## ପାଟଣା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ରେ ଗୁରୁଦିବସ ପାଳିତ ୨ଶିକ୍ଷକ ସମ୍ବର୍ଦ୍ଧିତ

ପାଟଣା:-(ମହାଭାରତ)ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କରଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପରିଚାଳନା ପରିଷଦ ସଭାପତି ଅରବିନ୍ଦ ଦାଶ ମୁଖ୍ୟ ଅତିଥି ଓ ସଂମ୍ମାନୀତ ଅତିଥି ଭାବେ ଉପସଭାପତି ମଦନମୋହନ ମହାନ୍ତ ଯୋଗ ଦେଇ ଗୁରୁଦିବସ ମହ□ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁ ଶିଷ୍ୟ ପରମ୍ପରାର ପବିତ୍ର ସମ୍ପର୍କ ଯୁଗ ଯୁଗର ହୋଇଥିବା ବେଳେ ଏହି ପରମ୍ପରା ଦୁରେଇ ନଯାଉ ବୋଲି ଅତିଥି ମାନେ ମତ ଦେଇଥିଲେ। ଏହି ଅବସରରେ ଶିକ୍ଷା ପ୍ରତି ଜୀବନ ବ୍ୟାପି ତ୍ୟାଗ ପାଇଁ ଅସରପ୍ରାପ୍ତ ଶିକ୍ଷକ କ୍ଷେତ୍ର ମୋହନ ମହାନ୍ତ ଓ କ୍ଷୀରୋଦ ଚନ୍ଦ୍ର ମିଶ୍ର ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଶିଶୁ ମନ୍ଦିରର ଛାତ୍ର ଏହି ବିଦ୍ୟାଳୟରୁ ପାଶ୍ କରିଥିବା ଛାତ୍ର ଶ୍ରୀ ଶୁଭମ୍ କୁମାର ନାଏକ ଯିଏକି 'ଘରରଞ୍ଜ' ପରୀକ୍ଷାରେ ପ୍ରଥମ ଚେଷ୍ଟାରେ ହିଁ ପାଶ୍ କରି ସରସ୍ତୀ ଶିଶୁ ବିଦ୍ୟାମନ୍ଦିର ନାମ ଗୌରବାନ୍ୱିତ କରିଛନ୍ତି । ତାଙ୍କୁ ମଧ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶମ ଶ୍ରେଣୀ ର ଛାତ୍ରଛାତ୍ରୀ ମାନେ ଗୁରୁ ପୂଜନ କାର୍ଯ୍ୟକ୍ରମ କରିଥିଲେ। କାର୍ଯ୍ୟକ୍ରମ ରେ ସମସ୍ତ ଗୁରୁଜୀ ଗୁରୁମା ଯଥା - ଯୁଧିଷ୍ଠିର ମହାନ୍ତ ହିରାଲାଲ ମହାନ୍ତ,ସବିତା ମହାନ୍ତ (କ), ସବିତା ମହାନ୍ତ (ଖ), ତ୍ରିବେଣୀ ମହାନ୍ତ ,ଦୀପ୍ତିମୟୀ ବାରିକ,ଶୋଭାଶ୍ରୀ ଷଡ଼ଙ୍ଗୀ , ରେବତୀ ତ୍ରିପାଠୀ ,ଅର୍ଚ୍ଚନା ସାମନ୍ତରାୟ ,ନମିତା ମହାନ୍ତ,ସଂଜୟ କୁମାର ଗିରି , ବେଣୁଧର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ପ୍ରମୋଦ ମହାନ୍ତ, ଅରବିନ୍ଦ ନାୟକ, ହଳଧର ମହାନ୍ତ, ଦମୟନ୍ତୀ ମହାନ୍ତ, ଭାରତୀ ମହାନ୍ତ, ଶମ୍ଭୁନାଥ ସେଠୀ, ସ୍ୱର୍ଣ୍ଣଲକ୍ଷ୍ମୀ ମହାନ୍ତ, ଦୀପା ମହାନ୍ତ, ସୁରେଖା ମହାନ୍ତ,କ୍ଷମାକର ସେଠୀ, କେଶବ କୁମାର ମହାନ୍ତ, ରୁଦ୍ରଦେବ ମହାନ୍ତ,ସନ୍ତୋଷ କୁମାର ବେହେରା, ନବକିଶୋର ମହାନ୍ତ, ରଜନୀ ମହାନ୍ତ, ସସ୍ମିତା ମହାନ୍ତି, ଯଶୋଦା ମହାନ୍ତ, ବିଜୟ କୁମାର ଦାଶ, ମିନକ ମହାନ୍ତ , ଜ୍ୟୋସ୍ନା ମହାନ୍ତ,ଦୁର୍ବାଶା ଶରଡିଆ ପ୍ରମୁଖ ସାମିଲ ହୋଇଥିଲେ।

## ବ୍ଲକ ସ୍ତରୀୟ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବେଗୁନିଆ,୯(ମହାଭାରତ): ବେଗୁନିଆ ସଦର ମହକୁମା ସ୍ଥିତ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଓ ଶିକ୍ଷାପ୍ରେମୀ ରାଜ କିଶୋର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ ସମାଜକୁ ନୂତନ ଦିଗ ଦର୍ଶନ ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ। ତତ ସହିତ ବିଗତ ବର୍ଷରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଶିକ୍ଷକ ସମ୍ମିଳନୀ ଗୃହ ପାଇଁ ୧୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇଥିବାର ଶ୍ରୀ ସାହୁ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଶିକ୍ଷକ /ଶିକ୍ଷୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ମିଳିତ ପ୍ରାଥମିକ ଶିକ୍ଷକ ସଂଘ ବିଭିନ୍ନ ଶିକ୍ଷକ ସଂଗଠନର ସଦସ୍ୟ ମାନଙ୍କୁ ଉପେକ୍ଷା କରାଯାଇ ଥିବାରୁ ଅସନ୍ତୁଷ୍ଟ ହେବା ସହ ନୀରବ ଚାପା ଗୁଞ୍ଜାରଣ ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ଗୋଟିଏ ଦିନରେ ସଭା ଗୃହରେ ଦୁଇଟି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା ବେଳେ ପ୍ରଥମ କାର୍ଯ୍ୟକ୍ରମ ଶେଷ ହେବାକୁ ବିଳମ୍ବ ଘଟିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ କାର୍ଯ୍ୟକ୍ରମ ଫସର ଫାଟି ଯାଇଥିଲା। ଫଳରେ ଦୂର ଦୂରାନ୍ତରୁ ଆସିଥିବା ପ୍ରଧାନ ଶିକ୍ଷକ ମାନେ ମନସ୍ତାପରେ ଘରକୁ ଫେରିଥିଲେ।

## ଗୁରୁ ଦିବସ ଉତ୍ସବରେ ସମ୍ବର୍ଦ୍ଧିତ ହେଲେ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ

କନ୍ଧମାଳ(ମହାଭାରତ ): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଗୁରୁଦିବସ ଉତ୍ସବରେ ସମ୍ବର୍ଦ୍ଧିତ । ସୂଚନା ପ୍ରକାରେ ସରକାର ପାଠ ପଢି ପରୀକ୍ଷାରେ ଭଲ ନମ୍ବର ରଖି ଉର୍ତ୍ତି ହୋଇ ଥିବା ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ପ୍ରଦାନ କରୁଥିବା ବେଳେ ଆଜି କନ୍ଧମାଳ ଜିଲ୍ଲାର ଫୁଲବାଣୀ ସଦର ମହକୁମା କରେନେସନ ପଡିଆ ଠାରେ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ ରୁତୁରାଜ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ, ଅତିରିକ୍ତ ଶିକ୍ଷା ଅଧିକାରୀଣୀ ନିରୁପମା ଦୋରା ଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କୃତକାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେଥି ମଧ୍ୟରୁ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ କ୍ରମାନ୍ୱୟନରେ ଦିତୀୟ ଥର ମଧ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ମୁଖ୍ୟ ମନ୍ତ୍ରୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣ ଜିଲ୍ଲା ସ୍ତରୀୟ ଓ ୫ ଜଣ ବ୍ଲକ୍ ସ୍ତରୀୟ ପୁରସ୍କାର ପାଇଛନ୍ତି । ପୁରସ୍କୃତ ଛାତ୍ର ଛାତ୍ରୀ ହେଲେ ଅକ୍ଷୟ କହଁର, ସ୍ନେହଲତା ଯାନୀ,ପ୍ରିୟଭାଜନ ପ୍ରଧାନ ଜିଲ୍ଲା ସ୍ତରୀୟ ହୋଇଥିଲା ବେଳେ ଲିଲି ଯାନୀ,ସିଜେଲ କହଁର, ପ୍ରତିଭା ମଲିକ, ସରିତା ମଲିକ । ସମ୍ବିତ କୁମାର କହଁର ଯ ଉକ୍ତ ବିଦ୍ୟାର୍ଥୀ ମାନଙ୍କୁ ଆଜି ଆୟୋଜିତ ହୋଇଥିବା ଜିଲ୍ଲା ସମ୍ବର୍ଦ୍ଧିତ କାର୍ଯ୍ୟ କ୍ରମରେ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ସମୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ,ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାରିକ ,ଜାଗେଶ୍ୱର ଗାଇଗୋରିଆ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ସୁବାଷ ପ୍ରଧାନ ଏବଂ ପ୍ରଧାନ ଶିକ୍ଷକ ଶ୍ରୀ ବାରିକ ଙ୍କ ପ୍ରଚେଷ୍ଟା ଯୋଗୁଁ ବିଦ୍ୟାଳୟ ଓ ଛାତ୍ର ଛାତ୍ରୀ ମାନେ ସଫଳତା ହାସଲ ଥିବାରୁ ଉଭୟଙ୍କୁ ବିଭିନ୍ନ ମହଲର ପ୍ରଶଂସା କରୁଥିବା ଜଣାପଡିଛି ।

## ପୂର୍ବତନ ବରିଷ୍ଠ ଶତାୟୁ ଶିକ୍ଷକ ଶ୍ରୀଧର ସାରଙ୍କ ପରଲୋକ

କେନ୍ଦ୍ରାପଡ଼ା,(ମହାଭାରତ):କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମର ପୂର୍ବତନ ବରିଷ୍ଠ ଶିକ୍ଷକ ଶ୍ରୀଧର ନାୟକ(୧୦୦)ଙ୍କ ପରଲୋକ ହୋଇଯାଇଛି । ପ୍ରଥମେ ଶ୍ରୀ ନାୟକ ନାଉପାଳ, କୋରୁଆ, ଗାଙ୍ଗପଡା, କଂସାର, ତରାଣ୍ଡୋ ସ୍କୁଲରେ କାର୍ଯ୍ୟକରି ୧୯୮୫ମସିହାରେ ଅବସର ଗ୍ରହଣ କରିଥିଲେ । ଶ୍ରୀ ନାୟକ ତୁଳସୀ କ୍ଷେତ୍ର ସାରସ୍ୱତ ସଙ୍ଘର(ଜୟଗୁରୁ ଆଶ୍ରମ କେନ୍ଦ୍ରାପଡା) ୨୦ବର୍ଷକାଳ ସଭାପତି ଭାବରେ ସୁଚାରୁ ରୁପେ କାର୍ଯ୍ୟ କରିଥିଲେ । ବହୁ ଦିନ ହେବ ବାର୍ଦ୍ଧକ୍ୟ ରୋଗରେ ପିଡିତ ଥିଲେ । ତାଙ୍କ ବିୟୋଗରେ କେନ୍ଦ୍ରାପଡା ଜୟଗୁରୁ ଆଶ୍ରମ ସହିତ ଗୁଲନଗର ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଗୁଲନଗରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କଜଳା ସ୍ଥିତ ଶ୍ମଶାନରେ ଶେଷ କୃତ୍ୟ କରାଯାଇଥିଲା । ବଡ ପୁଅ ନଳିନୀକାନ୍ତ ନାୟକେ ମୁଖାଗ୍ନି ଦେଇଥିଲେ ।ଲୋପାମୁଦ୍ରା ବାରିକଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୋକପ୍ରକାଶ କରିଛନ୍ତି ।

## ବେଡାପଡ଼ା ଅଞ୍ଚଳରେ ବେଧଡ଼କ ଖଣିଜସମ୍ପଦ ଲୁଟ, ଧୂଳିଧୂଆଁରେ ବ୍ୟାପୁଛି ରୋଗ,ଜନଜୀବନ ଅସ୍ତବ୍ୟସ୍ତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ତହସିଲର ରାସୋଳ ଥାନା ଅନ୍ତର୍ଗତ ବେଡାପଡା ଅଞ୍ଚଳରେ ଦିନକୁଦିନ ବଢ଼ି ଚାଲିଛି ଚୋରା ଖଣିଜପଦାର୍ଥ ପରିବହନ ।ଖବରରୁ ଜଣାପଡିଛି ବେଡାପଡ଼ା ଓ ଏହାର ଆଖପାଖରେ ଖଣିଖାଦାନ ଗୁଡ଼ିକରୁ ଦୈନିକ ଏହି ଅଞ୍ଚଳର ରାସ୍ତାରେ ଶହଶହ ଟ୍ରକ,ଟିପ୍ପର,ହାଇଡ୍ରା, ଟ୍ରାକ୍ଟର ସହ ଛୋଟମୋଟ ଗାଡିରେ ଚିପ୍ସ, ଗୋଡି, ବାଲି, ପାଉଁଶ ଡଷ୍ଟ ଇତ୍ୟାଦି ବେଧଡକ ଭାବରେ ପରିବହନ କରାଯାଉଛି ।ଏହି ଗାଡିଗୁଡ଼ିକରୁ ପାଉଁଶ ଡଷ୍ଟ ଉଡ଼ି ବାତାବରଣ କଳୁଷିତ ହେବାସହ ପରିବେଶ ପ୍ରଦୂଷଣ ହେଉଛି ।କେବଳ ସେତିକିନୁହେଁ ପାଉଁଶ ଡଷ୍ଟ ଦ୍ୱାରା ଜନସାଧାରଣ ଡଷ୍ଟ ଆଲର୍ଜିର ଶିକାର ହେବାସହ ଫୁସଫୁସ,ଶ୍ୱାସ, ଥଣ୍ଡା, କାଶ, କୀଡ଼ୀନି ଜନିତ ଆଦି ରୋଗରେ ଆକ୍ରାନ୍ତ ହୋଇ ସର୍ବସ୍ୱାନ୍ତ ହେଉଥିବା ଦେଖିବାକୁ ମିଳିଛି ।ଆହୁରି ମଧ ଚିନ୍ତାଜନକ କାରଣ ହେଲା ଏହି ଅଂଚଳ ଓ ଆଖପାଖରେ ବହୁ ବେଆଇନ ପଥର ଖାଦାନ ଥିବା ସହ ଏଥିରୁ ପରିବହନ କରୁଥିବା ଅନେକ ଗାଡ଼ିରେ କାଗଜପତ୍ର ନାହିଁ, ଚୋରା ଗାଡି ହୋଇଥିବା ସହ କିଛି ଗାଡିର ଅବଧି ମଧ ସରିଯାଇଛ ।ଏହି ଗାଡିଗୁଡିକରେ ପ୍ରାୟତଃ ପାଲ ଟଣାଯାଉନି, ଏହି ଗାଡିଗୁଡ଼ିକ ବହୁ ସ୍ପିଡ଼ରେ ଚାଲୁଥିବାରୁ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି ଏପରିକି ରାତି ଅଧରେ ଜନସାଧାରଣଙ୍କ ଘର ପ୍ରାଚେରୀ ଭାଙ୍ଗିଯାଉଥିବା ସକାଳୁ ଦେଖାଯାଉଛି। ଏହି ନକଲି ଗାଡି ଦ୍ୱାରା ବେଧଡକ ଚୋରା ଖଣିଜ ଦ୍ରବ୍ୟ ପରିବହନ ଯୋଗୁଁ ଦ୍ରୁତ ଗାଡି ଚାଲଣା, ଡଷ୍ଟ, ଚିପ୍ସ, ମାଟି ଉଡିବା ଯୋଗୁଁ ଏହି ଅଞ୍ଚଳ ରାସ୍ତାରେ ଯାତାୟତ କରୁଥିବା ପଥଚାରି, ଛାତ୍ରଛାତ୍ରୀ, ସାଧାରଣ ଲୋକ ଓ ଯାତାୟତ କରୁଥିବା ଗାଡିମୋଟର ଇତ୍ୟାଦି ବିପଦର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ସେହିପରି ବହୁ ବଡବଡିଆଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ହାତ ରହୁଥିବାରୁ ଗାଡିଗୁଡିକର ଦୌରାତ୍ମ୍ୟ ଦାଦାଗିରି ଦିନକୁଦିନ ଅସହ୍ୟ ହେବାସହ ଅସହାୟ ଜନସାଧାରଣ ଜୀବନପ୍ରତି ବିପଦ ଆଶଙ୍କା କରି ସହି ସମ୍ଭାଳି ରହି ଚୁପ ରହିବା ଉଚିତ ମନେ କରୁଛନ୍ତି। ତେବେ ସମଗ୍ର ହିନ୍ଦୋଳ ଅଞ୍ଚଳରେ ଏହିସବୁ ସମସ୍ୟାପାଇଁ ପ୍ରଶାସନ ଯଦି ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପଦକ୍ଷେପ ଗ୍ରହଣ କରନ୍ତେ ଓ ଆଇନ ଅନୁଯାଇ ସବୁକିଛି ଚାଲିବାକୁ ପଦକ୍ଷେପ ନିଅନ୍ତେ ତେବେ ସରକାର ବିପୁଳ ରାଜସ୍ୱହାନୀରୁ ବର୍ତ୍ତିବା ସହ ଜନସାଧାରଣ ମଧ ସୁସ୍ଥ, ନିରାପଦ ନିରାମୟ ଜୀବନଯାପନ କରିପାରନ୍ତେ ବୋଲି ସ୍ଥାନୀୟ ଜନସାଧାରଣ ଆଲୋଚନା କରିବାସହ ଦାବି କରିଛନ୍ତି।

## ନ୍ୟାୟ ଦାବିରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ନିବେଦନ



କେନ୍ଦୁଝର(ମହାଭାରତ):କେନ୍ଦୁଝର ନ୍ୟାୟ ଦାବିରେ କେନ୍ଦୁଝର ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତ୍ରିବିନ୍ଧା ଗ୍ରାମର କୁନ୍ତଳା ମହାନ୍ତ ଶୁକ୍ରବାର ଜିଲା ଆରୋକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ ଯେ'ଗତ ଅଗଷ୍ଟ ମାସ ୧୭ତାରିଖ ସାହିରେ ଜମି ଚିହ୍ନଟ ହେଉଥିଲାଫ ସେହି ସମୟରେ କୁନ୍ତଳା ଙ୍କ ସ୍ୱାମୀ ରତ୍ନାକର ମହାନ୍ତ ସେଠାରେ ଉପସ୍ଥିତଥିଲେ ।ତେବେ କୌଣସି କାରଣ ନଥାଇ ପୁଲିସ ସମ୍ମୁଖରେ ଗ୍ରାମର ବିଦ୍ୟାଧର ମହାନ୍ତ ରତ୍ନାକର ଙ୍କୁ ମାର୍ ପିଟ ଏବଂ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି ।ଏହି ଘଟଣା ପରଦିନ କେନ୍ଦୁଝର ବଜାରରୁ ରତ୍ନାକର ଘରକୁ ଫେରୁଥିବାବେଳେ ବିଦ୍ୟାଧର ହାତରେ ଦା'ଧରି ମାରିବାକୁ ଗୋଡାଇଥିଲେ। ଉତ୍ତେଜିତ ହୋଇ ଅତ୍ୟାଧିକ ଗୋଇଠା ମାରିବା ଯୋଗୁଁ ତାଙ୍କର ଦୁଇ ଅଣ୍ଡକୋଷ ନଷ୍ଟ ହୋଇଯାଇଥିବା ଜଣାପଡିଛି ।ଏହି ଘଟଣା କୁ କେନ୍ଦ୍ର କରି ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୁଲିସ ଦୋଷୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ।ଏଣୁ କୁନ୍ତଳା ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ବିଦ୍ୟାଧର ଙ୍କୁ ଗିରଫ କରାଯିବାକୁ ସେ ନିବେଦନ କରିଛନ୍ତି



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ନାଲକୋ ଅଫିସର୍ସ ସଂଘ ପକ୍ଷରୁ କ୍ୟାଣ୍ଡେଲ୍ ଶୋଭାଯାତ୍ରା



ଅନୁଗୋଳ,(ମହାଭାରତ): ବଆଁରପାଳ ବ୍ଲକ ଅନ୍ତର୍ଗତ ନାଲକୋ ନଗରରେ ବୁଧବାର ସଂଧ୍ୟା ୮ ଟା ସମୟରେ ନାଲକୋ ଅଫିସର୍ସ ସଂଘ ଏବଂ ନାଲକୋନଗର ସ୍ଥିତ ସାମାଜିକ ସଂଗଠନ 'ହୋପ'ର ମିଳିତ ସହଯୋଗରେ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସମ୍ପ୍ରତି ଦେଶରେ ଘଟୁଥିବା ନାରୀ ନିର୍ଯ୍ୟାତନା ତଥା ଦୁଷ୍କର୍ମ ଭଳି ଅମାନବୀୟ କାଣ୍ଡକୁ ବିରୋଧ କରି ଶାନ୍ତି ପୂର୍ଣ୍ଣଭାବେ ଏକ ପ୍ରତିବାଦ କରାଯାଇଥିଲା ।ଏ ପ୍ରକାର ଘୃଣ୍ୟ ଏବଂ ପାଶବିକ ପ୍ରବୃତ୍ତିର ଦୃଢ ନିନ୍ଦା କରାଯିବା ସଙ୍ଗେ ସଙ୍ଗେ ପିଡିତା ଏବଂ ସେମାନଙ୍କ ପରିବାର ବର୍ଗକୁ ଉପଯୁକ୍ତ ନ୍ୟାୟ ଏବଂ ଦୋଷୀଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ ପାଇଁ ମିଳିତ ସ୍ୱର ଉତ୍ତୋଳନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ସ୍ୱେତା ସିଂ, ଶିକ୍ଷୟତ୍ରୀ ସସ୍ମିତ ମିଶ୍ର , ବି. ସୁଜୟାଲକ୍ଷ୍ମୀ, ରଶ୍ମୀ କୁସାହା, କିରଣ କାଣ୍ଡନାଗେ, ମିତାଲୀ ସିହ୍ନା, ନାଲକୋ ଅଫିସର୍ସ ସଂଘର ସଭାପତି ବନମାଳୀ ସେଠୀ , ସାଧାରଣ ସମ୍ପାଦକ ନଳିନୀ କାନ୍ତ ପଣ୍ଡା ଓ ଅନ୍ୟାନ୍ୟ କର୍ମଚାରୀ କିଶୋର କୁମାର ବେହେରା, ରାଜାରାମ ମିଶ୍ର, ଦେବୀ ପ୍ରସାଦ ମହାପାତ୍ର, ଶକ୍ତି ପ୍ରଦା ରଥ, ଦିବ୍ୟଜ୍ୟୋତି ମହାପାତ୍ର, ଅଭିଜି୍ ବାଲା, ଅଭିଜି୍ ସିହ୍ନା,ସୁନୋନ୍ଦୋ ସେନ୍, ହୋପର ଆବାହାକ ଶ୍ରୀ ଦେବାଶୀଷ ମିଶ୍ର, ସରୋଜ ଗୌଡ, ସୁଗୋତା ବାସୁ ଶ୍ରୀ ଗୌରଭ ଜୟ ସିଂ, ସଂଯୋଗ ଦ୍ୱିବେଦୀ, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ।

## ଗୁରୁଦିବସର ଅବସରରେ ସଂର୍କିତନ ଗୁରୁଙ୍କୁ ସମ୍ମାନିତ

ବିଷମ କଟକ (ମହାଭାରତ)ବିଷମ କଟକ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଗୁରୁଦିବସ ପାଳିତ ହୋଇଯାଇଛି । ଏହି ଗୁରୁଦିବସ ଅବସରରେ ସଂର୍କିତନ ଗୁରୁ ଗୋପଗୋବିନ୍ଦ ସାହୁ,ସମିର ସାହୁ,କିଶୋର କୁମାର ସାହୁ, ତ୍ରିପତି ଗୌଡ,ବାସୁଦେବ ପ୍ରଧାନୀ ଏବଂ ସନ୍ତୋଷ ଗୌଡ ଙ୍କୁ ସମ୍ମାନିତ କରାଯାଇଛି । ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଉପଢୈକ ପ୍ରଦାନ କରିଛନ୍ତି । ଏ ଅବସରରେ ଥାନା ଏସ୍.ଆଇ ପ୍ରଶ୍ମନ ନାୟକ,ରବିନ୍ଦ୍ର ନାଥ ପଣ୍ଡା, ତ୍ରିପତି ନାୟକ,ଅକ୍ଷୟ କୁମାର ରଣା, କୈଳାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଷମ କଟକ ନାଗରିକ ମଞ୍ଚ ଦ୍ୱାରା ଷ୍ଟେସନ ମାଷ୍ଟ୍ରଙ୍କ ଦ୍ୱାରା ରେଳ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ



ବିଷମକଟକ: (ମହାଭାରତ)ରାୟଗଡା ଜିଲ୍ଲା ବିଷମ କଟକ ନାଗରିକ ମଞ୍ଚ ଦ୍ୱାରା ଆଜି ବିଷମକଟକ ଷ୍ଟେସନ ମାଷ୍ଟଙ୍କ ଜରିଆରେ ରେଳମନ୍ତ୍ରୀ ଅଷ୍ଟବି ବୈଷ୍ଣବ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ରେ ବିଷମ କଟକ ରେଳ ଷ୍ଟେସନ ରେ ଜଗଦଳପୁର ଇଣ୍ଟରସିଟି ଏକ୍ସପ୍ରେସ ,ବିଶାଖାପାଟଣା କୋରବା ,ସମ୍ବଲପୁରୀ ଏକ୍ସପ୍ରେସ , ବିଶାଖାପାଟଣା ରୁ ରାୟପୁର ଓ ଭୁବେନେଶ୍ୱର ରୁ ସମ୍ବଲପୁର ଯାଉଥିବା ବନ୍ଦେ ଭାରତ ରେଳ ରହଣି ସହ ଗୁଣପୁର ଠାରୁ ଥେରୁବାଲି କୁ ସଂଯୋଗ କରୁଥିବା ନୂତନ ରେଳପଥ କୁ ପଦ୍ମପୁର ,ଗୁଡାରି ,ରାମନାଗୁଡ଼ା ଦେଇ ବିଷମକଟକ କୁ ସଂଯାଗ କରାଯିବା ପାଇଁ ଦାବି ପତ୍ରରେ ରେ ଉଲ୍ଲେଖ ରହିଛି । ରାୟଗଡା ଜିଲ୍ଲା ବିଷମ କଟକ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ରହିଥବା ବେଳେ ସ୍ଥାନୀୟ କ୍ଷେତ୍ର ଆଦିବାସୀ ବହୁଳ ଅଞ୍ଚଳରେ ହୋଇଥିବା ବେଳେ ସେମାନଙ୍କ ଜୀବନ ଜୀବିକାରେ ଏହା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସେମାନଙ୍କ ଆର୍ଥିକ ଓ ଜୀବନ ଶୈଳୀରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ନେବ ଓ ପଦ୍ମପୁର ,ଗୁଡାରି ,ରାମନାଗୁଡ଼ା ବିକାଶ ଦିଗରେ ଏହା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ବିଷମ କଟକ ନାଗରିକ ମଞ୍ଚଞ୍ଚ ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ କହିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ବିଷମ କଟକ ବ୍ଲକ ଉପାଦକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ,ଡ଼ି .ଶିବ ପ୍ରସାଦ ,ମହେନ୍ଦ୍ର ଚୈହାନ ,ଅରବିନ୍ଦ ମହାରଣା ପ୍ରମୁଖ ସହ ବିଷମକଟକ ବ୍ୟବସାୟିକ ସଙ୍ଗର କର୍ମକର୍ତା ଓ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ଉପସ୍ଥିତ ରହିଥିଲେ।

## ବିଜେପିର ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା,(ମହାଭାରତ):ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଦସ୍ୟତା ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିବା ପରେ ରାଜ୍ୟ କାର୍ଯ୍ୟାଳୟରେ ଗତ ୩ ତାରିଖରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା ।ଏବେ ବିଭିନ୍ନ ଜିଲ୍ଲାରେ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ଗୌରୀଶଙ୍କର ହୋଟେଲରେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଯୋଗଦେଇ ବିଜେପି ଏକ ରାଷ୍ଟ୍ରୀୟ ଦଳ କହିବା ସହ ଏହା ରାଷ୍ଟ୍ରୀୟ ଚିନ୍ତାଧାରା ଉପରେ ପର୍ଯ୍ୟବେସିତ ବୋଲି କହିଥିଲେ ।ଦଳର ବିଚାରଧାରା ଅନ୍ୟ ରାଜନୈତିକ ଦଳ ଠାରୁ ଭିନ୍ନ,ଦଳର ମୁଖ୍ୟ ଲକ୍ଷ ସେବା ବୋଲି ଏହି ସମ୍ମିଳନୀରେ ମତବ୍ୟକ୍ତ କରିଥିଲେ।କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ ହୋଇ ବୁଥ ସ୍ତରୀୟ ଓ ପରେ କାର୍ଯ୍ୟକର୍ତ୍ତା ମାନେ ଘରକୁ ଘର ବୁଲି ସଦସ୍ୟତା ସଂଗ୍ରହ ଅଭିଯାନକୁ ଜୋରଦାର କରାଯିବ ବୋଲି ଆୟୋଜିତ ଏହି ସମ୍ମିଳନୀରେ ବିଜେପି ପକ୍ଷରୁ କୁହାଯାଇଛି ।ଏହି ସାମ୍ବାଦିକ ସମ୍ମିଳନୀରେ ମହାକାଳ ପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ,ଗୀତାଞ୍ଜଳି ସେଠୀ,ଜିଲ୍ଲା ସାଧାରଣ ସମ୍ପାଦକ ଉପିନ ରାଉତ, ଅଭିମନ୍ୟୁ ଗୋଛାୟତ,ଭୁବନ ମୋହନ ଜେନା, ସୁନାକର ବେହେରା, ତେଜେଶ୍ୱର ପରିଡ଼ା,ଶଶାଙ୍କ ସେଠୀ,ସଞ୍ଜୟ ରଥ,ସୁରଥ ସେଠୀ,ମିଡିଆ ସେଲ ସଭାପତି ନେହେରୁ କୁମାର ସାହୁ,ସମ୍ପାଦକ ଅମିତାଭ ସୁଆର,କୃଷକ ନେତା ବିକ୍ରମ ରାଉତରାୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଘୁମୁସର ଜିଲ୍ଲା ବିଜେପିର ସାମ୍ବାଦିକ ସମ୍ମିଳନୀ

ହିଞ୍ଜିଳିକାଟୁ, (ମହାଭାରତ ): ଭାରତୀୟ ଜନତା ପାର୍ଟି ଘୁମୁସର ସାଂଗଠନିକ ଜିଲ୍ଲା ପକ୍ଷରୁ ହିଞ୍ଜିଳିକାଟୁରେ ସଦସ୍ୟତା ଅଭିଯାନ ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୌର ପରିଷଦ ଅତିଥି ଭବନ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ କହିଥିଲେ ଯେ, ସଂଗଠନ ଚଳାଇବାର ମୂଳ ଆଧାର ହେଉଛନ୍ତି କାର୍ଯ୍ୟକର୍ତ୍ତା ଏବଂ ଦଳର ଶକ୍ତିର ମୂଳ ଆଧାର ହେଉଛି ସଂଗଠନ। ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରଖି ଲୋକଙ୍କ ସେବା କରିବା ହେଉଛି ବିଜେପିର ଲକ୍ଷ୍ୟ। ଆଉ ଏଥି ନିମନ୍ତେ ଘରକୁ ଘର ବୁଲି ସଦସ୍ୟତା ଗ୍ରହଣ କରାଯିବ। ସଦସ୍ୟତା ଅଭିଯାନ ପରେ ସମସ୍ତ ପଞ୍ଚାୟତ ଓ ମଣ୍ଡଳ ସ୍ତରୀୟ ସାଂଗଠନିକ ମୋର୍ଚ୍ଚା ପ୍ରସ୍ତୁତ ହେବ।

## ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ

କଳାହାଣ୍ଡି/ମହାଭାରତ: ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପଡିଆରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଅଧକ୍ଷତା କରିଥିବା ବେଳେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଭବାନୀପାଟଣା ଉପ ଜିଲ୍ଲାପାଳ ବିଶ୍ୱଜିତ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, କଳାହାଣ୍ଡି ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ, ଭବାନୀପାଟଣା ବ୍ଲକ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପବିତ୍ର ଗୁରୁଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଗୁରୁ ଶିଷ୍ୟ ର ପବିତ୍ର ସମ୍ପର୍କ ର ପରମ୍ପରା କୁ ବଜାଇ ରଖିବା ସହିତ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢି ଭଲ ମଣିଷ ହେବା ସହିତ ସେବା ମନୋଭାବ ନେଇ ସମସ୍ତେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗତ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୧୭ଜଣ ଛାତ୍ରଛାତ୍ରୀଙ୍କୁ ଡିଷ୍ଟ୍ରିକ୍ଟ ଏକାଡେମିକ୍ ଏୱାର୍ଡ ସ୍ୱରୂପ ୧୦ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୧୧ଲକ୍ଷ ୭୦ହଜାର ଟଙ୍କା, ସମସ୍ତ ବ୍ଲକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୩୧୮ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲକ ଏକାଡେମିକ୍ ଏୱାର୍ଡ ସ୍ୱରୂପ ୫ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୬୫ଲକ୍ଷ ୯୦ହଜାର ଟଙ୍କା, ଓଡ଼ିଆ ବିଷୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୪୫ଜଣ ଛାତ୍ରଛାତ୍ରୀଙ୍କୁ ଓଡିଆ ଭାଷା ବୃତ୍ତି ସ୍ୱରୂପ ୭ହଜାର ୫ଶହ ଟଙ୍କା ହିସାବରେ ମୋଟ ୩ଲକ୍ଷ ୩୭ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ମଧ ଦିଆଯାଇଥିଲା। ଜିଲ୍ଲାର ଅବସରପ୍ରାପ୍ତ କୃତୀ ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡିଲେଶ୍ୱର ରଣା, ଶିକ୍ଷୟତ୍ରୀ ଶ୍ରୁତି ସିଲଭା ପଣ୍ଡା, ବର୍ଷାରାଣୀ ତ୍ରିପାଠୀ। ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ। ପରେ ପରେ ଭୁବନେଶ୍ୱର ଲୋକସେବା ଭବନରୁ ରାଜ୍ୟ ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ମୋ ସ୍କୁଲ ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ୧୩ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡିଇଓ ଓ ଡିପିସି ଅଫିସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ପ୍ରଶାସନ ସବୁବେଳେ ତତ୍ପର

ରାୟଗଡ଼(ମହାଭାରତ): ଆଜି ସ୍ଥାନୀୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ପ୍ରେସମିଟ/ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀମତୀ ପଟାୱରୀ ସୁଭଦ୍ରା ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି କହିଥିଲେ ଯେ ପ୍ରତ୍ୟେକ ଅଙ୍ଗନବାଡି କର୍ମୀ, ପଞ୍ଚାୟତ ଓ ବ୍ଲକ ସ୍ତରରେ ଏହି ଫର୍ମ ଉପଲବ୍ଧ କରାଯାଇଛି । ଜିଲ୍ଲା ସ୍ତରରେ ୪ ଲକ୍ଷ ଫର୍ମ ଆବଶ୍ୟକ ବୋଲି ଏକ ଆକଳନ କରାଯାଇ ୭୨୭ଟି ଜନସେବା କେନ୍ଦ୍ରରେ, ୧୦୦ଟି ମୋ ସେବା କେନ୍ଦ୍ରରେ ।୨୦୮୩ଟି ଅଙ୍ଗନବାଡି କେନ୍ଦ୍ରରେ ଏହି ଫର୍ମ ପୂରଣ ମିଳିବାର ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ଜିଲ୍ଲାରେ ପ୍ରାଥମିକ ସ୍ତରରେ ୧୪୧୨ ଜଣ ସି ଆର ପି , ୧୭୧ ଜଣ ଏମ ବି କେ, ୨୦୮୩ ଜଣ ଅଙ୍ଗନବାଡି କର୍ମୀ, ୭୨ ଜଣ ଆଇ ସି ଡି ଏସ ସୁପରଭାଇଜର, ୮୨୭ ଜଣ ଜନ ସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରର କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି ଯ ୧୧ଟି ବ୍ଲକ ।୩ଟି ସହରାଞ୍ଚଳର ପ୍ରତ୍ୟେକ ଗ୍ରାମ । ୱାର୍ଡ ସ୍ତରରେ ସରକାରୀ ବ୍ୟବସ୍ଥା ଦ୍ୱାରା ଲୋକ ମାନଙ୍କୁ ଫର୍ମ ପୂରଣ କରିବାର ପ୍ରକ୍ରିୟା। ଯୋଗ୍ୟ ହିତାଧିକାରୀ ମାନଙ୍କ ବିଷୟରେ ସଚେତନ କରାଯାଉଛି ।ଜିଲ୍ଲା ସ୍ତରରେ ଓ ବ୍ଲକ ସ୍ତରରେ ତଦାରଖ କରିବା ପାଇଁ ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଗୋଟିଏ ଗୋଟିଏ ତଦାରଖ କମିଟିର ବ୍ୟବସ୍ଥା କରାଯାଇଛି । ତାଲିମ ବ୍ୟବସ୍ଥା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସିଡିପିଓ ମାନେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଯଦି କୌଣସି ଅଭିଯୋଗ ଆସୁଛି ସେଥିପାଇଁ ତୁରନ୍ତ ଘଟଣାକୁ ବୁଝି ଓ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରିବା ନିମନ୍ତେ ପଦକ୍ଷେପ ନିଆ ଯାଉଛି । ଯଦି କାହାର କିଛି ଅଭିଯୋଗ ଥାଏ କିମ୍ବା କୌଣସି ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ୧୪୬୭୮ଦେୟ ମୁକ୍ତ/ ଟୋଲ ଫ୍ରି ହେଲ୍ପ ଲାଇନ ମଧ୍ୟରେ ଯୋଜନା ସମ୍ପର୍କରେ ଯୋଗାଯୋଗ କରି ପାରିବେ ଯ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ସୁଭଦ୍ରା ଯୋଜନା ନିମନ୍ତେ ଜିଲ୍ଲାର ନୋଡାଲ ଅଧିକାରୀ ଶ୍ରୀ ନିହାର ରଞ୍ଜନ କହଁର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପ୍ରତିମା ପ୍ରଧାନ, ମିଶନ ଶକ୍ତି ଜିଲ୍ଲା ପରିଚାଳକ ଶ୍ରୀ ହେମନ୍ତ ବାଗ, ମମତା ଯୋଜନାର ଜିଲ୍ଲା ସଂଯୋଜକ ଶ୍ରୀ ଜିତେନ୍ଦ୍ର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କୁଶସରୁ ଜଙ୍ଗଲ ରୁ ଜଣେ କଲେଜ ଛାତ୍ରୀ ଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ପଂଚାୟତ ମହାବିଦ୍ୟାଳୟ ସମ୍ମୁଖରେ ରେ ଥିବା କୁଶସରୁ ଜଙ୍ଗଲ ମାଧ୍ୟରେ ଥିବା ଏକ ଆମ୍ବ ଗଛରୁ ଜଣେ କଲେଜ ଛାତ୍ରୀ ଙ୍କ ଝୁଲନ୍ତା ମୃତଦେହ କୁ ପୋଲିସ ଉଦ୍ଧାର କରିଛି । ତେବେ ଛାତ୍ରୀ ଜଣକ ପିନ୍ଧିଥିବା ୟୁନିଫର୍ମ ରୁ ସେ ସେହି ପଞ୍ଚାୟତ କଲେଜ ରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ରେ ପଢୁଥିବା ଜଣାପଡିଛି । ଝୁଲନ୍ତା ମୃତ ଦେହ ପାଖରେ ଛାତ୍ରୀ ଙ୍କ ବ୍ୟାଗ ଓ ମୋବାଇଲକୁ ପୋଲିସ ଜବତ କରିଥିବା ବେଳେ ଛାତ୍ରୀ ଜଣକ ଫିରିଙ୍ଗିଆ ଥାନା ପବିଙ୍ଗିଆ ପଞ୍ଚାୟତ ମଗମୁଣ୍ଡା ଗାଁ ର ବିବେକାନନ୍ଦ କହଁର ଙ୍କ ଝିଅ ପଦ୍ମିନୀ କହଁର ବୋଲି ଜଣାପଡିଛି ଓ ତେବେ ଖବରପାଇ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ସହ ପୋଲିସ ଟିମ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହ ଏହି ଘଟଣାକୁ ନେଇ ୧୧/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ କୁ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେବା ସହ ଅଧିକ ତଦନ୍ତ ଜାରିରଖିଛନ୍ତି ଓ ପରିବାର ଲୋକଙ୍କ କହିବା ଅନୁସାରେ ଛାତ୍ରୀ ଜଣକ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଲାଇନପଡା ଅଂଚଳର ଜଣେ ଯୁବକଙ୍କୁ ବର୍ଷେ ତଳେ ଭଲପାଇ ତାଙ୍କ ସାଙ୍ଗରେ ଚାଲିଯାଇଥିଲେ । ପରେ ପରିବାର ଲୋକେ ଖବର ପାଇଁ ଲାଇନପଡା ଯାଇ ବୁଝାସୁଝା କରିବା ସହ ନିଜ ଝିଅକୁ ଘରକୁ ନେଇଆସିଥିଲେ। ଏହାସହ ଚଳିତ ବର୍ଷ ପାଠ ପଢିବା ପାଇଁ ପରିବାର ଲୋକେ ତାଙ୍କୁ ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ରେ ନାମ ଲେଖାଇଥିଲେ ଓ ଅନ୍ୟପଟେ ପରିବାର ଲୋକେ ଝିଅ ର ଆତ୍ମହତ୍ୟା କୁ ସହଜରେ ଗ୍ରହଣ କରିପାରୁନଥିବା ବେଳେ ଏହା ଏକ ହତ୍ୟା କାଣ୍ଡ ବୋଲି ଅଭଯୋଗ କରିଛନ୍ତି ।ସେପଟେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଓ ତଦନ୍ତ ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡିବ ବୋଲି ସୂଚନା ଦେଇଛନ୍ତି ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଓ ସେପଟେ ଏହି ଘଟଣାକୁ ନେଇ ଅଂଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ କଲେଜ କର୍ତ୍ତୃପକ୍ଷ ଙ୍କ ଅବହେଳା କୁ ଦାୟୀ କରିଛନ୍ତି ସ୍ଥାନୀୟ ଜନସାଧାରଣ ଓ କଲେଜ ରେ ଛାତ୍ରଛାତ୍ରୀ ମାନେ ପାଠପଢିବା ସମୟରେ କଲେଜ ପାଖରେ ଥିବା ବନପାହାଡ଼ ସହ ବଜାର ରେ ବୁଲୁ ଥିବା ଦେଖିବାକୁ ମିଳୁଥିବା ବେଳେ ଏହାକୁ ନେଇ ବାରମ୍ବାର କଲେଜ କର୍ତ୍ତୃପକ୍ଷ ଙ୍କୁ ସ୍ଥାନୀୟ ସାଧାରଣ, ବୁଦ୍ଧିଜୀବୀ ଅଭଯୋଗ ମଧ୍ୟ କରିଆସୁଛନ୍ତି। କଲେଜର୍ତ୍ତୃପକ୍ଷ ଙ୍କ ଏଭଳି ଢିଲା ଅନୁଶାସନ ପାଇଁ ଏଭଳି ଘଟଣା ଘଟୁଛି ବୋଲି ସ୍ଥାନୀୟ ଜନସାଧାରଣ ଙ୍କ ସହ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତ।

## ଜୁନାଗଡ଼ରେ ଜିଲ୍ଲା ସ୍ତରୀୟ ପବିତ୍ର ଗୁରୁ ଦିବସ ପାଳିତ

କଳାହାଣ୍ଡି,(ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ହାଇସ୍କୁଲ ଠାରେ ଆଜି ଜିଲ୍ଲା ସ୍ତରୀୟ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ହରିପୁର ରୋଡ଼ କଟକ ୧,ଶାଖା କଳାହାଣ୍ଡି ଜିଲ୍ଲା ଆନୁକୂଲ୍ୟରେ ଅନୁଷ୍ଠିତ ଆଜିର ଏହି ସଭାରେ ସଭାପତିତ୍ୱ କରିଥିଲେ ଜିଲ୍ଲା ସଭାପତି ବିରେନ୍ଦ୍ର ବାଗୟ ସଂପୃକ୍ତ କାର୍ଯକ୍ରମର ସଭାପରିଚଳାନା ସରୋଜ କୁମାର ଠାକୁର କରିଥିବା ବେଳେ,ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା କେଶୋରି ଦେଓ,ସମ୍ମାନୀୟ ଅତିଥି ଭାବେ, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର,ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ରାଜ୍ୟ ସଂଘ ସଭାପତି ଧୀରେନ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ଚୋପଦାର, , ଚାରୁଲତା ମହାପାତ୍ର, ସଙ୍ଗୀତା ଦାସ, ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବରିଷ୍ଠ ଶିକ୍ଷକ,ବିଭିନ୍ନ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ଅଞ୍ଚଳର ଅନେକ ଗଣ୍ୟମାଣ୍ୟ ଲୋକେ ଉପସ୍ଥିତ ଥିଲେ।

## ସୁଭଦ୍ରା ଯୋଜନା ଉପରେ ପ୍ରଶିକ୍ଷଣ ଶିବିର

ଆସିକା (ମହାଭାରତ): ଆସିକା ପଞ୍ଚାୟତ ସମିତି ସଭା ଗୃହରେ ସୁଭଦ୍ରା ଯୋଜନାସମ୍ପର୍କ ରେ ଜିଲ୍ଲା ସମ୍ପାଦକ ଏବଂ ଡାଟା ଏଣ୍ଟ୍ରି ଅପରେଟର ମାନଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସୁଭଦ୍ରା ଯୋଜନା ରେ ଗ୍ରାମାଞ୍ଚଳ ର ମହିଳା ମାନେ କିଭଳି ସହଜ ଏବଂ ସରଳ ଭାବେ ଏହାର ଲାଭ ପାଇବେ ସେଥିପାଇଁ ପଞ୍ଚାୟତ ରେ ଥିବା ପ୍ରାଥମିକ ସେବା ସମିତି ରେ ମଧ ମହିଳା ମାନେ ନାମ ପଞ୍ଜିକରଣ କରିପାରିବେ ବୋଲି ଆଜି ଏହି ବୈଠକ ରେ ଉପସ୍ଥିତ ଥିବା ଅତିଥି ମାନେ ମତ ବ୍ୟକ୍ତ କରିଥିଲେ। ଆଜି ର ଏହି ବୈଠକ ରେ ବିଡ଼ିଓ ଫକୀର ଚରଣ ପରିଡା, ସିଡିପିଓ ଇନ୍ଦିରା ମହାପାତ୍ର, ଏଆରସିଏସ ବିଜୟ ସାହୁ, ଜନ ସେବା କେନ୍ଦ୍ରର ଜିଲ୍ଲା ସଂଯୋଜକ ଅମିତ କୁମାର ସାହୁ, ମୋ ସେବା କେନ୍ଦ୍ର ର ଜିଲ୍ଲା ସଂଯୋଜକ ସରୋଜ କୁମାର ପାଢ଼ୀ, ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ରେ ଆସିକା ବ୍ଲକ ର ୧୯ ଗୋଟି ସେବା ସମିତି ର ସଦସ୍ୟ ଯୋଗ ଦେଇଥିଲେ।

## ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଅବସରରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ



ରାୟଗଡା(ମହାଭାରତ): ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡିଆରେ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟୱରି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର କଂହର, ରାୟଗଡା ଉପଜିଲ୍ଲାପାଳ ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲ୍ଲା ଶିକ୍ଷାଧିକାରୀ ଡ: ବସନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ରାୟଗଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ ।ଅନ୍ୟାନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ରାୟଗଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଗୁରୁ ବିଦ୍ୟାର୍ଥୀଙ୍କ ସହ ସମାଜର ଭବିଷ୍ୟତ ମଧ୍ୟ ନିର୍ମାଣ କରନ୍ତି ଓ ଶିକ୍ଷାର ବିକାଶରେ ଅତୁଳନୀୟ ଅବଦାନ ପାଇଁ ସମସ୍ତ ଗୁରୁଜୀବୃନ୍ଦଙ୍କୁ ଯଥାମାନ୍ୟ ସମ୍ମାନ ଜଣାଇବା ସହ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସମାଜର ଭବିଷ୍ୟତ ଗଠନ ହୋଇପାରୁଥିବା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପ୍ରକାଶ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ: ବସନ୍ତ କୁମାର ନାୟକ ଉଦ୍ଦେଶ୍ୟ ଜ୍ଞାପନ ସହ ଗୁରୁ ସର୍ବତ୍ର ପୂଜ୍ୟ ବୋଲି ପ୍ରକାଶ କରିଥିଲେ । ରାଜ୍ୟ ସରକାରଙ୍କ ତରଫରୁ ଏଭଳି ଅଭିନବ ପ୍ରୟାସ ଫଳରେ ଜିଲ୍ଲା ସ୍ତରରେ ୭୪ ଜଣ ବିଦ୍ୟାର୍ଥୀଙ୍କୁ ମେଧା ସମ୍ମାନ, ବ୍ଲକ ସ୍ତରରେ ୧୧୩୮ ଜଣ ବିଦ୍ୟାର୍ଥୀଙ୍କୁ ଗୋଷ୍ଠୀ ସ୍ତରୀୟ ମେଧା ସମ୍ମାନ, ୨୪୫ ଜଣ ଙ୍କୁ ଓଡ଼ିଆ ଭାଷା ବୃତ୍ତି ସମ୍ମାନ ତଥା ଦଶ ଜଣଙ୍କୁ ଜିଲ୍ଲା ସ୍ତରୀୟ ଆଦର୍ଶ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଉଥିବା କହିଥିଲେ।

ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥ ଙ୍କ ପଦାରବିନ୍ଦରେ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ପ୍ରାରମ୍ଭିକ ସଙ୍ଗୀତରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସମସ୍ତ କୃତି ବିଦ୍ୟାର୍ଥୀ ତଥା ଆଦର୍ଶ ଶିକ୍ଷକଙ୍କୁ ମୁଖ୍ୟ ଅତିଥି ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

## ପୁର୍ନବାସ ପକ୍ଷରୁ ମେରୁଦଣ୍ଡ ଆଘାତ ସଚେତନତା କର୍ମଶାଳା

କେନ୍ଦ୍ରାପଡା (ମହାଭାରତ): ସମୁଦାୟ ୨୧ ପ୍ରକାର ଭିନ୍ନକ୍ଷମତା ମଧ୍ୟରୁ ଚଳନଶକ୍ତି ବାଧିତ ଭିନ୍ନକ୍ଷମ ବର୍ଗରେ ଗଣିତ ହେଉଥିବା ମେରୁଦଣ୍ଡ ଆଘାତ ଭିନ୍ନକ୍ଷମମାନେ ସବୁଠାରୁ ଅଧିକ ଦୁର୍ବିସହ ଜୀବନ ଅତିବାହିତ କରି ଥାଆନ୍ତି । ପରିସଂଖ୍ୟାନରୁ ଜଣାଯାଏ,ସାରା ପୃଥିବୀରେ ଯେତେ ମେରୁଦଣ୍ଡ ଆଘାତ ଭିନ୍ନକ୍ଷମତାର ଘଟଣା ଘଟୁଛି, ସେଥିମଧ୍ୟରୁ କେବଳ ଶତକଡା ୫୦ ଭାଗ ସଡ଼କ ଦୁର୍ଘଟଣାରୁ ଓ ବାକି ଅଧିକାଂଶ ଉଚ୍ଚ ସ୍ଥାନରୁ ଖସି ପଡିବା ଓ ଅନ୍ୟାନ୍ୟ ରୋଗ କାରଣରୁ ହୋଇଥାଏ। ଥରେ ମେରୁଦଣ୍ଡ ଆଘାତପ୍ରାପ୍ତ ହୋଇ ସ୍ୱଳ୍ପରୁ ଗୁରୁତର ଭିନ୍ନକ୍ଷମତା ଭୋଗ କରୁଥିବା ବ୍ୟକ୍ତି ବିଶେଷମାନଙ୍କ ଆଘାତ ପରବର୍ତ୍ତୀ ଜୀବନ ସାମାଜିକ ବିଚ୍ଛିନ୍ନତା, ଅର୍ଥନୈତିକ ଅବନ୍ନତି ଓ ନାନାଦି ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଅତିକ୍ରମ କରିବାକୁ ହୋଇଥାଏ । କେବଳ ସଚେତନତା ମାଧ୍ୟମରେ ଏହିପରି ଗୁରୁତର ଭିନ୍ନକ୍ଷମତାକୁ ଅନେକ ପରିମାଣରେ ପ୍ରତିହତ କରା ଯାଇପାରିବ । ଏହି ଉଦ୍ଦେଶ୍ୟରେ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରତ ସେଚ୍ଛାସେବୀ ଅନୁଷ୍ଠାନ ପୁର୍ନବାସ ପକ୍ଷରୁ ସେପ୍ଟେମ୍ବର ୫ ତାରିଖ , ବିଶ୍ୱ ମେରୁଦଣ୍ଡ ଆଘାତ ସଚେତନତା ଦିବସ ଅବସରରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଏହାର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ସଞ୍ଚାଳନରେ ବିଶେଷଜ୍ଞ ରୂପେ ବରିଷ୍ଠ ଶଲ୍ୟ ଚିକିତ୍ସକ ଡାକ୍ତର ବରେନ୍ଦ୍ର କୁମାର ଦାସ,ଉ୍ର ଓଡ଼ିଶାର ମେଡିକାଲ କଲେଜର ପ୍ରାକ୍ତନ ପ୍ରାକୃତିକ ଥେରାପି ଓ ଯୋଗର ସହକାରୀ ପ୍ରଫେସର ଡାକ୍ତର ମୋନାଲି ମଧୁସ୍ମିତା,ଫିଜିଓଥେରାପିଷ୍ଟ ରଚିତା ଜେନା ଓ ସ୍ୱତନ୍ତ୍ର ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ରୂପାଲି ପ୍ରିୟଦର୍ଶିନୀ ମେରୁଦଣ୍ଡ ଆଘାତର ଶାରୀରିକ,ଚିକିତ୍ସା ବିଜ୍ଞାନଗତ, ଯୋଗକୈନ୍ଦ୍ରିକ ଉପଚାର ଓ ସାମାଜିକ ସୁରକ୍ଷା ଦିଗ ପ୍ରତି ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ମେରୁଦଣ୍ଡ ଆଘାତ ଭିନ୍ନକ୍ଷମମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ । ପୁର୍ନବାସ ପକ୍ଷରୁ ପ୍ରତ୍ୟେକଙ୍କୁ ସେମାନଙ୍କ ଦୈନନ୍ଦିନ ମୂତ୍ରାଶ୍ରୟ ପରିଚାଳନାର ଗୁରୁତର ଆବଶ୍ୟକତାକୁ ଦେଖି ୬ ମାସ ନିମନ୍ତେ ଆବଶ୍ୟକୀୟ ଉପକରଣ କିଟ୍ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାକୁ ପୁର୍ନବାସ ପକ୍ଷରୁ ସଭ୍ୟ ବଂଶୀଧର ମହାନ୍ତି, ଜ୍ୟୋତି ରଂଜନ ନାୟକ, ଶେଷଦେବ ଦାସ, ମହମ୍ମଦ ଜାହିଦ୍ ଖାନ୍, କାଉନସିଲର ସିବ କୁମାର ଜେନା,ସ୍ୱପ୍ନାଂଶୁ କୁମାର ଦାସ, ରଂଜନ ସ୍ୱାଇଁ, ଥେରାପିଷ୍ଟ ଚନ୍ଦନ କୁମାର ଜେନା,ଗୁନସ୍ମିତା ବେହେରା,ମିହିର ରଂଜନ ବାରିକ,ଦୀପକ୍ ସାହୁ,ଗାୟତ୍ରୀ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରସଭ୍ୟା ରଶ୍ମିତା ସିଂହ,ନୃସିଂହ ଚରଣ ତ୍ରିପାଠୀ,କ୍ଷିରୋଦ କର,କିରଣବାଳା ଚୌଧୁରୀ ଏବଂ କାଉନସିଲର କନକଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ପରିଶେଷରେ ଅନୁଷ୍ଠାନର ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବା ଶିକ୍ଷକମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ,୬।୯(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ଶିକ୍ଷକମାନଙ୍କ ସହ ଆଲୋଚନା କରିଛନ୍ତି ।



ପୁରସ୍କୃତ ବ୍ୟକ୍ତିମାନେ ସେମାନଙ୍କର ଶିକ୍ଷାଦାନ ଅଭିଜ୍ଞତା ପ୍ରଧାନମନ୍ତ୍ରୀଙ୍କ ସହ ବାଣ୍ଟିଥିଲେ୍ୟ ଶିକ୍ଷଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେମାନଙ୍କ ଦ୍ୱାରା ବ୍ୟବହୃତ ଆକର୍ଷଣୀୟ କୌଶଳ ବିଷୟରେ ମଧ୍ୟ ସେମାନେ ଆଲୋଚନା କରିଥିଲେ। ନିୟମିତ ଶିକ୍ଷାଦାନ କାର୍ଯ୍ୟ ସହିତ ସେମାନଙ୍କ ଦ୍ୱାରା କରାଯାଉଥିବା ସାମାଜିକ କାର୍ଯ୍ୟର ଉଦାହରଣ ମଧ୍ୟ ସେମାନେ ସେୟାର କରିଥିଲେ୍ୟ ସେମାନଙ୍କ ସହିତ କଥାବାର୍ତ୍ତା କରି ପ୍ରଧାନମନ୍ତ୍ରୀ ଶିକ୍ଷାଦାନ କଳା ପ୍ରତି ସେମାନଙ୍କର ସମର୍ପଣ ଏବଂ ବର୍ଷ ବର୍ଷ ଧରି ସେମାନେ ପ୍ରଦର୍ଶନ କରିଥିବା ଉଲ୍ଲେଖନୀୟ ଉତ୍ସାହକୁ ପ୍ରଶଂସା କରିଥିଲେ, ଯାହାକୁ ପୁରସ୍କାର ମାଧ୍ୟମରେ ସ୍ୱୀକୃତି ମିଳିଛି।

ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତିର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ ଏବଂ ନିଜ ମାତୃଭାଷାରେ ଶିକ୍ଷା ପ୍ରାପ୍ତିର ଗୁରୁତ୍ୱ ବିଷୟରେ କହିଥିଲେ । ଶିକ୍ଷକମାନେ ବିଭିନ୍ନ ଭାଷାରେ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଲୋକକଥା ଶିଖାଇପାରିବେ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଏକାଧିକ ଭାଷା ଶିଖିପାରିବେ ଏବଂ ଭାରତର ଜୀବନ୍ତ ସଂସ୍କୃତି ସହିତ ମଧ୍ୟ ପରିଚିତ ହୋଇପାରିବେ ବୋଲି ସେ ପରାମର୍ଶ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶିକ୍ଷକମାନେ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ଭାରତର ବିବିଧତା ଅନୁସନ୍ଧାନ କରିବା ପାଇଁ ଶିକ୍ଷାଗତ ଗସ୍ତରେ ନେଇପାରିବେ, ଯାହା ସେମାନଙ୍କ ଶିକ୍ଷଣରେ ସହାୟକ ହେବ ଏବଂ ସେମାନଙ୍କୁ ସେମାନଙ୍କ ଦେଶ ବିଷୟରେ ସାମଗ୍ରିକ ଭାବରେ ଜାଣିବାରେ ମଧ୍ୟ ସାହାଯ୍ୟ କରିବ। ଏହା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ପ୍ରୋତ୍ସାହନ ଦେବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ଯେ ପୁରସ୍କାର ପ୍ରାପ୍ତ ଶିକ୍ଷକମାନେ ସୋସିଆଲ ମିଡିଆ। ମାଧ୍ୟମରେ ପରସ୍ପର ସହିତ ଯୋଡ଼ି ହେବା ଉଚିତ ଏବଂ ସେମାନଙ୍କର ସର୍ବୋତ୍ତମ ଅଭ୍ୟାସ ବାଣ୍ଟିବା ଉଚିତ ଯାହା ଦ୍ୱାରା ସମସ୍ତେ ଏଭଳି ଅଭ୍ୟାସରୁ ଶିଖିପାରିବେ, ଏବଂ ଉପକୃତ ହୋଇପାରିବେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶିକ୍ଷକମାନେ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସେବା କରୁଛନ୍ତି ଏବଂ ଆଜିର ଯୁବପିଢ଼ିଙ୍କୁ ବିକଶିତ ଭାରତ ପାଇଁ ପ୍ରସ୍ତୁତ କରିବାର ଦାୟିତ୍ୱ ସେମାନଙ୍କ ହାତରେ ରହିଛି।

ଜାତୀୟ ଶିକ୍ଷକ ପୁରସ୍କାରର ଉଦ୍ଦେଶ୍ୟ ହେଉଛି ଦେଶର କିଛି ଶ୍ରେଷ୍ଠ ଶିକ୍ଷକଙ୍କ ଅନନ୍ୟ ଅବଦାନକୁ ସମ୍ମାନିତ କରିବା ଏବଂ ସମ୍ମାନିତ କରିବା ଯିଏ କି ନିଜର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ଦ୍ୱାରା କେବଳ ଶିକ୍ଷା କ୍ଷେତ୍ରର ଗୁଣବତ୍ତାରେ ଉନ୍ନତି ଆଣିନାହାନ୍ତି ବରଂ ସେମାନଙ୍କ ଛାତ୍ରଛାତ୍ରୀଙ୍କ ଜୀବନକୁ ମଧ୍ୟ ସମୃଦ୍ଧ କରିଛନ୍ତି । ଚଳିତ ବର୍ଷ ଏହି ପୁରସ୍କାର ପାଇଁ ସାରା ଦେଶରୁ ୮୨ ଜଣ ଶିକ୍ଷକଙ୍କୁ ଚୟନ କରାଯାଇଥିଲା, ଯେଉଁଥିରେ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ଚୟନ କରାଯାଇଥିବା ୫୦ ଜଣ ଶିକ୍ଷକ, ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୧୬ ଜଣ ଶିକ୍ଷକ ଏବଂ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ୧୬ ଜଣ ଶିକ୍ଷକ ମନୋନୀତ ହୋଇଥିଲେ।

# ୧ ଲକ୍ଷ ଛୁଇଁବ ସୁନା ଦର !

**ନୂଆଦିଲ୍ଲୀ,୬।୯(ମହାଭାରତ):** ସୁନାଦର ଗତ କିଛି ବର୍ଷହେଲା କ୍ରମାଗତଭାବେ ବଢିଚାଲିଛି। ଏଣୁ ସୁନାରେ ନିବେଶକୁ ନିବେଶକମାନେ ଅଧିକ ପସନ୍ଦ କରୁଛନ୍ତି । ଏବେ ସୁନାଦରକୁ ନେଇ ଅନ୍ତର୍ଜାତୀୟ ଇନଭେଷ୍ଟମେଣ୍ଟ ସଂସ୍ଥା ଗୋଲଡମ୍ୟାନ ସାକ୍ସର ଆକଳନ ଆସିଛି । ଗୋଲ୍ଡମ୍ୟାନ୍ ସାକ୍ସ ପୂର୍ବାନୁମାନ କରିଛି ଯେ ଆସନ୍ତା ବର୍ଷ ପ୍ରାରମ୍ଭରେ ଅନ୍ତର୍ଜାତୀୟ ବଜାରରେ ସୁନା ୨,୭୦୦ ଡଲାରରେ ପହଞ୍ଚିପାରେ । ଆଜି ବିଶ୍ୱ ବଜାରରେ ସୁନା ପ୍ରାୟ ୧ ପ୍ରତିଶତ ବୃଦ୍ଧି ପାଇ ଆଉନ୍ସ ପିଛା ୨,୫୦୭ ଡଲାରରେ କାରବାର କରୁଛି । ଅର୍ଥାତ୍ ଯଦି ଗୋଲ୍ଡମ୍ୟାନ୍ ସାକ୍ସର ଆକଳନ ଠିକ୍ ପ୍ରମାଣିତ ହୁଏ ତେବେ ଆସନ୍ତା ୫ରୁ ୬ ମାସ ମଧ୍ୟରେ ସୁନା ଦର ୭ରୁ ୮ ପ୍ରତିଶତ ବଢ଼ିପାରେ । ଏହି ହିସାବ ଅନୁସାରେ ଭାରତରେ ବି ସୁନାଦର ସେହି ସମୟ ସୁଦ୍ଧା ୭୮ ହଜାର ଟପିଯିବ ଓ ଆସନ୍ତା ବର୍ଷ ହିଁ ୧ ଲକ୍ଷ ଟଙ୍କା ଛୁଇଁବାର ସମ୍ଭାବନା ରହିଛି । ଗୋଲ୍ଡମ୍ୟାନ୍ ସାକ୍ସ ପୂର୍ବାନୁମାନ କରିଛି ଯେ ଆସନ୍ତା ବର୍ଷ ପ୍ରାରମ୍ଭରେ ଅନ୍ତର୍ଜାତୀୟ ବଜାରରେ ସୁନା ୨,୭୦୦ ଡଲାରରେ ପହଞ୍ଚିପାରେ । ଆଜି ବିଶ୍ୱ ବଜାରରେ ସୁନା ପ୍ରାୟ ୧ ପ୍ରତିଶତ ବୃଦ୍ଧି ପାଇ ଆଉନ୍ସ ପିଛା ୨,୫୦୭ ଡଲାରରେ କାରବାର କରୁଛି । ଅର୍ଥାତ୍ ଯଦି ଗୋଲ୍ଡମ୍ୟାନ୍ ସାକ୍ସର ଆକଳନ ଠିକ୍ ପ୍ରମାଣିତ ହୁଏ ତେବେ ଆସନ୍ତା ୫ରୁ ୬ ମାସ ମଧ୍ୟରେ ସୁନା ଦର ୭ରୁ ୮ ପ୍ରତିଶତ ବଢ଼ିପାରେ । ଘରୋଇ ବଜାରରେ ଏମ୍ସିଏକ୍ସରେ ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ପ୍ରାୟ ୭୨ ହଜାର ଟଙ୍କା ରେ କାରବାର କରୁଛି । ଏହି ମୂଲ୍ୟ ଅକ୍ଟୋବରରେ ପ୍ରଦାନ କରାଯାଇଥିବା ଫ୍ୟୁଚର୍ସ ଚୁକ୍ତି ପାଇଁ ଅଟେ। ଯଦି ବିଦେଶୀ ବଜାର ଅନୁଯାୟୀ ଘରୋଇ ବଜାରରେ ସୁନା ଦର ବୃଦ୍ଧି ପାଏ ତେବେ ଏଠାରେ ମଧ୍ୟ ଆସନ୍ତା ୫-୬ ମାସ ମଧ୍ୟରେ ସୁନା ୭-୮% ବୃଦ୍ଧି ପାଇପାରେ । ଅର୍ଥାତ ଆସନ୍ତା ବର୍ଷ ଆରମ୍ଭରେ ଘରୋଇ ବଜାରରେ ସୁନା ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇପାରେ ।



# କଂଗ୍ରେସରେ ମିଶିଲେ ଆପ୍ ବିଧାୟକ ଗୌତମ

**ନୂଆଦିଲ୍ଲୀ,୬।୯(ମହାଭାରତ):** ଦିଲ୍ଲୀରେ କ୍ଷମତାସୀନ ଆପକୁ ଝଟକା ଲାଗିଛି । ଆଜି ଦଳର ବରିଷ୍ଠ ନେତା ତଥା ବିଧାୟକ ରାଜେନ୍ଦ୍ର ପାଲ ଗୌତମ କଂଗ୍ରେସରେ ସାମିଲ ହୋଇଛନ୍ତି । ଗୌତମ ଦିଲ୍ଲୀ ସରକାରେ ଏକଦା କ୍ୟାବିନେଟ ମନ୍ତ୍ରୀ ଭାବେ ମଧ୍ୟ କାମ କରୁଥିଲେ । ଉଭୟ ଆପ ଓ କଂଗ୍ରେସ ଇଣ୍ଡିଆ ମେଣ୍ଟର ସଦସ୍ୟ । ତଥାପି ଗୌତମ ଇଣ୍ଡିଆ ମେଣ୍ଟର ଗୋଟିଏ ଦଳରୁ ବାହାରି ଆଉ ଗୋଟିଏ ଦଳରେ ମିଶିଛନ୍ତି । ଗୌତମ ଜଣେ ଦଳିତ ନେତା ଓ ସୀମାପୁରୀର ବିଧାୟକ । ଆଜି ସେ କଂଗ୍ରେସ ମୁଖ୍ୟାଳୟରେ କେସି ଭେନୁଗୋପାଲ, ଦେବେନ୍ଦ୍ର ଯାଦବ ଓ ପବନ ଖେଡ଼ାଙ୍କ ଉପସ୍ଥିତିରେ ହାତ ଧରିଛନ୍ତି। ଆସନ୍ତାବର୍ଷ ଦିଲ୍ଲୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । କଂଗ୍ରେସ ଏଠାରେ ଏକପ୍ରକାରର ଭୋଟ ଶୂନ୍ୟ ହୋଇ ପଡ଼ିଛି । ଏବେ ଗୌତମ ଆସିବାରୁ କଂଗ୍ରେସର ମନୋବଳ ବୃଦ୍ଧି ପାଇଛି । ପେଶାରେ ଜଣେ ଆଇନଜୀବୀ ଭାବେ ପରିଚିତ ଗୌତମ ୨୦୧୪ରେ ଆପରେ ମିଶିଥିଲେ । ୨୦୨୦ ବିଧାନସଭା ନିର୍ବାଚନରେ ସେ ସୀମାପୁରୀ ଆସନରୁ ଜିତିଥିଲେ । ସେ ଦଳିତ ଅଧିକାର ପାଇଁ ସବୁବେଳେ ଲଢେଇ କରି ଆସିଛନ୍ତି । ସେ ଆପ୍ ସରକାରରେ ଏକାଦା ସାମାଜିକ କଲ୍ୟାଣ, ଏସ୍ସି/ଏସ୍ଟି, ଜଳ ଓ ସମବାୟ ବିଭାଗର ମନ୍ତ୍ରୀ ଥିଲେ । ୨୦୨୨ରେ ସେ ଦିଲ୍ଲୀ କ୍ୟାବିନେଟ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ୧୦ ହଜାର ଲୋକ ବୌଦ୍ଧ ଧର୍ମ ଗ୍ରହଣ କରୁଥିବା କାର୍ଯ୍ୟକ୍ରମରେ ସେ ସାମିଲ ହୋଇଥିବାରୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏଥିପାଇଁ ସେ ମନ୍ତ୍ରୀ ପଦ ଛାଡ଼ିଥିଲେ ।



# ନାମିବ୍ୟାରେ ଦୁର୍ଭିକ୍ଷ ଯୋଗୁଁ ମାରି ଖାଇଗଲେ ୧୫୦ ପଶୁ

**ୱିଣ୍ଡହୋକ,୬।୯(ମହାଭାରତ):** ଆଫ୍ରିକୀୟ ଦେଶ ନାମିବ୍ୟା ଗତ କିଛି ବର୍ଷ ହେଲା ସ୍ୱଳ୍ପବୃଷ୍ଟି ଯୋଗୁଁ ଅକାଳ ଦୁର୍ଭିକ୍ଷର ସମ୍ମୁଖୀନ ହେଉଛି । ଲୋକମାନେ ଭୋକ ଓପାସରେ ମୃତ୍ୟୁବରଣ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ସେଠାକାର ସରକାର ବଣ୍ୟଜନ୍ତୁମାନଙ୍କୁ ମାରି ଖାଇଯିବାକୁ ଅନୁମତି ଦେଇଛନ୍ତି । ଏହା ପରେ ନାମିବ୍ୟା ହାତୀ, ଜେବ୍ରା ଓ ହିପୋପୋଟାମାସ୍ ସମେତ ୭୦୦ରୁ ଅଧିକ ବନ୍ୟଜନ୍ତୁଙ୍କୁ ମାରିବାକୁ ଯୋଜନା କରୁଛି । ଏହି ପଶୁମାନଙ୍କ ମାଂସକୁ ଲୋକଙ୍କୁ ବଣ୍ଟନ କରିବ ବୋଲି ସେଠାକାର ସରକାର କହିଛନ୍ତି। ନାମିବିଆର ପରିବେଶ, ଜଙ୍ଗଲ ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ସୋମବାର ଘୋଷଣା କରିଛି ଯେ ମରାଯିବାକୁ ଚିହ୍ନଟ ହୋଇଥିବା ପଶୁମାନଙ୍କ ମଧ୍ୟରେ ୮୩ଟି ହାତୀ, ୩୦ଟି ଜଳହସ୍ତୀ, ୬୦ଟି ମଇଁଷି, ୫୦ଟି ଇମ୍ପାଲା ହରିଣ ଏବଂ ୧୦୦ଟି ନୀଳ ବନ୍ୟଜନ୍ତୁ ଓ ୩୦୦ଟି ଜେବ୍ରା ଅଛନ୍ତି । ଇତିମଧ୍ୟରେ ପ୍ରାୟ ୧୫୦ ହାତୀ ଓ ଅନ୍ୟ ପଶୁଙ୍କ ମାରି ସେମାନଙ୍କ ମାଂସ ବଣ୍ଟନ ହୋଇସାରିଛି । ନାମିବିଆର ପରିବେଶ, ଜଙ୍ଗଲ ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ସୋମବାର ଘୋଷଣା କରିଛି ଯେ ମରାଯିବାକୁ ଚିହ୍ନଟ ହୋଇଥିବା ପଶୁମାନଙ୍କ ମଧ୍ୟରେ ୮୩ଟି ହାତୀ, ୩୦ଟି ଜଳହସ୍ତୀ, ୬୦ଟି ମଇଁଷି, ୫୦ଟି ଇମ୍ପାଲା ହରିଣ ଏବଂ ୧୦୦ଟି ନୀଳ ବନ୍ୟଜନ୍ତୁ ଓ ୩୦୦ଟି ଜେବ୍ରା ଅଛନ୍ତି । ଇତିମଧ୍ୟରେ ପ୍ରାୟ ୧୫୦ ହାତୀ ଓ ଅନ୍ୟ ପଶୁଙ୍କ ମାରି ସେମାନଙ୍କ ମାଂସ ବଣ୍ଟନ ହୋଇସାରିଛି । ନାମିବ୍ୟା ଏବେ ଗତ ୧୦୦ ବର୍ଷର ଇତିହାସରେ ସବୁଠାରୁ ଭୟଙ୍କର ମରୁଡ଼ିର ସମ୍ମୁଖୀନ ହେଉଛି । ଫଳରେ ଏଠାକାର ଲୋକେ ଭୋକ ଉପାସରେ ପହଞ୍ଚିଛନ୍ତି । ଏହି ଦେଶର ନାଗରିକଙ୍କ ପାଖରେ ଦୁଇ ଥର ଖାଇବାକୁ ଦେବା ପାଇଁ ଖାଦ୍ୟଶସ୍ୟ ନାହିଁ । ଏଭଳି ସ୍ଥିତିରେ ଲୋକମାନେ ଯେପରି ଭୋକ ମେଣ୍ଟାଇପାରିବେ ସେଥିପାଇଁ ସରକାର ଏହି ପଶୁମାନଙ୍କୁ ମାରି ସେମାନଙ୍କ ମାଂସ ଲୋକଙ୍କ ମଧ୍ୟରେ ବଣ୍ଟନ କରିବାକୁ ଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ନାମିବ୍ୟା ସରକାରଙ୍କ ଏହି ପଦକ୍ଷେପକୁ ପଶୁ ଅଧିକାର ପାଇଁ ଲଢୁଥିବା ସଂଗଠନ ପେଟା ସମାଲୋଚନା କରିଛି । ସେହିପରି ଭାରତୀୟ ଶିଳ୍ପପତ ମୁକେଶ ଅମ୍ବାନିଙ୍କ ପୁଅ ଅନନ୍ତ ଅମ୍ବାନିଙ୍କ ସଂସ୍ଥା ବନତାରା ଏସବୁ ପଶୁଙ୍କ ସୁରକ୍ଷା ପାଇଁ ନାମିବ୍ୟା ସରକାରଙ୍କୁ ପତ୍ର ଲେଖିଛି । ଏହି ପଶୁଙ୍କ ଜୀବନ ବଦଳରେ ମାନବୀୟ ସହାୟତା ପାଇଁ ଏହି ସଂଗଠନ ପ୍ରସ୍ତାବ ଦେଇଛି ।



# କେନ୍ଦ୍ର ସରକାରଙ୍କୁ ଫାରୁକ ଅବଦୁଲ୍ଲାଙ୍କ କଟାକ୍ଷ

**ଜମ୍ମୁ ଓ କାଶ୍ମୀର,୬।୯(ମହାଭାରତ):** ଜାମ୍ମୁ ଓ କାଶ୍ମୀର ପ୍ରସଙ୍ଗରେ କେନ୍ଦ୍ରକୁ ନ୍ୟାସନାଲ କନଫରେନ୍ସ ନେତା ଫାରୁକ ଅବଦୁଲ୍ଲାଙ୍କ କଟାକ୍ଷ । ଜାମ୍ମୁ ଓ କାଶ୍ମୀରରେ ସ୍ୱାଭାବିକ ଅବସ୍ଥା ଫେରିଛି ବୋଲି କେନ୍ଦ୍ର ବାହାବା ମାରୁଥିବା ବେଳେ ଫାରୁକ ଏହାକୁ ନେଇ ସମାଲୋଚନା କରିଛନ୍ତି । ସେ କହିଛନ୍ତି- ଜାମ୍ମୁ ଓ କାଶ୍ମୀରରେ ଯେତେ ବେଳେ ସଶସ୍ତ୍ର ବାହିନୀ ରହିବେ ନାହିଁ ସେତେ ବେଳେ ହିଁ ସେଠାରେ ଶାନ୍ତି ପ୍ରତିଷ୍ଠା ହୋଇଛି ବୋଲି କହିବାକୁ ହେବ । ଆଗକୁ ସେ କହିଛନ୍ତି, ବର୍ତ୍ତମାନ ଗଳିକନ୍ଦିରେ ସଶସ୍ତ୍ର ବାହିନୀ ରହିଥିବାରୁ ସେଠାରେ ଶାନ୍ତି ପ୍ରତିଷ୍ଠା ହୋଇଛି ବୋଲି କହିବାର ଯଥାର୍ଥ ନାହିଁ । ଏହାସହ ଜାମ୍ମୁ ଓ କାଶ୍ମୀରକୁ ପୁଣି ଥରେ ରାଜ୍ୟ ମାନ୍ୟତା ଫେରାଇ ଦିଆଯାଉ ବୋଲି ଫାରୁକ ଦାବି କରିଛନ୍ତି । ଲେଫଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନାଙ୍କୁ ସମାଲୋଚନା କରିବା ସହ କାହିଁକି ଜାମ୍ମୁ ଓ କାଶ୍ମୀରବାସୀ ଦିଲ୍ଲୀର ଭାଇସରାୟଙ୍କ ଅଧୀନରେ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ପୂର୍ବରୁ ସେ କହିଥିଲେ- କଂଗ୍ରେସ ସହ ନ୍ୟାସନାଲ କନଫରେନ୍ସର ମେଣ୍ଟ କୌଣସି ବାଧ୍ୟବାଧକତାରେ ହୋଇ ନଥିଲା ବରଂ ଏହା ଥିଲା ଏକ ଆବଶ୍ୟକତା ।



# ଜାମ୍ମୁ-କାଶ୍ମୀର ପାଇଁ ବିଜେପିର ପ୍ରତିଶ୍ରୁତି

**ଜମ୍ମୁ,୬।୯(ମହାଭାରତ:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବିଜେପିର ଇସ୍ତାହାର ଜାରି କରିଛନ୍ତି । ଏଥିରେ ଜମ୍ମୁ ଓ କଶ୍ମୀର ଲୋକମାନଙ୍କ ପାଇଁ ଅନେକ ପ୍ରକାରର ପ୍ରତଶ୍ରୁତି ପ୍ରଦାନ କରାଯାଇଛି । ପ୍ରତି ପରିବାରର ବରିଷ୍ଠ ମହିଳାଙ୍କୁ ବର୍ଷକୁ ୧୮ ହଜାର ଟଙ୍କା ଦିଆଯିବ । ଏହା ସହିତ ମହିଳା ଏସଏଚଜି ମାନଙ୍କୁ ସହଜ ଋଣ ପ୍ରଦାନ କରାଯିବ । ୫ ଲକ୍ଷ ରୋଜଗାର ସୁଯୋଗ ସୃଷ୍ଟି କରାଯିବ । ଜମ୍ମୁ ଓ କଶ୍ମୀରରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରାଯିବ । ଏହି ସମୟରେ ସେ ନ୍ୟାସନାଲ କନଫରେନ୍ସର ଇସ୍ତାହାର ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ସେ କହିଛନ୍ତି, ଧାରା ୩୭୦ ଲାଗୁ ନେଇ ନ୍ୟାସନାଲ କନଫରେନ୍ସ ନିଜ ଇସ୍ତାହାରରେ ଘୋଷଣା କରିଛି । କଂଗ୍ରେସ ଏ ନେଇ ନୀରବ ରହିଛି । କିନ୍ତୁ ଧାରା ୩୭୦ ଏବେ ଇତିହାସ ପାଲଟିଛି, ଏହା କେବେ ବି ଫେରିପାରିବ ନାହିଁ ଏବଂ ଆମେ ଏପରି କରାଇଦେବୁ ନାହିଁ । ଧାରା ୩୭୦ ଲାଗୁ ନେଇ ନ୍ୟାସନାଲ କନଫରେନ୍ସ ନିଜ ଇସ୍ତାହାରରେ ଘୋଷଣା କରିଛି । କଂଗ୍ରେସ ଏ ନେଇ ନୀରବ ରହିଛି । କିନ୍ତୁ ଧାରା ୩୭୦ ଏବେ ଇତିହାସ ପାଲଟିଛି, ଏହା କେବେ ବି ଫେରିପାରିବ ନାହିଁ ଏବଂ ଆମେ ଏପରି କରାଇଦେବୁ ନାହିଁ । ଅମିତ ଶାହା କହିଛନ୍ତି ଯେ ଧାରା ୩୭୦ ହେଉଛି ଏକ ଲିଙ୍କ୍, ଯାହା ଯୁବପିଢ଼ିଙ୍କୁ ବିକାଶ ପରିବର୍ତ୍ତେ ଆତଙ୍କବାଦ ଆଡ଼କୁ ଠେଲି ଦେଉଥିଲା। ଜମ୍ମୁ-କଶ୍ମୀରରେ ଶିକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ସଂରକ୍ଷଣ ଜରୁରୀ ଥିଲା । ମୁଁ ଓମାର ଅବଦୁଲ୍ଲାଙ୍କୁ କହିବାକୁ ଚାହୁଁଛି ଯେ ଆମେ ଆପଣଙ୍କୁ ଗୁଜର ବକରୱାଲଙ୍କ ସଂରକ୍ଷଣକୁ ଛୁଇଁବାକୁ ଦେବୁ ନାହିଁ । କାଶ୍ମୀରରେ ବୋମାର ଛାୟା, ମେସିନ୍ ଗନ୍ ର ଶବ୍ଦ ଶୁଣିବାକୁ ମିଳିଥିଲା, ଯାହା ଏବେ ଇତିହାସ ପାଲଟିଛି ।



# କଂଗ୍ରେସରେ ବଜରଙ୍ଗ-ଭିନେଶ

**ନୂଆଦିଲ୍ଲୀ,୬।୯(ମହାଭାରତି):** ହରିୟାଣା ବିଧାନସଭା ନିର୍ବାଚନ ୨୦୨୪ ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳରେ ନୂଆ ମୁହଁକୁ ସାମିଲ କରି ମଇଦାନକୁ ଓହ୍ଲାଇବ ବୋଲି ଚର୍ଚ୍ଚା ହେଉଥିଲା । ଏବେ ଲୋକପ୍ରିୟ ରେସଲର ଭିନେଶ ଫୋଗାଟ ଓ ବଜରଙ୍ଗ ପୁନିଆ କଂଗ୍ରେସରେ ସାମିଲ ହୋଇଛନ୍ତି । ଉଭୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟିଥିଲେ । ଏହି ସମୟରେ କଂଗ୍ରେସର ସାଧାରଣ ସମ୍ପାଦକ କେ.ସି ଭେଣୁଗୋପାଲ ମଧ୍ୟ ଉପସ୍ଥିତ ଥିଲେ । ବର୍ତ୍ତମାନ ଉଭୟଙ୍କ ନାମ ଦଳର ପ୍ରାର୍ଥୀ ତାଲିକାରେ ଦେଖାଯିବାର ସମ୍ଭାବନା ରହିଛି। ଭିନେଶ ଫୋଗାଟ ଏବଂ ବଜରଙ୍ଗ ପୁନିଆ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟିବା ପୂର୍ବରୁ ଶୁକ୍ରବାର ରେଳ ଚାକିରିରୁ ଇସ୍ତଫା ଦେଇଥିଲେ । ଦୁଇ ଦିନ ପୂର୍ବେ ଭିନେଶ ଫୋଗାଟ ଏବଂ ବଜରଙ୍ଗ ପୁନିଆ କଂଗ୍ରେସର ପୂର୍ବତନ ସଭାପତି ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ । ସେବେଠାରୁ ଚର୍ଚ୍ଚା ହେଉଥିଲା ଯେ ଫୋଗାଟ୍ ଏବଂ ପୁନିଆ କଂଗ୍ରେସ ଟିକେଟରେ ନିର୍ବାଚନ ଲିପାରନ୍ତି । ତେବେ ଏପର୍ଯ୍ୟନ୍ତ ଉଭୟଙ୍କ ଟିକେଟ୍ ସମ୍ପର୍କରେ ଦଳ ପକ୍ଷରୁ କୌଣସି ଅଧିକାରୀକ ଘୋଷଣା କରାଯାଇ ନାହିଁ । ସୂଚନାଯୋଗ୍ୟ, ଭିନେଶଙ୍କ ଶାଶୁ ଘର ସୋନିପତରେ ଥିବାବେଳେ ତାଙ୍କ ବାପ ଘର ଚରଖି ଦାଦରୀରେ ଅଛି । ଏଭଳି ପରିସ୍ଥିତିରେ କଂଗ୍ରେସ କେଉଁ ଆସନରୁ ଭିନେଶଙ୍କୁ ଟିକେଟ ଦେବ ସେନେଇ ଚିନ୍ତା କରୁଛି ।



# କାର୍ ନିର୍ମାଣ କରିବ ରିଲାଏନ୍ସ; ଟାଟା, ମହିନ୍ଦ୍ରାକୁ ଦେବ ଟକ୍କର

**ମୁମ୍ବାଇ,୬।୯(ମହାଭାରତ):** ଇଲେକ୍ଟ୍ରିକ୍ କାର୍ ଉଦ୍ୟୋଗରେ ପ୍ରବେଶ କରିବ ରିଲାଏନ୍ସ । କିନ୍ତୁ ବଡ଼ଭାଇ ମୁକେଶ ଅମ୍ବାନୀ ନୁହନ୍ତି, ସାନଭାଇ ଅନୀଲ ଅମ୍ବାନି ଏହି ଉଦ୍ୟୋଗରେ ପ୍ରବେଶ କରିବାକୁ ଯାଉଛନ୍ତି । ଅନୀଲ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର ଇଲେକ୍ଟ୍ରୋନିକ୍ କାର୍ ବଜାରରେ ଧମାଲ ମଚାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି । ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର ଇଲେକ୍ଟ୍ରିକ୍ କାର୍ ସମେତ ବ୍ୟାଟେରୀ ତିଆରି କରିବାକୁ ଯୋଜନା ପ୍ରସ୍ତୁତ କରିଛି । ଏଥିପାଇଁ ରିଲାଏନ୍ସ ଇନଫ୍ରା ଚୀନର ଲୋକପ୍ରିୟ ଇଲେକ୍ଟ୍ରିକ୍ କାର୍ ନିର୍ମାତା ବିୱାଇଡିର ଜଣେ ପୂର୍ବତନ ଅଧିକାରୀଙ୍କୁ ନିଯୁକ୍ତ କରିଛି। ଅନୀଲ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର ଇଲେକ୍ଟ୍ରୋନିକ୍ କାର୍ ବଜାରରେ ଧମାଲ ମଚାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି। ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର ଇଲେକ୍ଟ୍ରିକ୍ କାର୍ ସମେତ ବ୍ୟାଟେରୀ ତିଆରି କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏଥିପାଇଁ କମ୍ପାନୀ ଚୀନର ଲୋକପ୍ରିୟ ଇଲେକ୍ଟ୍ରିକ୍ କାର୍ ନିର୍ମାତା ବିୱାଇଡିର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରିଛି । ବିଜନେସ ଷ୍ଟାଣ୍ଡାର୍ଡର ଏକ ରିପୋର୍ଟ ଅନୁସାରେ ଇଭି ପ୍ଲାଣ୍ଟର ଖର୍ଚ୍ଚ ପାଇଁ ସେମାନେ ଗବେଷଣା ଆରମ୍ଭ କରିଛନ୍ତି । ଏହି କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୨.୫ ଲକ୍ଷ ଗାଡ଼ି ହେବ। ଆଗାମୀ କିଛି ବର୍ଷ ମଧ୍ୟରେ ଏହାକୁ ୭.୫୦ ଲକ୍ଷ ଗାଡ଼ିକୁ ବୃଦ୍ଧି କରାଯିବ । ଏହା ବ୍ୟତୀତ କମ୍ପାନୀ ୧୦ ଗିଗାୱାଟ ଘଣ୍ଟା (ଜିଡବ୍ଲୁଏଚ) କ୍ଷମତା ବିଶିଷ୍ଟ ଏକ ବ୍ୟାଟେରୀ ପ୍ଲାଣ୍ଟ ସ୍ଥାପନ କରିବାକୁ ଚାହୁଁଛି । ପରେ ଏହାକୁ ୭୫ ଗିଗାୱାଟ ଘଣ୍ଟାକୁ ବୃଦ୍ଧି କରାଯିବ । ବର୍ତ୍ତମାନ ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର ଏହି ପ୍ଲାନ ବିଷୟରେ କିଛି କହିନାହିଁ । ତେବେ ଏହି ରିପୋର୍ଟ ଆସିବା ପରେ କମ୍ପାନୀର ସେୟାର ପ୍ରାୟ ୨ ପ୍ରତିଶତ ବୃଦ୍ଧି ପାଇଛି । ସୂଚନାଯୋଗ୍ୟ ଯେ, ଅନୀଲଙ୍କ ବଡ଼ ଭାଇ ମୁକେଶ ଅମ୍ବାନିଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏ ପର୍ଯ୍ୟନ୍ତ ଇ-କାର ଉଦ୍ୟୋଗରେ ପ୍ରବେଶ କରିନଥିଲେ ମଧ୍ୟ ବ୍ୟାଟେରି ଉତ୍ପାଦନ ଉଦ୍ୟୋଗରେ ପ୍ରବେଶ କରିସାରିଛି ।




# ଟିବି ରୋଗୀଙ୍କ ପାଇଁ ନୂଆ ଚିକିତ୍ସାକୁ ମଞ୍ଜୁର କଲେ ସରକାର

**ନୂଆଦିଲ୍ଲୀ,୬।୯(ମହାଭାରତ):** ଦେଶରେ ଡ୍ରଗ୍ ପ୍ରତିରୋଧକ ଟିବି ପାଇଁ ଅଧିକ ପ୍ରଭାବଶାଳୀ ଏବଂ ଶୀଘ୍ର ଚିକିତ୍ସା ବିକଳ୍ପ ଭାବରେ ବିପିଏଏଲଏମ୍ ରେଜିମେନ୍ ପ୍ରବର୍ତ୍ତନକୁ କେନ୍ଦ୍ର ଅନୁମୋଦନ କରିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ନୂଆ ଚିକିତ୍ସାରେ ବିପିଏଏଲଏମ୍ ରେଜିମେନ୍ ଅନ୍ତର୍ଭୁକ୍ତ, ଯେଉଁଥିରେ ଚାରୋଟି ଔଷଧର ମିଶ୍ରଣ ଅନ୍ତର୍ଭୁକ୍ତ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଜର ଏନଟିଇପି ଅଧୀନରେ ମଲ୍ଟି ଡ୍ରଗ୍ ପ୍ରତିରୋଧକ ଟିବି ପାଇଁ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ସ୍ୱଳ୍ପକାଳୀନ ଚିକିତ୍ସା ବିକଳ୍ପ ଭାବରେ ବିପିଏଏଲଏମ୍ ବ୍ୟବସ୍ଥାର ପ୍ରବର୍ତ୍ତନକୁ ଅନୁମୋଦନ କରିଛି । ଏହି ବ୍ୟବସ୍ଥାରେ ବେଡାକୁଇଲିନ୍ ଏବଂ ଲାଇନଜୋଲିଡ୍ (ମୋକ୍ସିଫ୍ଲୋକ୍ସାସିନ୍ ସହିତ / ବିନା) ର ମିଶ୍ରଣରେ ପ୍ରିଟୋମାନିଡ୍ ନାମକ ଏକ ନୂଆ ଆଣ୍ଟି-ଟିବି ଔଷଧ ଅନ୍ତର୍ଭୁକ୍ତ । ପ୍ରିଟୋମାନାଇଡ୍ ପୂର୍ବରୁ ଭାରତରେ ସେଣ୍ଟ୍ରାଲ୍ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସସିଓ) ଦ୍ୱାରା ଅନୁମୋଦିତ ଏବଂ ଲାଇସେନ୍ସପ୍ରାପ୍ତ । ବିପିଏଏଲଏମ୍ ରେଜିମେନ୍ ଚାରୋଟି ଔଷଧର ମିଶ୍ରଣକୁ ନେଇ ଗଠିତ । ମନ୍ତ୍ରଣାଳୟ କହିଛି ଯେ ପୂର୍ବ ଏମଡିଆର-ଟିବି ଚିକିତ୍ସା ପ୍ରକ୍ରିୟା ଅପେକ୍ଷା ବେଡାକୁଇଲିନ୍, ପ୍ରିଟୋମାନିଡ୍, ଲାଇନଜୋଲିଡ୍ ଏବଂ ମୋକ୍ସିଫ୍ଲୋକ୍ସାସିନ୍ ଅଧିକ ନିରାପଦ, ଅଧିକ ପ୍ରଭାବଶାଳୀ ଏବଂ ତୀବ୍ର ଚିକିତ୍ସା ଯୋଗାଇବ । ଯାହା ଟିବିର ଶୀଘ୍ର ଏବଂ ପ୍ରଭାବଶାଳୀ ଚିକିତ୍ସା କରିବାରେ ସାହାଯ୍ୟ କରିବ ।



# ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ହେଲେ ଦ୍ରାବିଡ୍




ଜୟପୁର,୬।୯: ଆଇପିଏଲକୁ ଫେରିଛନ୍ତି ଟିମ ଇଣ୍ଡିଆର ପୂର୍ବତନ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ। ସେ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ହୋଇଛନ୍ତି। ୨୦୨୫ ଆଇପିଏଲରୁ ସେ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ ଆରମ୍ଭ କରିବେ ତେବେ ତତ୍କାଳ ଭାବେ ସେ ମୁଖ୍ୟ କୋଚ୍‌ର ଦାୟିତ୍ୱ ନେବେ ଓ ୨୦୨୫ ସଂସ୍କରଣ ପାଇଁ ଯୋଜନା ପ୍ରସ୍ତୁତ କରିବେ ଆଜି ଫ୍ରାଞ୍ଚାଇଜ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ରାହୁଲ ଦ୍ରାବିଡଙ୍କ କୋଚିଂରେ ଭାରତୀୟ ଟିମ ଜୁଲାଇ ମାସରେ ଟି-୨୦ ବିଶ୍ୱକପ ଜିତିଥିଲା ଏହାପରେ ଟିମ ଇଣ୍ଡିଆ। ସହ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା ଏବେ ରାହୁଲ ୨୦୧୫ ପରେ ପ୍ରଥମଥର ପାଇଁ ରାଜସ୍ଥାନ ରୟାଲ୍ସକୁ ଫେରିଛନ୍ତି ୨୦୧୨ ଓ ୨୦୧୩ ଆଇପିଏଲରେ ରାଜସ୍ଥାନ ଦ୍ରାବିଡଙ୍କ ନେତୃତ୍ୱରେ ଖେଳିଥିଲା। ୨୦୧୪ ଓ ୨୦୧୫ରେ ସେ ରାଜସ୍ଥାନର ମେଣ୍ଟୋର ଏବଂ ଡିରେକ୍ଟର ଅଫ କ୍ରିକେଟ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ଅନ୍ୟତମ ଆଇପିଏଲ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ ସହ ଯୋଗ ଦେଇଥିଲେ ୪ ବର୍ଷ ସେ ଆଇପିଏଲ ସହ ଯୋଡ଼ି ହୋଇ ରହିବା ପରେ ୨୦୧୯ରେ ଭାରତୀୟ ଅଣ୍ଡର ୧୯ ଟିମର କୋଚ୍ ହୋଇଥିଲେ।ଜୁଲାଇ ମାସରେ ଭାରତୀୟ ସିନିୟର ଟିମ ସହ ରାହୁଲ ଦ୍ରାବିଡଙ୍କ ୩ ବର୍ଷର କାର୍ଯ୍ୟକାଳ ଶେଷ ହୋଇଥିଲା ଏହାପରେ ଦ୍ରାବିଡ ପ୍ରଥମଥର ପାଇଁ ପ୍ରଫେସନାଲ କ୍ରିକେଟକୁ ଫେରିବାକୁ ଯାଉଛନ୍ତି।ବର୍ତ୍ତମାନ ରାଜସ୍ଥାନ ମେଗା ଅକ୍ସନ ପୂର୍ବରୁ ରିଟେନସନ ସମ୍ପର୍କରେ ପ୍ରସ୍ତୁତ ହେଉଛି। ତେଣୁ ଦ୍ରାବିଡ ରାଜସ୍ଥାନ ରୟାଲ୍ସର ଡିରେକ୍ଟର ଅଫ କ୍ରିକେଟ କୁମାର ସାଙ୍ଗାକାରାଙ୍କ ସହ କଥା ହୋଇଛନ୍ତି। କୁହାଯାଉଥିଲା ଯେ ସାଙ୍ଗାକାରାଙ୍କ ସ୍ଥାନରେ ରାହୁଲ ଦ୍ରାବିଡଙ୍କୁ ରାଜସ୍ଥାନ ରୟାଲ୍ସ ନିଯୁକ୍ତି ଦେବ କିନ୍ତୁ ସାଙ୍ଗାକାରା ଟିମର ଡିରେକ୍ଟ ଅଫ କ୍ରିକେଟ ଭାବେ କାମ କରିବେ ବୋଲି ଫ୍ରାଞ୍ଚାଇଜ ସ୍ପଷ୍ଟ କରିଛି।

## କେକେଆରର ମେଣ୍ଟର ହେବେ ସାଙ୍ଗାକାରା

କାଲକାତା,୬।୯: ଶ୍ରୀଲଙ୍କାର ପୂର୍ବତନ କେଟ୍ କିପର ବ୍ୟାଟର କୁମାର ସାଙ୍ଗାକାରା ଆଗାମୀ ଆଇପିଏଲ୍ ପୂର୍ବରୁ କୋଲକାତା ନାଇଟ ରାଇଡର୍ସ ଦଳର ମେଣ୍ଟର ନିଯୁକ୍ତ ହେବା ସମ୍ଭାବନା ରହିଛି। ସେ ବର୍ତ୍ତମାନ ରାଜସ୍ଥାନ ରୟାଲ୍ସ ଦଳର ନିର୍ଦ୍ଦେଶକ ଦାୟିତ୍ୱରେ



ରହିଛନ୍ତି। ଆଗାମୀ ସିଜନ ପାଇଁ ପୂର୍ବତନ ଟିମ ଇଣ୍ଡିଆ କୋଚ୍ ରାହୁଲ ଦ୍ରାବିଡଙ୍କୁ ରାଜସ୍ଥାନ ରୟାଲ୍ସ ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେବାକୁ ଯୋଜନା କରୁଛି।ସହକାରୀ କୋଚ୍ ଭାବେ ବିକ୍ରମ ରାଠୋର ମଧ୍ୟ ରୟାଲ୍ସ ଦଳରେ ଯୋଗ ଦେବେ। ତେଣୁ ସାଙ୍ଗାକାରା ପୁରୁଣା ଫ୍ରାଞ୍ଚାଇଜ୍ର ଦାୟିତବ ଛାଡ଼ି ନୂଆ ଦଳରେ ଯୋଗ ଦେବାକୁ ଚାହୁଁଛନ୍ତି। କୋଲକାତା ନାଇଟ୍ ରାଇଡର୍ସ ମଧ୍ୟ ନୂଆ ମେଣ୍ଟର ଖୋଜୁଛି। ଗୌତମ ଗମ୍ଭୀର ଗତ ସିଜନରେ ନାଇଟ୍ ରାଇଡର୍ସର ମେଣ୍ଟର ଭାବେ ଯୋଗ ଦେଇ ଦଳକୁ ଚାମ୍ପିଅନ୍ କରାଇଥିଲେ। ସେ ବର୍ତ୍ତମାନ ଟିମ ଇଣ୍ଡିଆ। ମୁଖ୍ୟ କୋଚ୍ ସହକାରୀ କୋଚ ଥିବା ର୍ୟାନ୍ ଟେନ ଡୋସେଟ୍ ଓ ଅଭିଷେକ ନାୟର ମଧ୍ୟ ଭାରତୀୟ ଦଳର କୋଚ୍ ଭାବେ ଯୋଗ ଦେଇଛନ୍ତି। ତେଣୁ ନାଇଟ ରାଇଡର୍ସ ସାଙ୍ଗାକାରାଙ୍କୁ ନେବାକୁ ଆଶା ବାନ୍ଧିଛି।

## ୧୩ରେ ପାରାଦୀପ ପୋର୍ଟ ଜିଲ୍ଲା ଫୁଟବଲ ଟିମ ପାଇଁ ଖେଳାଳି ଚୟନ

ପାରାଦୀପ,୬।୯: ଆସନ୍ତା ସେପ୍ଟେମ୍ବର ମାସ ୨୫ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାରାଦୀପ ର ଗୋପବନ୍ଧୁ ଷ୍ଟାଡିୟମ ଠାରେ ସିନିୟର ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ 'ସାହାଣୀ କପ' ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପାରାଦୀପ ପୋର୍ଟ ଜିଲ୍ଲା ଫୁଟବଲ ଟିମ ର ଖେଳାଳି ଚୟନ ପାଇଁ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଚଳିତ ସେପ୍ଟେମ୍ବର ମାସ ୧୩ ତାରିଖ ସକାଳ ୮ ଟାରୁ ୧୦ ଟା ଏବଂ ସନ୍ଧ୍ୟା ୪ ଟା ଠାରୁ ୬ ଟା ପର୍ଯ୍ୟନ୍ତ ଖେଳାଳି ଚୟନ କରାଯିବ। ଇଚ୍ଛୁକ ଖେଳାଳି ମାନେ ନିର୍ଦ୍ଦିଷ୍ଟ ତାରିଖ,ସ୍ଥାନ ଓ ସମୟ ରେ ପହଞ୍ଚି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ସବିଶେଷ ବିବରଣୀ ପାଇଁ ଫୁଟବଲ ପ୍ରଶିକ୍ଷକ ରବି ଦାସଙ୍କ ମୋବାଇଲ ନମ୍ବର ୯୪୩୭୩୧୭୧୩୩ ରେ ଯୋଗାଯୋଗ କରିବାକୁ ଏବଂ ଆଗ୍ରହୀ ଖେଳାଳି ମାନେ ଚୟନ ପ୍ରକ୍ରିୟା ସମୟରେ ଗୋଟିଏ ପାସପୋର୍ଟ ସାଇଜ ଫୋଟୋ, ଜନ୍ମ ବା ମାଟ୍ରିକ ସାର୍ଟିଫିକେଟ/ ପ୍ୟାନକାର୍ଡ/ଡ୍ରାଇଭିଂ ଲାଇସେନ୍ସ/ ଆଧାର କାର୍ଡ ଆଣିବାକୁ ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# ସଚିନଙ୍କ ରେକର୍ଡ ଭାଙ୍ଗିଲେ ୧୯ ବର୍ଷୀୟ ମୁଶୀର ଖାନ୍

ବେଙ୍ଗାଲୁରୁ,୬।୯: ଦଲିପ ଟ୍ରଫିରେ କମାଲ କରିଛନ୍ତି ସର୍ଫରାଜ ଖାନଙ୍କ ସାନ ଭାଇ ମୁଶୀର ସେ ଏକାକୀ ଲଢ଼େଇ କରି ଇଣ୍ଡିଆ ବି'କୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି ୯୪ ରନରେ ୭ ୱିକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିବା ଇଣ୍ଡିଆ। ବିକୁ ମୁଶୀର ଖାନ ୧୮୧ ରନର ଇନିଂସ ଖେଳି ସମ୍ଭାଳିଛନ୍ତି ସେ ଦୁଇ ଶତକ ହାସଲ କରି ପାରି ନଥିଲେ ହେଁ ବ୍ୟାଟିଂ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।



ପ୍ରଥମ ଶ୍ରେଣୀ କ୍ରିକେଟରେ ମୁଶୀର ଦ୍ୱିତୀୟ ଥର ପାଇଁ ୧୫୦ରୁ ଅଧିକ ରନ କରିଛନ୍ତି ଇଣ୍ଡିଅ। ଏ ବିପକ୍ଷରେ ସେ ୩୭୩ ବଲର ସାମ୍ନା କରି ୧୮୧ ରନ କରିବା ପରେ କମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାଁରେ ୩୩ ବର୍ଷ ଧରି ରହିଥିବା ରେକର୍ଡକୁ ଭାଙ୍ଗି ଦେଇଛନ୍ତି।

ଦଲିପ ଟ୍ରଫିରେ ମୁଶୀର ତୃତୀୟ କିଶୋର ଭାବେ ସର୍ବାଧିକ ସ୍କୋର କରିଛନ୍ତି ସଚିନ ତେନ୍ଦୁଲକର ୧୯୯୧ରେ ଗୁହାଟୀ ଠାରେ ଖେଳୁଥିବା ଦଲିପ ଟ୍ରଫିରେ ୱେଷ୍ଟ ଜୋନ ପାଇଁ ଇଷ୍ଟ ଜୋନ ବିପକ୍ଷରେ ୧୫୯ ରନର ଇନିଂସ ଖେଳିଥିଲେ। ହେଲେ ମୁଶୀର ଏହାକୁ ଅତିକ୍ରମ କରି ଯାଇଛନ୍ତି ୩୩ ବର୍ଷ ପରେ ସଚିନଙ୍କୁ ସେ ଅତିକ୍ରମ କରିଛନ୍ତି ତେବେ ଯାଶ ଧୁଲ ଓ ବାବା ଅପରଜିତଙ୍କୁ ଅତିକ୍ରମ କରିବାକୁ ସକ୍ଷମ ହୋଇ ପାରି ନାହାନ୍ତି ମୁଶୀର । ବାବା ଅପରଜିତ ଦଲିପ ଟ୍ରଫି ଡେବ୍ୟୁରେ ୨୧୨ ରନ ଓ ଯାଶ ଧୁଲ ୧୯୩ ରନର ଇନିଂସ ଖେଳିଥିଲେ। ଏହାକୁ ଅତିକ୍ରମ କରିବାକୁ ମୁଶୀର ଅତି ନିକଟରେ ପହଞ୍ଚିଥିଲେ ହେଁ ତାଙ୍କୁ ୧୮୧ ରନରେ ପ୍ୟାଭିଲିୟନ ଫେରିବାକୁ ପଡ଼ିଛି।

ପ୍ରଥମ ଶ୍ରେଣୀ କ୍ରିକେଟକୁ ନୂଆ। କରି ଆସିଥିବା ମୁଶୀର ଇତି ମଧ୍ୟରେ ୭ଟି ମ୍ୟାଚ୍‌ରେ ୩ଟି ଶତକ ଓ ଗୋଟିଏ ଅର୍ଦ୍ଧ ଶତକ ହାସଲ କରିଛନ୍ତି ।ତାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ୨୦୩ ଏଯାଏ ସେ ନାଲି ବଲ କ୍ରିକେଟର ମୋଟ ୧୧ଟି ଇନିଂସରେ ୬୪.୫୪ ହାରରେ ୭୧୦ କରି ସାରିଲେଣି।

ମୁଶୀର ଦଲିପ ଟ୍ରଫିରେ ଖେଳିଥିବା ୧୮୧ ରନର ଇନିଂସରେ ୧୬ଟି ଚୌକା ଓ ୫ଟି ଛକା ମାରିଛନ୍ତି। ସେ କୁଲଦୀପ ଯାଦବଙ୍କୁ ମାରିଥିବା ଗୋଟିଏ ଛକା ସିଧା ଷ୍ଟାଡିୟମର ଛାତ ଉପରେ ମଧ୍ୟ ପଡ଼ିଥିଲା। ମୁଶୀରଙ୍କ ବ୍ୟତୀତ ନବଦୀପ ସୈନି ୫୬ ରନର ଇନିଂସ ଖେଳିବାରୁ ଇଣ୍ଡିଆ। ବି ତାର ପ୍ରଥମ ଇନିଂସରେ ସମସ୍ତ ୱିକେଟ ହରାଇ ୩୨୧ ରନ କରି ପାରିଛି।

## ବେଙ୍ଗାଲୁରୁରେ ମହିଳା ବିଶ୍ୱକପ୍ ଟ୍ରଫି

ନୂଆଦିଲ୍ଲୀ,୬।୯: ଆଗାମୀ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପର ଟ୍ରଫି ଭ୍ରମଣ କାର୍ଯ୍ୟକ୍ରମ ଅନୁଯାୟୀ ଶୁକ୍ରବାର ବେଙ୍ଗାଲୁରୁରେ ଟ୍ରଫି ପହଞ୍ଚିଛି। କର୍ଣ୍ଣାଟକ ଇନଷ୍ଟିଚ୍ୟୁଟ ଅଫ୍ କ୍ରିକେଟ୍ (କେଆଇଓସି) ସେଣ୍ଟରରେ ଟ୍ରଫି ପ୍ରଦର୍ଶିତ ହୋଇଛି। କେଆଇଓସି ହେଉଛି ଯୁବା ମହିଳା କ୍ରିକେଟରଙ୍କ ପ୍ରଶିକ୍ଷଣ କେନ୍ଦ୍ର । ପ୍ରଶଂସକମାନେ ଆସନ୍ତା ୭ ଓ ୮ ତାରିଖରେ ବେଙ୍ଗାଲୁରୁରର ନେକ୍ସସ ମଲରେ ଟ୍ରଫି ଦେଖିପାରିବେ।

ଏହାପରେ ଆସନ୍ତା ୧୦ ତାରିଖରେ ବିଶ୍ୱକପ୍ ଟ୍ରଫି ମୁମ୍ବାଇ ଯାତ୍ରା କରିବ। ମାଲାଡ ସ୍ଥିତ ଇନଫୋନିଟି ମଲ୍ ଠାରେ ଆସନ୍ତା ୧୪ ଓ ୧୫ ତାରିଖରେ ଟ୍ରଫି ପ୍ରଦର୍ଶିତ ହେବ। ଭାରତରେ କାର୍ଯ୍ୟକ୍ରମ ଶେଷ ହେବା ପରେ ବିଶ୍ୱକପ୍ ଟ୍ରଫି ଶ୍ରୀଲଙ୍କା ଓ ବାଂଲାଦେଶ ଯାତ୍ରା କରିବ। ଏହାପରେ ୟୁଏଇରେ ଟ୍ରଫି ଭ୍ରମଣ କାର୍ଯ୍ୟକ୍ରମ ଶେଷ ହେବ ଆଗାମୀ ଅକ୍ଟୋବର ୩ ତାରିଖରୁ ବିଶ୍ୱକପ୍ ଆରମ୍ଭ ହେବ।

## ଓଡିଶା ଗୋସୋକୁ ରିଓ କରାଟେ ଆସୋସିଏସନ ପକ୍ଷରୁ କଲର ବେଲ୍ଟ ପ୍ରଦାନ



ପାରାଦୀପ,୬।୯: ଓଡିଶା ଗୋସୋକୁ ରିଓ କରାଟେ ଆସୋସିଏସନ (ଆଇଜିକେଏ) ପକ୍ଷରୁ କରାଟେକା ମାନଙ୍କୁ କଲର ବେଲ୍ଟ ପ୍ରଦାନ କାର୍ଯ୍ୟକ୍ରମ ମଧୁବନ ସ୍ଥିତ ଆମ୍ବେଦକର ପାର୍କ ଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବର୍ଗର ପ୍ରାୟ ଶହେ ଜଣ କରାଟେକା ଙ୍କୁ ବେଲ୍ଟ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।ଏଥିରେ ସୁମିତ ସାହା (ସେକେଣ୍ଡଡ୍ୟାନ ବ୍ଲାକବେଲ୍ଟ),ଶୁଭମ ସୁତାର ଓ ସ୍ୱିଟି ସାହା ଙ୍କୁ ବ୍ଲାକବେଲ୍ଟ ପ୍ରଦାନ କରାଯାଇଥିଲା। ଆଇଜିକେଏ ର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୟ ସାହାଙ୍କ ତତ୍ତ୍ୱାବଧାନ ଏବଂ ପ୍ରଶିକ୍ଷକ ସୁବାଷ ପ୍ରଧାନ ଙ୍କ ସହଯୋଗରେ ଆୟୋଜିତ ଏହି ବେଲ୍ଟ ପ୍ରଦାନ କାର୍ଯ୍ୟକ୍ରମରେ ସାମ୍ବାଦିକ ଜଗବନ୍ଧୁ ସ୍ୱାଇଁ, ହରିଶ୍ଚନ୍ଦ୍ର ଲେଙ୍କା, ଯୋଗଗୁରୁ ତାପସ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ଥାନାନ୍ତର ହୋଇପାରେ ଇଂଲଣ୍ଡ-ପାକିସ୍ତାନ ସିରିଜ

ନୂଆଦିଲ୍ଲୀ: ପାକିସ୍ତାନ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ। ଏହା ୭ ଅକ୍ଟୋବରରୁ ଆରମ୍ଭ ହେବ। ଏହି ସିରିଜ୍ କେବଳ ପାକିସ୍ତାନରେ ଖେଳାଯିବ। କିନ୍ତୁ ବର୍ତ୍ତମାନ ଏହି ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି।ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନ-ଇଂଲଣ୍ଡ ସିରିଜର ସ୍ଥାନ ପରିବର୍ତ୍ତନ କରାଯାଇପାରେ ।

ୟୁଏଇ କିମ୍ବା ଶ୍ରୀଲଙ୍କାରେ ଏହି ଟେଷ୍ଟ ସିରିଜ୍ ଆୟୋଜିତ ହୋଇପାରେ। ଚାମ୍ପିଅନ୍ସ ଟ୍ରଫି ୨୦୨୫ ପୂର୍ବରୁ ପାକିସ୍ତାନର ଅନେକ ଷ୍ଟାଡିୟମରେ କାମ ଚାଲିଛି। ବାସ୍ତବରେ ପାକିସ୍ତାନର କରାଚି ଏବଂ ରାୱଲପିଣ୍ଡି ଷ୍ଟାଡିୟମରେ କାମ ଚାଲିଛି ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଏହି ଷ୍ଟାଡିୟମଗୁଡ଼ିକର ନବୀକରଣ କରାଯାଉଛି।

ଏହି କାର୍ଯ୍ୟ ସମାପ୍ତ କରିବାକୁ ବହୁତ ସମୟ ଲାଗିପାରେ। ଏକ ଖବର ଅନୁଯାୟୀ, ଏହି କାରଣରୁ ପାକିସ୍ତାନ-ଇଂଲଣ୍ଡ ସିରିଜ୍ ୟୁଏଇ କିମ୍ବା ଶ୍ରୀଲଙ୍କାକୁ ସ୍ଥାନାନ୍ତର ହୋଇପାରେ । ନିକଟରେ ପାକିସ୍ତାନ



ବାଂଲାଦେଶ ବିପକ୍ଷରେ ଏକ ଟେଷ୍ଟ ସିରିଜ୍ ଖେଳିଥିଲା ଏଥିରେ ପରାଜୟର ସାମ୍ନା କରିବାକୁ ପଡିଲା ବାଂଲାଦେଶ ଏହି ସିରିଜକୁ ୨-୦ରେ ଜିତି ନେଇଥିଲା।

ପାକିସ୍ତାନ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ୭ ଅକ୍ଟୋବରରୁ ମୁଲତାନରେ ଖେଳାଯିବ। ସିରିଜର ଦ୍ୱିତୀୟ ମ୍ୟାଚ୍ ୧୫ ଅକ୍ଟୋବରରୁ କରାଚିରେ ଖେଳାଯିବ।ଟେଷ୍ଟ ସିରିଜର ତୃତୀୟ ତଥା ଶେଷ ମ୍ୟାଚ୍ ୨୪ ଅକ୍ଟୋବରରୁ ରାଲପିଣ୍ଡିରେ ଖେଳାଯିବ ।

ଯଦି ରାୱଲପିଣ୍ଡି ଏବଂ କରାଚିର ଷ୍ଟାଡିୟମ୍ ଠିକ୍ ସମୟରେ ପ୍ରସ୍ତୁତ ନହୁଏ, ତେବେ ଏହି ସିରିଜ୍ ଅନ୍ୟ କେତେକ ଦେଶରେ ଆୟୋଜିତ ହୋଇପାରେ। ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ପାକିସ୍ତାନ ବ୍ୟସ୍ତ ଅଛି। ଏଥିପାଇଁ ପାକିସ୍ତାନ କ୍ରିକେଟ୍ ବୋର୍ଡ ବହୁତ ଖର୍ଚ୍ଚ କରିଛି। ତେବେ ଏହି ଟୁର୍ନାମେଣ୍ଟ ପାଇଁ ଭାରତ ପାକିସ୍ତାନ ଯିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ସୂଚନା ମିଳିନାହିଁ। ତେବେ ଟିମ୍ ଇଣ୍ଡିଆର ପାକିସ୍ତାନ ଯିବାର ସମ୍ଭାବନା ବହୁତ କମ୍।

## ଟେଷ୍ଟ ସିରିଜ୍ ପାଇଁ ୧୨ରେ ହୋଇପାରେ ଦଳ ଚୟନ

ବେଙ୍ଗାଲୁରୁ,୬।୯: ଆସନ୍ତା ୧୯ରୁ ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ । ଭାରତୀୟ ଦଳ ସବୁ ସଦସ୍ୟ ସପ୍ତାହେ ପୂର୍ବରୁ ଏକତ୍ର ହୋଇ ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ ଦୁଲୀପ ଟ୍ରଫି ଜରିଆରେ ପ୍ରାୟତଃ ସବୁ ସମ୍ଭାବ୍ୟ ଖେଳାଳି ଅଭ୍ୟାସ ଆରମ୍ଭ କରୁଛନ୍ତି। କେବଳ ଯଶପ୍ରୀତ ବୁମ୍ରା, ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ବିଶ୍ରାମ ମିଳିଛି ।ବାଂଲାଦେଶ ବିପକ୍ଷ ସିରିଜ ସହ ଭାରତର ଟେଷ୍ଟ ସିଜନ ଆରମ୍ଭ ହେବ। ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳ ଭାରତ ଗସ୍ତରେ ଆସି ୩ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି ଅକ୍ଟୋବର ୧୬ରୁ ନଭେମ୍ବର ୫ ମଧ୍ୟରେ ଏହି ସିରିଜ ଅନୁଷ୍ଠିତ ହେବ। ଏହାପରେ ଭାରତୀୟ ଦଳ ଗୁରୁତ୍ୱପୂର୍ଣ୍ଣ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଖେଳିବା ପାଇଁ ଅଷ୍ଟ୍ରେଲିଆ। ଯାତ୍ରା କରିବ ୧୦ଟି ଟେଷ୍ଟ ପାଇଁ ପାଖାପାଖି ୨୦ରୁ ୨୨ଜଣ ଖେଳାଳିଙ୍କୁ ପ୍ରସ୍ତୁତ ରଖିବାକୁ ଚୟନ କମିଟଇ ଯୋଜନା କରିଛି।

# ୟୁଗାଣ୍ଡା ଅଲିମ୍ପିଆନ୍ ଚେପଟେଗିଙ୍କୁ ହତ୍ୟା

ଲଣ୍ଡନ,୦୬।୦୯: ୟୁଗାଣ୍ଡାର ସଫଳ ମାରାଥନର ରେବେକା ଚେପଟେଗିଙ୍କୁ ତାଙ୍କ ପ୍ରେମିକ ନିଅଁରେ ପୋଡ଼ି ହତ୍ୟା କରିଛନ୍ତି। ଚେପଟେଗିଙ୍କ କେନିଆ। ସ୍ଥିତ ବାସ ଭବନରେ

### ପ୍ୟାରିସ୍‌ରେ ୪୪ତମ ସ୍ଥାନ ହାସଲ କରିଥିଲେ




ଏହି ଘଟଣା ଘଟିଥିଲା। ଉକ୍ତ ପ୍ରେମିକ ଜଣଙ୍କ ଚେପଟେଗିଙ୍କ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତାଙ୍କ ଶରୀରର ୮୦ଭାଗ ପୋଡ଼ି ସାରିଥିଲା। ୩୩ବର୍ଷୀୟ ଚେପଟେଗି କେନିଆସ୍ଥିତ ଟ୍ରାନ୍ସ-ନଜୋଇଅ। ଠାରେ ଅବସ୍ଥାନ କରୁଥିଲେ। ଗତ ପ୍ୟାରିସରେସେ ମହିଳା ବର୍ଗ ମାରାଥନ ରେସରେ ଭାଗ ନେଇ ୪୪ତମ ସ୍ଥାନ ଅଧିକାର କରିଥିଲେ। ସମ୍ପୂର୍ଣ୍ଣ ଘଟଣାର ମୁକସାକ୍ଷୀ ଥିଲେ ଚେପଟେଗିଙ୍କ କନ୍ୟା। ଡିକସନ ନଦିଏମା ମାରାଙ୍ଗାଚ ନାମକ ପ୍ରେମିକ ଚେପଟେଗିଙ୍କ ଶରୀରରେ ନିଆଁ ଲଗାଇବା ସମୟରେ ତାଙ୍କ ଝିଅ ଅଟକାଇବାକୁ ପ୍ରୟାସ କରିଥିଲେ। ମାତ୍ର ମାରାଙ୍ଗାଚ ତାଙ୍କୁ ଗୋଇଠା ମାରି ବିଦା କରିଦେଇଥିଲେ ସେ ନିକଟସ୍ଥ ପଡ଼ୋଶୀଙ୍କୁ ଡାକିଥିଲେ। ଜନୈକ ପଡ଼ୋଶୀ ଜଣଙ୍କ ପାଣି ଢାଳି ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉକ୍ତ ଘଟଣାରେ ଆସାମୀ ମାରାଙ୍ଗାଚଙ୍କ ଶରୀରରେ ମଧ୍ୟ ନିଆଁ ଲାଗି ଯାଇଥିଲା।ମାତ୍ର ସେ ସୁସ୍ଥ ଅଛନ୍ତି ଓ ଚିକିତ୍ସିତ ହେଉଛନ୍ତି। କେନିଆରେ ପୂର୍ବରୁ ମଧ୍ୟ ଏଭଳି ଅନେକ ଘଟଣା ଘଟି ସାରିଛି।୨୦୨୨ରେ ଆଥଲେଟ ଡାମାରିକ ମୁତୁଆଙ୍କୁ ହତ୍ୟା କରାଯାଇଥିଲା।ଏହା ପୂର୍ବରୁ ୨୦୨୧ରେ ପ୍ରତିଷ୍ଠିତ ଧାବିକା ଆଗନେସ ତିରୋପଙ୍କୁ ମଧ୍ୟ ତାଙ୍କ ସ୍ୱାମୀ ଛୁରୀ ଭୁଷି ହତ୍ୟା କରିଥିଲେ।

## ଦ୍ୱିତୀୟ ସ୍ୱର୍ଣ୍ଣ ଦେଲେ ରିଲେ ଦଳ

ଭୁବନେଶ୍ୱର: ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମ୍‌ରେ ଚାଲିଥିବା ୬୩ତମ ଜାତୀୟ ଓପନ୍ ଦେଢ଼କୁଦ ପ୍ରତିଯୋଗିତାରେ ଓଡ଼ିଶାକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଦେଇଛନ୍ତି ପୁରୁଷ ରିଲେ ଦଳ। ଅମିୟ ମଲ୍ଲିକ, ଅନିମେଶ କୁଜୁର, ଅଭିନାଶ ସାହୁ, ଲାଲୁ ପ୍ରସାଦ ଭୋଇଙ୍କୁ ନେଇ ଗଠିତ ଓଡ଼ିଶା ୪ ଗୁଣା ୧୦୦ ମିଟର୍ ରିଲେ ଦଳ ୩୯.୬୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ରେଳବାଇ ସ୍ପୋର୍ଟସ ପ୍ରମୋସନ୍ ବୋର୍ଡ (୩୯.୮୨ ସେକେଣ୍ଡ) ଓ ସର୍ଭିସେସ୍ ସ୍ପୋର୍ଟସ କଣ୍ଟ୍ରୋଲ୍ ବୋର୍ଡ (୩୯.୯୯ ସେକେଣ୍ଡ) ଯଥାକ୍ରମେ ରେପ୍ୟ ଓ କାଂସ୍ୟ ଜିତିଛନ୍ତି। । ସେହିଭଳି ଓଡ଼ିଶା ୪ ଗୁଣା ୧୦୦ ମିଟର୍ ମହିଳା ରିଲେ ଦଳ କାଂସ୍ୟ ପଦକ ଜିତିଛନ୍ତି ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦଙ୍କ ନେତୃତ୍ୱରେ ଗଠିତ ଦଳରେ ମେରିମୁକ୍ତା ସୋରେଙ୍ଗ, ସୁଖି ବାସ୍କେ, ବିନତି ହ୍ୱେରୋ ସାମିଲ ଥିଲେ ଏହି ଦଳ ୪୫.୯୩ ସେକେଣ୍ଡ୍ ସମୟ ନେଇ ତୃତୀୟରେ ରହିଥିବାବେଳେ କର୍ଣ୍ଣାଟକ (୪୫.୨୧ ସେକେଣ୍ଡ) ଓ ରେଳବାଇ ସ୍ପୋର୍ଟସ ପ୍ରମୋସନ୍ ବୋର୍ଡ (୪୫.୨୯ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଓ ରେପ୍ୟ ପଦକ ଜିତି ନେଇଥିଲେ।

# ସମସ୍ତଙ୍କ ମୁହଁ ବନ୍ଦ କଲେ ଦୀପ୍ତି

## ମେଣ୍ଟାଲ୍, ମାଙ୍କଡ଼ ନାଁରେ ଚିଡ଼ାଉଥିଲେ, ମୁହଁ ବନ୍ଦ କଲା ପଦକ

ନୂଆଦିଲ୍ଲୀ,୬।୯: ଇଚ୍ଛାଶକ୍ତି ବଳରେ ସବୁକିଛି ହାସଲ କରିହେବ। ଏହା ସାରା ବିଶ୍ୱକୁ ଦେଖାଇଛି ପ୍ୟାରିସ୍ ପାରାଲିମ୍ପିକ୍ସ-୨୦୨୪ ସବୁ ବାଧାବିଘ୍ନକୁ ପଛରେ ପକାଇ ପାରା ଆଥଲେଟମାନେ ଏଠି ସେମାନଙ୍କ ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି। ଭାରତର ଦୀପ୍ତି ଜୀବନଜୀ ସେହି ପ୍ରେରଣାଦାୟକ ଆଥଲେଟଙ୍କ ମଧ୍ୟରେ ଅନ୍ୟତମ। ତାଙ୍କ ଯାତ୍ରା ଅତ୍ୟନ୍ତ ଆହ୍ୱାନଭରା ଥିଲା, ତଥାପି ସେ ହାର୍ ମାନିନଥିଲେ। ଚଳିତ ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ପାଇଁ ୧୬ତମ ପଦକ ହାସଲ କରିଛନ୍ତି ଦୀପ୍ତି।

ଗତ ମଙ୍ଗଳବାର, ଦୀପ୍ତି ଜୀବନଜୀ ମହିଳା ଟି -୨୦ ରେ ୪୦୦ ମିଟର ଦୌଡରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି ୫୫.୮୨ ସେକେଣ୍ଡେ ସେ ଦୌଡ଼ ଶେଷ କରି ଭାରତ ପାଇଁ କାଂସ୍ୟ ପଦକ ହାସଲ କରିଛନ୍ତି। ଏହା ପୂର୍ବରୁ ଜାପାନର କୋବ୍ରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ପାରା ଚାମ୍ପିଅନସିପର ଦୀପ୍ତି ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଦୀପ୍ତି ଆନ୍ଧ୍ରପ୍ରଦେଶର ।ରଙ୍ଗଲ ଜିଲ୍ଲାର କାଲେଦା ଗାଁର ବାସିନ୍ଦା। ବାପା-ମା ଜୀବନଜୀ ଯାଧାଗିରି ଓ ଜୀବନଜୀ ଧନଲକ୍ଷ୍ମୀ ଝିଅର ପିଲାଦିନର ସଂଘର୍ଷ ବେଳର କଥା ମନେପକାଇଛନ୍ତି। ପିଲାଦିନେ ଦିପ୍ତୀଙ୍କୁ ଲୋକେ କେମିତି ଥଟ୍ଟା କରୁଥିଲେ, ସେ କଥା ଗଣମାଧ୍ୟମକୁ ଜଣାଇଛନ୍ତି। ଦୀପ୍ତିଙ୍କ ବାପା-ମା




କହିଛନ୍ତି, ବୌଦ୍ଧିକ ବିକାର ସହ ଦୀପ୍ତି ଜନ୍ମ ହୋଇଥିଲେ। ସେ ସୂର୍ଯ୍ୟ ପରାଗ ସମୟରେ ଜନ୍ମ ହୋଇଥିଲା। ଜନ୍ମ ସମୟରେ ତାଙ୍କ ମୁଣ୍ଡ ଖୁବ୍ ଛୋଟ ଥିଲା। ଓଠ ଓ ନାକର ଗଠନ ଭିନ୍ନ ଥିଲା। ତାକୁ ଦେଖୁଥିବା ଗାଁର ପ୍ରତ୍ୟେକ ବ୍ୟକ୍ତି ଏବଂ କିଛି ପରିଜନ ତାକୁ ମେଣ୍ଟାଲ୍ ଓ ମାଙ୍କଡ଼ ନାଁରେ ସମ୍ବୋଧନ କରୁଥିଲେ। ଏପରିକି ଅନାଥାଶ୍ରମରେ ଝିଅକୁ ଛାଡ଼ିଦେବାକୁ ସେମାନେ ଆମକୁ କହୁଥିଲେ। ଆଜି ତାକୁ ବିଶ୍ୱ ଚାମ୍ପିଅନ୍ ହୋଇଥିବା ଦେଖିବା ପରେ ପ୍ରମାଣିତ ହୋଇଛି ଯେ ବାସ୍ତବରେ ସେ ଜଣେ ସ୍ୱତନ୍ତ୍ର ଝିଅ । ଦୀପ୍ତିଙ୍କ ମା କହିଛନ୍ତି, ଶ୍ୱଶୁରଙ୍କ ଦେହାନ୍ତ ପରେ ଘର ଚଳାଇବାକୁ ଆମକୁ ଚାଷ ଜମି ବିକ୍ରି କରିବାକୁ ପଡ଼ିଲା। ମୋ ସ୍ୱାମୀ ଦିନକୁ ୧୦୦-୧୫୦ ଟଙ୍କା ରୋଜଗାର କରୁଥିଲେ। ଗୁଜୁରାଣ ମେଣ୍ଟାଇବାକୁ ମୁଁ ଓ ଦୀପ୍ତିର ସାନ ଭଉଣୀ ଅମୂଲ୍ୟା କାମ କଲୁ ଦୀପ୍ତି ଅତ୍ୟନ୍ତ ଶାନ୍ତ ସ୍ୱଭାବର ଖୁବ୍ କମ୍ କଥା କହେ ଗାଁ ପିଲା ତାକୁ ଯେତେବେଳେ ଚିଡ଼ାନ୍ତି, ସେ ଘରକୁ ଆସି କାନ୍ଦେ। ତେଣୁ ମୁଁ ତାକୁ ମିଠା ଅନ୍ନ, ବେଳେବେଳେ ଚିକେନ୍ ଦେଉଥିଲି। ସେ ଖୁସି ହୋଇଯାଉଥିଲା। ଦୀପ୍ତିଙ୍କ ବଡ଼ ଉପଲବ୍ଧି ତାଙ୍କ ବାପାଙ୍କ ଖୁବ୍ ଭାବବିହ୍ୱଳ କରିଛି। ସେ କହିଛନ୍ତି ଯଦିଓ ଏହା ଆମ ପାଇଁ ଏକ ବହୁତ ବଡ଼ ଦିନ, ତଥାପି ମୁଁ କାମକୁ ଛାଡ଼ିପାରିଲି ନାହିଁ।କାରଣ କାମ ନ କଲେ ଆମ ଖାଇବା ବନ୍ଦ ହୋଇଯିବ। ସାରା ଦିନ ମୁଁ ପ୍ୟାରିସ୍ରେ ଦୀପ୍ତିର ପଦକ ବିଜୟ ବିଷୟରେ ଭାବୁଥିଲି ସେ ସର୍ବଦା ଆମକୁ ଖୁସି ଦେଇଛି ଏହି ପଦକ ଆମ ପାଇଁ ବହୁତ ବଡ଼ ଉପହାର।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ